EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524

READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews



ବର୍ଷ-୯ | ସଂଖ୍ୟା-୨୦ | ୨୬ ମଇ - ୧ ଜୁନ୍, ୨୦୨୫ | ଭୁବନେଶ୍ୱର | Monday Weekly | VOL-9 | ISSUE-20 | 26th MAY - 1st JUNE, 2025 | BHUBANESWAR | ₹ 5/- (8 Pages)

## 'ଦଶହରା ପୂର୍ବରୁ ଛାତ୍ର ସଂସଦ ନିର୍ବାଚନ'




**ଭୁବନେଶ୍ୱର :** ଦୀର୍ଘ ୭ ବର୍ଷ ହେଲା ଲାଗି ରହିଥିବା ପ୍ରତିକ୍ଷାର ହେବ ଅନ୍ତ। କଲେଜ୍ ଛାତ୍ରଛାତ୍ରୀଙ୍କ ପାଇଁ ବଡ଼ ଘୋଷଣା। ଦଶହରା ପୂର୍ବରୁ ହେବ ଛାତ୍ର ସଂସଦ ନିର୍ବାଚନ। ଏନେଇ ସୂଚନା ଦେଇଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ। ରାଜ୍ୟରେ ବିଜେପି ସରକାର ଆସିବା ପରେ ବିଜେଡି ସରକାର ସମୟରେ ବନ୍ଦ ହୋଇଥିବା ଛାତ୍ର ସଂସଦ ନିର୍ବାଚନକୁ ପୁଣି ଥରେ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ଅବସରରେ ମନ୍ତ୍ରୀ କହିଛନ୍ତି କଲେଜ ନିର୍ବାଚନ ପାଇଁ ଚିନ୍ତା କରୁଛି ଉଚ୍ଚଶିକ୍ଷା ବିଭାଗ। ପୂର୍ବ ସରକାର ସମୟରୁ କଲେଜ ନିର୍ବାଚନ ବନ୍ଦ ରହିଥିଲା। କଲେଜରେ ବିଶୃଙ୍ଖଳା, ପରେ କରୋନା ଏସବୁ ପାଇଁ ଛାତ୍ର ସଂସଦ ନିର୍ବାଚନ ବନ୍ଦ ରହିଥିଲା। ଏବର୍ଷ ଛାତ୍ର ସଂସଦ ନିର୍ବାଚନ ହେବା ନେଇ ପୂର୍ବରୁ ମଧ୍ୟ ରାଜ୍ୟ ସରକାର ସ୍ପଷ୍ଟ କରିଥିଲେ। ଗତ ବର୍ଷ ରାଜ୍ୟରେ ବିଜେପି ସରକାର ଆସିବା ପରେ ଛାତ୍ର ସଂସଦ ନିର୍ବାଚନ ଆରମ୍ଭ କରିବାକୁ ଦାବି ହୋଇଥିଲା। ମାତ୍ର ଯଥେଷ୍ଟ ସମୟ ନଥିବାରୁ ଗତବର୍ଷ ଛାତ୍ର ସଂସଦ ନିର୍ବାଚନ ହୋଇ ପାରିନଥିଲା। ୨୦୨୫ ରେ ନିର୍ବାଚନ ହେବ ବୋଲି ସେତେବେଳେ ଆଇନମନ୍ତ୍ରୀ ସ୍ପଷ୍ଟ କରିଥିଲେ। ୭ ବର୍ଷ ହେଲାଣି ଛାତ୍ର ସଂସଦ ନିର୍ବାଚନ ବନ୍ଦ ରହିଥିଲା। ଏଥିପାଇଁ କୋର୍ଟରେ ଜନସ୍ୱାର୍ଥ ମାମଲା ମଧ୍ୟ ରୁଜୁ ହୋଇଥିଲା। କ୍ୟାମ୍ପସ ନିର୍ବାଚନ କରିବାକୁ ବିଭିନ୍ନ ଛାତ୍ର ସଂଗଠନ ପକ୍ଷରୁ ଦାବି ହୋଇ ଆସୁଥିଲେ ମଧ୍ୟ ଏହାକୁ କର୍ଣ୍ଣପାତ କରୁନଥିଲେ ତତ୍କାଳୀନ ବିଜେଡି ସରକାର। ଯାହାକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା। ଛାତ୍ରସଂସଦ ନିର୍ବାଚନକୁ ଉଚ୍ଚ ଶିକ୍ଷା ବିଭାଗ କ୍ୟାଲେଣ୍ଡରରେ ଯୋଡ଼ିବା ସହ ନିର୍ବାଚନ କରନ୍ତୁ ବୋଲି ଦାବି ହୋଇ ଆସୁଥିଲା। ଶେଷ ଥର ପାଇଁ ୨୦୧୮ରେ କଲେଜ ନିର୍ବାଚନ ହୋଇଥିଲା଼ ଦୀର୍ଘ ୭ବର୍ଷ ପରେ ପୁଣି ଥରେ କଲେଜ ନିର୍ବାଚନ ହେବ ବୋଲି ସ୍ପଷ୍ଟ ହୋଇଛି।

### ଭୁବନେଶ୍ୱରରେ ଭିଡ଼ ହ୍ରାସ ପାଇଁ ବ୍ୟାପକ ଯୋଜନା

# ବିସ୍ଥାପିତ ହେବେ ୩୬୬ ପରିବାର

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ ଭୁବନେଶ୍ୱର-କଟକ ଟ୍ୱିନ ସିଟିରେ କାର୍ଯ୍ୟକାରୀ ହେଉଥିବା ପୂର୍ତ୍ତ ବିଭାଗର ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବୈଠକରେ ଭୁବନେଶ୍ୱରର ସମନ୍ୱିତ ବିକାଶ ଯୋଜନା ସହିତ ଟ୍ରାଫିକ୍ ଭିଡ ହ୍ରାସ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା। ଜୟଦେବ ବିହାରରୁ ନନ୍ଦନକାନନ ପର୍ଯ୍ୟନ୍ତ ଏକ ଏଲିଭେଟେଡ୍ କରିଡର, ପଟିଆ ଷ୍ଟେସନ ଛକରୁ



ସୁଆଙ୍ଗ ମୌଜା ପର୍ଯ୍ୟନ୍ତ ଦୟା ୱେଷ୍ଟ କେନାଲ ରାସ୍ତା ନିର୍ମାଣ, ସୁନ୍ଦରପଦାରୁ ଜଟଣୀ ରାସ୍ତାର ପ୍ରଶସ୍ତୀକରଣ, ଏବଂ କଳ୍ପନା ଛକ, ମ୍ୟୁଜିଅମ ଓ ଶିଶୁଭବନ ଛକରେ ୩ଟି ଫ୍ଲାଏ ଓଭର୍ ସହିତ ଏଜି ଛକରେ ଏକ ଅଣ୍ଡରପାସ୍ ନିର୍ମାଣ ପାଇଁ ଯୋଜନା ରଖାଯାଇଛି। ସେହିପରି ଇନଷ୍ଟିଚ୍ୟୁଟ ଅଫ୍ ମ୍ୟାଥମେଟିକସ୍ ରୁ ପଥର ଗାଡିଆ-ଉତ୍କଳ ହସ୍ପିଟାଲ-ରେଲ୍ ବିହାର ଦେଇ ଏକାମ୍ର କାନନ ପର୍ଯ୍ୟନ୍ତ ଲେଫ୍ଟ ପାରାଲେଲ୍ ରୋଡ୍ କାମ ମଧ୍ୟ ଜାରି ରହିଛି। ଏହା ସହିତ ଡମଣାରୁ ପ୍ରେସ୍ ଛକ, କଳାରାହାଙ୍ଗରୁ ବାରିମୁଣ୍ଡ ଓ କେଲୁଚରଣ ପାର୍କରୁ ବାରିମୁଣ୍ଡ ପର୍ଯ୍ୟନ୍ତ ୩ଟି ରାଇଟ୍ ➤ ପୃ-୬

### ସୁନ୍ଦରଗଡ ଖଣି ଦୁର୍ନୀତି ବିରୁଦ୍ଧରେ ମୁଖ୍ୟମନ୍ତ୍ରୀଙ୍କ କଡ଼ା ଆଭିମୁଖ୍ୟ

# ଭିଜିଲାନ୍ସ ହାତକୁ ଗଲା ତଦନ୍ତଭାର

**ଭୁବନେଶ୍ୱର :** ସୁନ୍ଦରଗଡ଼ ଜିଲ୍ଲାର ହେମଗିରି ଓ କୋଇଡ଼ା ତହସିଲରେ ହୋଇଥିବା ବ୍ୟାପକ ବେଆଇନ୍ ଖଣି ଉତ୍ତୋଳନ ଓ କାରବାରର ତଦନ୍ତ ଭିଜିଲାନ୍ସ ଦ୍ୱାରା କରାଯିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିନିମନ୍ତେ ଭିଜିଲାନ୍ସ ପକ୍ଷରୁ ଏକ ଏସ୍ଆଇଟି ଗଠନ କରାଯାଇଛି। ପୂର୍ବରୁ ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ବିଭାଗୀୟ ଅଧିକାରୀ ମାନଙ୍କ ସହ ଉକ୍ତ ବେଆଇନ ଖଣି ଉତ୍ତୋଳନ ସ୍ଥାନକୁ ଗସ୍ତ କରି ରିପୋର୍ଟ ସଂଗ୍ରହ କରିବା ସହ ଏଥି ନେଇ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା



କରିଥିଲେ। ମୁଖ୍ୟମନ୍ତ୍ରୀ ଦୁର୍ନୀତି ବିରୋଧରେ ବିଶେଷକରି ଖଣିଦୁର୍ନୀତି ସମ୍ପର୍କରେ ➤ ପୃ-୬

## 'ସୁପ୍ରିମ୍‌କୋର୍ଟ ସିଜେଆଇ କୈନ୍ଦ୍ରିକ, ପରିବର୍ତ୍ତନ ଆବଶ୍ୟକ'

**ନୂଆଦିଲ୍ଲୀ :** ନିଜର ଶେଷ କାର୍ଯ୍ୟ ଦିବସରେ ବଡ଼ କଥା କହିଛନ୍ତି ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ଏଏସ୍ ଓକା। ସେ ସୁପ୍ରିମକୋର୍ଟରେ ସଂସ୍କାର ଜରୁରୀ ବୋଲି ପାଇଁ ମତ ରଖିଛନ୍ତି। ଜଷ୍ଟିସ ଓକା କହିଛନ୍ତି, ସୁପ୍ରିମକୋର୍ଟ ହେଉଛି ପ୍ରଧାନ ବିଚାରପତି ବା ସିଜେଆଇ କୈନ୍ଦ୍ରିକ ଓ ଏଥିରେ ପରିବର୍ତ୍ତନ ଆବଶ୍ୟକ। ଜଷ୍ଟିସ ଓକା ସଙ୍କେତ ଦେଇଛନ୍ତି ଯେ ଏହି ପରିବର୍ତ୍ତନ ନୂଆ କରି ପ୍ରଧାନ ବିଚାରପତି ହୋଇଥିବା ଜଷ୍ଟିସ ବିଆର ଗବାଇଙ୍କ ସମୟରେ ହେବ। ଜଷ୍ଟିସ ଗବାଇ ଚଳିତ ମାସରେ ଦେଶର ୫୨ତମ ସିଜେଆଇ ଭାବେ ଶପଥ ନେଇଥିଲେ। ସେ ଏହି ପଦରେ ନଭେମ୍ବର ମାସ ଯାଏ ରହିବେ। ସୁପ୍ରିମକୋର୍ଟ ବାର ଆସୋସିଏସନ ପକ୍ଷରୁ ଜଷ୍ଟିସ ଓକାଙ୍କ ପାଇଁ ବିଦାୟକାଳୀନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜଷ୍ଟିସ ଓକା କହିଛନ୍ତି ଯେ ସୁପ୍ରିମକୋର୍ଟ ତୁଳନାରେ



ହାଇକୋର୍ଟ ଅଧିକ ଗଣତାନ୍ତ୍ରିକ ଉପାୟରେ କାମ କରୁଛି। ସେ କହିଛନ୍ତି, ହାଇକୋର୍ଟ ଗୁଡ଼ିକ କମିଟି ଜରିଆରେ କାମ କରୁଛନ୍ତି। କିନ୍ତୁ ସୁପ୍ରିମକୋର୍ଟ ହେଉଛି ପ୍ରଧାନ ବିଚାରପତି କୈନ୍ଦ୍ରିକ। ଗତ ୩ ବର୍ଷ ମଧ୍ୟରେ ମୁଁ ଅନୁଭବ କରିଛି ଯେ ସୁପ୍ରିମକୋର୍ଟ ଗୋଟିଏ ସିଜେଆଇ କୈନ୍ଦ୍ରିକ କୋର୍ଟ। ମୁଁ ଭାବୁଛି ଯେ ଆମକୁ ଏହା ବଦଳାଇବାକୁ ପଡ଼ିବ। ➤ ପୃ-୬

# ଖୁବ୍‌ଶୀଘ୍ର ନୂଆ ଅବକାରୀ ନୀତି : ମନ୍ତ୍ରୀ

**ଭୁବନେଶ୍ୱର :** ଆସନ୍ତା ଜୁନ ୧୫ରୁ ୨୦ ତାରିଖ ଭିତରେ ଆସିବ ନୂଆ ଅବକାରୀ ନୀତି। ଏନେଇ ସୂଚନା ଦେଇଛନ୍ତି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଏଥର ଆସୁଛି ୩ ବର୍ଷିଆ ଅବକାରୀ ନୀତି। ଚୋରା ମଦ ବିକ୍ରି ସହ ସଠିକ ରାଜସ୍ୱ କିପରି ଆସିବ ତାହାକୁ ଫୋକସ ଦେଇଛନ୍ତି ସରକାର। ମନ୍ତ୍ରୀ କହିଛନ୍ତି ୪ ଟି କମିଟି ବିଭିନ୍ନ ରାଜ୍ୟକୁ ଯାଇ ଅନୁଧ୍ୟାନ କରୁଛନ୍ତି। ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ବୈଠକ ସରିଛି। ଅବକାରୀ ସଚିବଙ୍କ ନେତୃତ୍ୱରେ ଏକ ଟିମ କିଛି ଦିନ ଭିତରେ ଆନ୍ଧ୍ରପ୍ରଦେଶ ଯିବେ। ବିଭିନ୍ନ ରାଜ୍ୟର ମଡେଲକୁ ଅନୁଧ୍ୟାନ କରାଯାଉଛି। ନୂଆ ସରକାର ରାଜ୍ୟର ଶାସନ ଭାର ହାତକୁ ନେବା ପରେ ବେଆଇନ ମାଦକ ଦ୍ରବ୍ୟ କାରବାର ଆନେକାଂଶରେ ହ୍ରାସ ପାଇଛି। ଅବକାରୀ ବିଭାଗ, ପୋଲିସ ପ୍ରଶାସନ ଏବଂ ସ୍ପେସାଲ୍ ସ୍କାର୍ଡ ଜରିଆରେ ନିୟମିତ ଚଢ଼ାଉ



କରାଯାଇ ଅନେକ ବେଆଇନ ମଦଭାଟିକୁ ବନ୍ଦ କରାଯିବା ସହ ପ୍ରସ୍ତୁତି ସାମଗ୍ରୀ ଓ ଗାଡ଼ି ଜବତ କରାଯିବା ସହିତ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ତଥାପି ଏ ଦିଗରେ ଅଧିକ କାର୍ଯ୍ୟ କରି ରାଜ୍ୟରୁ ବେଆଇନ ମାଦକ ଦ୍ରବ୍ୟ କାରବାରକୁ ସମ୍ପୂର୍ଣ୍ଣ ରୋକିବା ପାଇଁ ଆମ ସମସ୍ତଙ୍କୁ ଉଦ୍ୟମ କରିବାକୁ ପଡ଼ିବ ବୋଲି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଚଳିତ ୨୦୨୫ ମଇ ୩୧ରୁ ଜୁନ୍ ୨୬ ତାରିଖ ପର୍ଯ୍ୟନ୍ତ ସାରା ରାଜ୍ୟରେ ବେଆଇନ ମାଦକ ଦ୍ରବ୍ୟ ସେବନ ଓ କାରବାର ରୋକିବା ଦିଗରେ ସଚେତନତା କାର୍ଯ୍ୟକ୍ରମ ନେଇ ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ ଯେ ➤ ପୃ-୬

## 'ଶିଳ୍ପ ବିକାଶର ଏକ୍ତିଶାଳ କଳିଙ୍ଗ ନଗର'



**ଭୁବନେଶ୍ୱର :** ଓଡିଶାର ସମୃଦ୍ଧ ଶିଳ୍ପ ଇତିହାସରେ ଆଉ ଏକ ସଫଳତାର ପୃଷ୍ଠା ଯୋଡି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯାଜପୁରର କଳିଙ୍ଗନଗର ଠାରେ ୧ ଲକ୍ଷ ୧୫ ହଜାର କୋଟି ଟଙ୍କାର ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଶୁଭ ଉଦ୍‌ଘାଟନ କରିଛନ୍ତି। ମୁଖ୍ୟମନ୍ତ୍ରୀ, ସମୁଦାୟ ୨୦ଟି ପ୍ରକଳ୍ପର ଶିଳାନ୍ୟାସ ଓ ୪ଟି ନୂତନ ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିଛନ୍ତି। ଏହା ଦ୍ୱାରା ପ୍ରାୟ ୩୬ ହଜାର ନୂତନ ନିଯୁକ୍ତି ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ ଯେ, ଆଜି ପ୍ରାୟ ୪୯ ହଜାର କୋଟି ଟଙ୍କାର ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଏବଂ ପ୍ରାୟ ୬୬ ହଜାର କୋଟି ଟଙ୍କାର ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ ଯାଜପୁର ଜିଲ୍ଲାରେ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆଜିର ଏହି କାର୍ଯ୍ୟକ୍ରମ, ଶିଳାନ୍ୟାସ ନୁହେଁ, କି ଉଦ୍‌ଘାଟନ ନୁହେଁ, ଏହା ହେଉଛି ସମୃଦ୍ଧ ଓଡ଼ିଶାର ଭବିଷ୍ୟତର ନିର୍ମାଣ। ଏହିସବୁ ପ୍ରକଳ୍ପ ଯୋଗୁଁ ୩୬ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଏହା ଏକ ସଂଖ୍ୟା ନୁହେଁ। ପ୍ରତ୍ୟେକ ନିଯୁକ୍ତିର ଅର୍ଥ ହେଉଛି ଆମ ଗାଁର ଜଣେ ଯୁବକଙ୍କୁ ଆଉ ନିଯୁକ୍ତି ବାହାରକୁ ଯିବାକୁ ପଡ଼ିବ ନାହିଁ। ରାଜ୍ୟରେ ନିଯୁକ୍ତିର ଏକ ନୂଆ ଲହର ସୃଷ୍ଟି ହୋଇଛି। ➤ ପୃ-୬

### ବଦଳିବ ରାଜ୍ୟ କ୍ୟାବିନେଟର ଢାଞ୍ଚା

# ବ୍ୟୁରୋକ୍ରାଟ୍‌ଙ୍କ ଉପରେ ଲାଗିଲା ଅଙ୍କୁଶ

**ଭୁବନେଶ୍ୱର :** ରାଜ୍ୟରେ କ୍ୟାବିନେଟ୍ ବୈଠକ କେବେ ବସିବ, କେଉଁ ସମ୍ଭାବ୍ୟ ପ୍ରସଙ୍ଗ ଆଲୋଚନା ପାଇଁ ଆସିବ ତାହା ଜାଣିବା ବିଗତ କିଛିବର୍ଷ ଧରି ନା କେବଳ ଗଣମାଧ୍ୟମ ବରଂ ମନ୍ତ୍ରିମଣ୍ଡଳ ସଦସ୍ୟମାନଙ୍କ ପାଇଁ ଦୁରୂହ ବ୍ୟାପାର ଥିଲା। ବିଜେଡି ସରକାର ଅମଳରୁ କ୍ୟାବିନେଟ୍ ବୈଠକର ସମୟ ଓ ଏଜେଣ୍ଡାକୁ ନେଇ ଚାଲି ଆସିଥିବା ଢାଂଚାରେ ପ୍ରାୟ ୧୦ମାସ ପରେ ବ୍ରେକ୍ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ସରକାର। କ୍ୟାବିନେଟ୍ ବୈଠକ ଓ ଏଜେଣ୍ଡା ପ୍ରସ୍ତୁତି ଆଦିକୁ ନେଇ 'ରୁଲସ୍ ଅଫ ବିଜିନେସ୍'ର ତୃତୀୟ ଖଣ୍ଡରେ ଥିବା ପ୍ରାବଧାନକୁ ପୁଣିଥରେ କଡ଼ାକଡ଼ି ପାଳନ କରିବା ନିମନ୍ତେ ରାଜ୍ୟ ସରକାର ସମସ୍ତ ବିଭାଗୀୟ ସଚିବଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି। କ୍ୟାବିନେଟ୍ ବୈଠକ ପାଇଁ ଅତିକମରେ ୫ଦିନ ପୂର୍ବରୁ ନୋଟିସ୍ ଦେବା, ୩ଟି କାର୍ଯ୍ୟଦିବସ ପୂର୍ବରୁ ମେମୋରାଣ୍ଡମକୁ




ସଂସଦୀୟ ବ୍ୟାପାରକୁ ପଠାଇବା, ଏଜେଣ୍ଡାକୁ ୨ଦିନ ପୂର୍ବରୁ ମନ୍ତ୍ରୀମାନଙ୍କ ନିକଟକୁ ପଠାଯିବା ଭଳି ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇ ସରକାର ସିଧାସଳଖ କ୍ୟାବିନେଟ୍ ବୈଠକ ପ୍ରସଙ୍ଗରେ ସଚିବମାନଙ୍କ ମନମୁଖୀ କାରବାର ଉପରେ ରୋକ୍ ଲଗାଇଛନ୍ତି। ସଂସଦୀୟ ବ୍ୟାପାର ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସୁରେନ୍ଦ୍ର କୁମାର ଗତ ୯ତାରିଖରେ ଏକ ନିର୍ଦ୍ଦେଶନାମା ଜାରି କରି ରୁଲସ୍ ଅଫ ବିଜିନେସର ତୃତୀୟ ଖଣ୍ଡର ପ୍ରାବଧାନ ଓ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନରେ କ୍ୟାବିନେଟ୍ ବୈଠକର ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ, ସୁଚାରୁ ଓ ଗଣତାନ୍ତ୍ରିକ ପଦ୍ଧତିରେ କଡ଼ାକଡ଼ି ଅନୁପାଳନ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ଯାହାକି କ୍ୟାବିନେଟ୍ ବୈଠକର ପରିଚାଳନାକୁ ଆହୁରି ପ୍ରଭାବଶାଳୀ କରିବ ତଥା ସାଧାରଣ ଲୋକଙ୍କ ପ୍ରତି ସରକାରଙ୍କ ଉତ୍ତରଦାୟିତ୍ୱକୁ ସୁଦୃଢ଼ କରିବାରେ ସହାୟକ ହେବ ବୋଲି କୁହାଯାଇଛି। କ୍ୟାବିନେଟ୍ ବୈଠକ ବସିବାର ଅତିକମରେ ୫ଦିନ ପୂର୍ବରୁ ନୋଟିସ୍ ଜାରି ହେବ ଓ ଜରୁରୀ ଥିଲେ ମୁଖ୍ୟମନ୍ତ୍ରୀଙ୍କ ଅନୁମତିରେ ଏହି ସମୟସୀମାକୁ କୋହଳ କରାଯିବ। ସେହିପରି କ୍ୟାବିନେଟ ବୈଠକରେ ସ୍ଥାନ ପାଇବାକୁ ଥିବା ପ୍ରସ୍ତାବ(ମେମୋରାଣ୍ଡମ)କୁ ଅତି କମ୍‌ରେ ୩ଟି କାର୍ଯ୍ୟଦିବସ ପୂର୍ବରୁ (ସନ୍ଧ୍ୟା ୫ଟାସୁଦ୍ଧା) ସଂସଦୀୟ ବ୍ୟାପାର ବିଭାଗ ପାଖରେ ଅନ୍ୟ ବିଭାଗମାନେ ଦାଖଲ କରିବେ। କୌଣସି ଜରୁରୀ ପ୍ରସ୍ତାବ ଥିଲେ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ➤ ପୃ-୬

### ଇସ୍ରୋ କାନ୍ଧରେ ରାଷ୍ଟ୍ରର ସୁରକ୍ଷା ଦାୟିତ୍ୱ

## ୨୦୨୮ ସୁଦ୍ଧା ମହାକାଶରେ ଭାରତର ସ୍ପେଶ ଷ୍ଟେସନ



**ନୂଆଦିଲ୍ଲୀ:** କେବଳ ମହାକାଶ ଉପରେ ଗବେଷଣା କି ଅନ୍ୟ ଗ୍ରହରେ ଜୀବନ ସତ୍ତା ଖୋଜିବା ନୁହେଁ। ଦେଶ ସୁରକ୍ଷା ଉପରେ ମଧ୍ୟ ନିଜକୁ ଅବିରତ ସେବାରେ ଲଗାଇଛି ଭାରତୀୟ ମହାକାଶ ଗବେଷଣା ସଂସ୍ଥା ତଥା ଇସ୍ରୋ। ନିକଟରେ ଅପରେସନ ସିନ୍ଦୂର ଜରିଆରେ ଶତ୍ରୁ ରାଷ୍ଟ୍ର ପାକିସ୍ତାନର ଆତଙ୍କୀ ଆଡ୍ଡା ଉପରେ ପ୍ରଚଣ୍ଡ ପ୍ରହାର କରିଥିଲା ଭାରତୀୟ ସେନା। ଏହି ଅଭିଯାନରେ ପ୍ରତ୍ୟକ୍ଷ ଭୂମିକା ନଥିଲେ ମଧ୍ୟ ଉପଗ୍ରହ ଜରିଆରେ ସୀମା ସୁରକ୍ଷାରେ ରହିଥିଲା ବଡ଼ ଭୂମିକା। ଭୁବନେଶ୍ୱରରୁ ସିଟିଟିସି ପରିଦର୍ଶନରେ ଆସିଥିବା ବେଳେ ଇସ୍ରୋର ଦେଶ ସୁରକ୍ଷାରେ ଦାୟିତ୍ୱ ସମ୍ବନ୍ଧରେ ସୂଚନା ଦେଇଛନ୍ତି ଇସ୍ରୋ ଅଧକ୍ଷ ଡକ୍ଟର ଭି ନାରାୟଣ। ଦେଶର ସୀମା ସୁରକ୍ଷା ସହ ଖାଦ୍ୟ ନିରାପତ୍ତା, ଜଳ ନିରାପତ୍ତା, ଟେଲି ଏଜୁକେସନ ଓ ପାଣିପାଗ ଉପରେ ମଧ୍ୟ ଇସ୍ରୋ କାର୍ଯ୍ୟ କରୁଥିବା ସେ କହିଛନ୍ତି। ଚନ୍ଦ୍ରଯାନ-୩ର ସଫଳତା ପରେ ଏବେ ଆହୁରି ବଡ଼ ମିଶନ ଉପରେ କାର୍ଯ୍ୟ କରୁଛି ଭାରତୀୟ ମହାକାଶ ଗବେଷଣା ସଂସ୍ଥା। ଏବେ ଇସ୍ରୋ ଚନ୍ଦ୍ରଯାନ-୪ ଓ ଚନ୍ଦ୍ରଯାନ-୫ ଉପରେ କାମ କରୁଛି। ଚନ୍ଦ୍ରାୟନ ୪ ଏକ ସାମ୍ପୁଲ କଲେକ୍ସନ ମିଶନ ଭାବେ ଯିବ। ପ୍ରଥମ ଥର ଲାଗି ଏହି ମିଶନ ଚନ୍ଦ୍ରରୁ ନମୂନା ସଂଗ୍ରହ କରି ଭାରତକୁ ଫେରିବ। ଏହାପରେ ଚନ୍ଦ୍ରାୟନ -୫ ଜାପାନର ଜ୍ୟାକ ସହ ମିଶି ଲଞ୍ଚ କରାଯିବ। ସେହିପରି ଗଗନୟାନ ଉପରେ ମଧ୍ୟ କାମ କରୁଛି ଇସ୍ରୋ । ପ୍ରଥମ କ୍ରିୟୁଡ ମିଶନ ଏହି ବର୍ଷ ହେବ। ଏହାପରେ ଆଉ ୨ ଟି କ୍ରିୟୁଡ ମିଶନ ପରେ ୨୦୨୭ ପ୍ରଥମ ତ୍ରୟମାସରେ ସ୍ପେସ ଯାତ୍ରୀଙ୍କୁ ମହାକାଶକୁ ପଠାଯିବ। ୨୦୨୮ ସୁଦ୍ଧା ମହାକାଶରେ ଭାରତ ନିଜର ସ୍ପେଶ ଷ୍ଟେସନ ପ୍ରତିଷ୍ଠା କରିବ ବୋଲି ଇସ୍ରୋ ଅଧକ୍ଷ ଦେଇଛନ୍ତି ସୂଚନା। ଦେଶର ବିକାଶ ଦିଗରେ କାର୍ଯ୍ୟ କରୁଛି ଭାରତୀୟ ମହାକାଶ ଗବେଷଣା ସଂସ୍ଥା ଇସ୍ରୋ। ଆଉ ବିଭିନ୍ନ ମିଶନରେ ଇସ୍ରୋକୁ ସହାୟତା ଯୋଗାଇ ଓଡ଼ିଶାର ଗୌରବ ବଢ଼ାଉଛି ସିଟିଟିସି।

## ବକ୍ରବାଣୀ



ପାକିସ୍ତାନ ସହ ଲଢ଼େଇ ହେଲା
କେହି ଆମ ପଟେ ଠିଆ ନୋହିଲା
ବିଦେଶ ଗଲେଣି ସାଂସଦଗଣ
ଗାଇବାକୁ ପାକିସ୍ତାନର ଖୁଣ
ବିଶ୍ୱଗୁରୁ ଯାହା ପାରିଲେ ନାଇଁ
ସାଂସଦ ସେକଥା ଦେବେ ବୁଝାଇ ?
ଦେଶବାସୀ ଯେବେ ବୁଝନ୍ତି ନାହିଁ
ବିଦେଶୀ ସେକଥା ବୁଝିବେ କାହିଁ ?
ବୁଲାବୁଲି କରି ଫେରି ଆସିବେ
ଘରେ ଆସି ପଞ୍ଝା ଲଢ଼ଉଥିବେ।

— ଟୁଟୁ

### ପି.ଏମ୍. ଜନମନ୍ ଯୋଜନାର ଅଗ୍ରଗତି ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

# ଦୁର୍ଗମ ଅଞ୍ଚଳର ପରିସ୍ଥିତି ଅନୁଧ୍ୟାନ କର

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ ରାଜ୍ୟବ୍ୟାପୀ କାର୍ଯ୍ୟକାରୀ ହେଉଥିବା ପି. ଏମ୍. ଜନମନ୍ ଯୋଜନାର ପ୍ରଗତି ସମୀକ୍ଷା କରିଛନ୍ତି। ଏହି ସମୀକ୍ଷା ବୈଠକରେ ଉପସ୍ଥିତ ସମସ୍ତ ସଚିବ ମାନଙ୍କୁ, ରାଜ୍ୟର ୧୪ଟି ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଏହି ଯୋଜନାର ପ୍ରତ୍ୟେକ ଦୁର୍ଗମ ଅଞ୍ଚଳକୁ ପରିଦର୍ଶନରେ ଯାଇ ସେଠାକାର ପରିସ୍ଥିତି ପରଖିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳ ମାନେ ଓ ଜିଲ୍ଲା ସ୍ତରରେ କାର୍ଯ୍ୟକରୁଥିବା ବିଭାଗୀୟ ଅଧିକାରୀ ମାନେ ମଧ୍ୟ ଚିହ୍ନଟ ହୋଇଥିବା ପ୍ରତ୍ୟେକ ଗ୍ରାମ ଓ ଜନବସତିକୁ ଯାଇ ସେଠାକାର ସ୍ଥିତି ଅନୁଧ୍ୟାନ କରି ରିପୋର୍ଟ ଦେବାକୁ



ମଧ୍ୟ ମୁଖ୍ୟମନ୍ତ୍ରୀ ଏହି ବୈଠକରେ ନିର୍ଦ୍ଦେଶ ଦେଇ କହିଥିଲେ। ସୂଚନାଯୋଗ୍ୟ ଯେ, ପି. ଏମ୍. ଜନମନ୍ ଯୋଜନାରେ ଓଡ଼ିଶାର ୧୪ଟି ଜିଲ୍ଲାର ୫୫ଟି ବ୍ଲକ, ୧୭୫୧ ଟି ଗ୍ରାମ/ ଜନ ବସତି, ୨୮୯ଟି ଗ୍ରାମ ପଞ୍ଚାୟତ ଏବଂ ୨ ଟି ପୌର ପ୍ରଶାସିତ ଅଞ୍ଚଳ ଅନ୍ତର୍ଭୁକ୍ତ ଥିବା ବେଳେ ସମୁଦାୟ ୬୮,୬୦୫ଟି ପରିବାରର ୩,୧୪,୫୧୪ ଲୋକ ଏହି ଯୋଜନାର ସୁଫଳ ପାଇବେ। ବୈଠକରୁ ଜଣାଯାଇଛି ଯେ, ୨୦୨୬ ବର୍ଷ ଶେଷ ସୁଦ୍ଧା ୪୫,୪୦୮ଟି ଘର, ଗ୍ରାମ୍ୟ ଉନ୍ନୟନ ବିଭାଗ ପାଖରୁ ପ୍ରାୟ ୨୧୦ କିଲୋମିଟରର ପକ୍କା ସଡକ, ୧୬୪୬ ଟି ଗ୍ରାମକୁ ଟ୍ୟାପ୍ ଯୋଗେ ଜଳ ଯୋଗାଣ, ୩୫୧ଟି ଅଂଚଳରେ ମୋବାଇଲ ଟାୱାର ସଂଯୋଗୀକରଣ, ୪୦୫ଟି ଅଞ୍ଚଳର ଛାତ୍ର ଛାତ୍ରୀଙ୍କ ପାଇଁ ହଷ୍ଟେଲ ନିର୍ମାଣ, ➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ** ସ୍ୱାସ୍ଥ୍ୟ ପାଇଁ ସମୟ ଅନୁକୂଳ। ଖର୍ଚ୍ଚ ଉପରେ ଲଗାମ ଲଗାନ୍ତୁ। ବଡଲାଭର ଯୋଗ ଅଛି। କିଛି ଲୋକ ଆପଣଙ୍କୁ ପଛରୁ ଟାଣି ହଇରାଣ କରିପାରନ୍ତି, ଛାତ୍ରମାନଙ୍କ ମନ ଚଞ୍ଚଳ ରହିବ। ଉପକାର : ପ୍ରତିଦିନ ହନୁମାନ ଚାଳିସା ପାଠ କରନ୍ତୁ।

**ବୃଷ** ସ୍ୱାସ୍ଥ୍ୟ ଉତ୍ତମ ରହିବ। ତମାଖୁ ସେବନରୁ ଦୂରେଇ ରହନ୍ତୁ। ପରିବାରରେ ସୁଖ ମିଳିବ। ଭଲ ଖବର ମିଳିବ। କାର୍ଯ୍ୟକ୍ଷେତ୍ରରେ ସହଯୋଗ ମିଳିବ। ଛାତ୍ରମାନେ ପଢ଼ିବା ପାଇଁ ଶାନ୍ତବାତାବରଣ ପାଇବେ। ପ୍ରତିକାର : ପ୍ରତ୍ୟେକ କାମକୁ ପୂର୍ଣ୍ଣ ଏକାଗ୍ରତାରେ କରନ୍ତୁ।

**ମିଥୁନ** ନିଜର ଓ ପରିବାର କୌଣସି ବ୍ୟକ୍ତିଙ୍କୁ ପୁରୁଣା ରୋଗରୁ ମୁକ୍ତି ମିଳିବ। ଆୟ ପାଇଁ ଛୋଟ ରାସ୍ତା ଆପଣାଇ ପାରନ୍ତି। କୌଣସି ମକଦ୍ଦମାରେ ପଡି ପାରନ୍ତି। ପ୍ରତିକାର : ଅନାଥ ବା ଅନାଥାଶ୍ରମରେ ଖାଦ୍ୟ ଦାନ କରନ୍ତୁ।

**କର୍କଟ** ରକ୍ତଚାପ ରୋଗର ଶିକାର ହୋଇପାରନ୍ତି। ଆୟରେ ବୃଦ୍ଧି ହେବ। ପରିବାରରେ ଶାନ୍ତି ମିଳିବ। କୌଣସି ବସ୍ତୁ ହଜିପାରେ। ସହକର୍ମୀଙ୍କ ସହଯୋଗ ନିଅନ୍ତୁ। ପ୍ରତିକାର : ରୂପା ଗ୍ଲାସରେ ପାଣି ପିଅନ୍ତୁ।

**ସିଂହ** ଯାତ୍ରା ଜନିତ ଶରୀର ପୀଡା ହୋଇପାରେ। ଅଚାନକ ଧନପ୍ରାପ୍ତି ହେବ। ଛାତ୍ରମାନେ ଅନ୍ୟର ସହଯୋଗରେ କୌଣସି ପ୍ରୋଜେକ୍ଟ କରିପାରିବେ। ପ୍ରତିକାର : ପ୍ରତିଦିନ ସୂର୍ଯ୍ୟଦେବଙ୍କୁ ଜଳ ଅର୍ପଣ କରନ୍ତୁ।

**କନ୍ୟା** ମନକୁ ଶାନ୍ତି ଦେବା ପାଇଁ ଶରୀରକୁ କଷ୍ଟ ଦିଅନ୍ତୁ ନାହିଁ। ଖର୍ଚ୍ଚରେ ଲଗାମ ଦିଅନ୍ତୁ। ବନ୍ଧୁ ଓ ପରିବାରରେ ସୁନ୍ଦର ସମୟ କଟିବ। ବାହାନ ଚଳାଇବା ବେଳେ ସାବଧାନ ରହନ୍ତୁ। ପ୍ରତିକାର : ଗାଈଙ୍କୁ କଳାଚଣା ଖୁଆନ୍ତୁ।

**ତୁଳା** ସ୍ପଷ୍ଟବାଦୀ ହୁଅନ୍ତୁ। ମଦ୍ୟପାନରୁ ଦୂରରେ ରହନ୍ତୁ। ବ୍ୟୟରେ ବୃଦ୍ଧି ହେବ। ଛାତ୍ର ପରୀକ୍ଷାରେ ପରିଶ୍ରମରୁ କମ ଫଳ ପାଇପାରନ୍ତି। ପ୍ରତିକାର : ଛାତ୍ରମାନଙ୍କ ପାଠ୍ୟ ଉପକରଣ ବାଣ୍ଟନ୍ତୁ।

**ବିଛା** ଉତ୍ତମ ସ୍ୱାସ୍ଥ୍ୟ ରହିବ। ଅର୍ଥ ବିନିଯୋଗ ପାଇଁ ସମୟ ଅତ୍ୟନ୍ତ ଅନୁକୂଳ। ପରିବାରରେ ସମୟ ଦିଅନ୍ତୁ। କାର୍ଯ୍ୟ ଓ ଅର୍ଥରେ ସନ୍ତୁଳନ ରକ୍ଷା କରନ୍ତୁ। ଦମ୍ପତ୍ତିଙ୍କ ପୂର୍ବରୁ ଥିବା ବିବାଦର ସମାଧାନ ହେବ।

**ଧନୁ** ସ୍ୱାସ୍ଥ୍ୟରେ ଅବନତି ଦେଖାଦେବ। ବ୍ୟବସାୟରେ ଧନ ନିବେଶରୁ ଦୂରରେ ରହନ୍ତୁ। ଆବଶ୍ୟକ ସମୟରେ ବନ୍ଧୁ ବା ନିଜ ଲୋକ ଧୋକା ଦେଇ ପାରନ୍ତି। ପ୍ରତିକାର : ଶୁକ୍ରବାର ଦିନ ଗାଈଙ୍କୁ ଘାସ ଖୁଆନ୍ତୁ।

**ମକର** ଥଣ୍ଡା, ଶର୍ଦ୍ଦି ଜନିତ ରୋଗ ହୋଇପାରେ। ଆର୍ଥିକ ଅବସ୍ଥାରେ ସୁଧାର ହେବ। ବାପା ମାଆଙ୍କ ସ୍ୱାସ୍ଥ୍ୟ ବିଗିଡ଼ିପାରେ। କାର୍ଯ୍ୟକ୍ଷେତ୍ରରେ ନିଷ୍ପତ୍ତି ନେବାରେ ଅସମର୍ଥ ହେବେ। ପ୍ରତିକାର : ଦରିଦ୍ରଙ୍କୁ ଖାଇବାକୁ ଦିଅନ୍ତୁ।

**କୁମ୍ଭ** ବାପାମାଆଙ୍କ ସ୍ୱାସ୍ଥ୍ୟବସ୍ଥା ଚିନ୍ତାର ମୁଖ୍ୟକାରଣ ହେବ। ନିଜର ବାଣୀ ଉପରେ ଲଗାମ ଦିଅନ୍ତୁ। ଅହଙ୍କାର ତ୍ୟାଗ କରନ୍ତୁ। ଛାତ୍ରମାନଙ୍କ ସମୟ ଅନୁକୂଳ। କୌଣସି ବୀପରିତ ଲିଙ୍ଗଙ୍କଠାରୁ ପ୍ରେମର ସଙ୍କେତ ପାଇପାରନ୍ତି। ପ୍ରତିକାର୍ୟ ଭଗବାନଙ୍କୁ ଦର୍ଶନ କରନ୍ତୁ।

**ମୀନ** ଅନାବଶ୍ୟକ କଥାରୁ ଦୂରେଇ ରହନ୍ତୁ। ଧନଲାଭ ଯୋଗ ଅଛି। ପରିବାରରେ ସମର୍ଥନ ପାଇବେ ନାହିଁ। କାର୍ଯ୍ୟକ୍ଷେତ୍ରରେ ସଫଳତା ମିଳିବ। ଛାତ୍ରମାନେ ଅସୁବିଧା ଭୋଗୀ ପାରନ୍ତି। ପ୍ରତିକାର : ମଇଳା ବସ୍ତ୍ର ପିନ୍ଧନ୍ତୁ ନାହିଁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

## ବୈଶ୍ୱିକ ଯୁଦ୍ଧର ପରିସୀମା ବୃଦ୍ଧି ୫୦ ଦେଶର ୪୨୩ କୋଟି ପ୍ରଭାବିତ

**ନୂଆଦିଲ୍ଲୀ :** ରୁଷିଆ-ୟୁକ୍ରେନ୍ ଯୁଦ୍ଧଠାରୁ ନେଇ ଇସ୍ରାଏଲ୍ ଗାଜା ଆକ୍ରମଣ, ହେଜ୍‌ବୋଲ୍ଲାର ଟାର୍ଗେଟରୁ ଜଳଭାଗରେ ଜାହାଜଗୁଡ଼ିକୁ ହୁଟିଙ୍କ ଘନ ଘନ ରକେଟ ମାଡ଼। ବିଶ୍ୱର ବିଭିନ୍ନ ଭାଗରେ ଏପରି ସାମରିକ ସଂଘର୍ଷ ଲାଗିରହିଛି। ନିକଟରେ ଭାରତ-ପାକିସ୍ତାନ ସାମ୍ନାସାମ୍ନି ହେବାରୁ ବୈଶ୍ୱିକ ଯୁଦ୍ଧର ପରିସୀମା ବଢ଼ିଯାଇଥିଲା। ଏଭଳି ସ୍ଥିତିରେ ବିଶ୍ୱର ପ୍ରାୟ ଅଧା ଜନସଂଖ୍ୟା ସଂଘର୍ଷ ଦ୍ୱାରା ପ୍ରଭାବିତ ହୋଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି। ଆମର୍ଡ କନ୍‌ଫ୍ଲିକ୍ଟ ଲୋକେଶନ୍ ଆଣ୍ଡ୍ ଇଭେଣ୍ଟ ଡେଟା (ଏସିଏଲ୍‌ଇଡି) ରିପୋର୍ଟ ଅନୁସାରେ ୫୦ ଦେଶରେ ଯୁଦ୍ଧ ଓ ସଂଘର୍ଷ ଯୋଗୁ ବର୍ଷକ ଭିତରେ ୪୨୩ କୋଟି ଲୋକ ପ୍ରଭାବିତ ହୋଇଛନ୍ତି। ଅନ୍ୟୂନ ୧୦ ଦେଶରେ ଅତ୍ୟଧିକ ସଂଘର୍ଷ ସ୍ଥିତି ରହିଥିବାବେଳେ ୨୦ରେ ଉଚ୍ଚ ସଂଘର୍ଷ ଓ ଅସୁବିଧା ଲାଗି ରହିଛି। ୨୦୨୪ରେ ଗାଜା ସବୁଠୁ ବିପଜ୍ଜନକ ଥିବାବେଳେ ମ୍ୟାନ୍‌ମାରରେ ପ୍ରତି ସପ୍ତାହରେ ୧୭୦ ସଶସ୍ତ୍ର ସଂଘର୍ଷ ଚାଲିଥିଲା। ୟୁକ୍ରେନ୍ ଯୁଦ୍ଧକୁ ସବୁଠୁ ଘାତକ ସଂଘର୍ଷ ରୂପେ ଦର୍ଶାଯାଇଛି। ୨୦୨୫ ମେ’ ୭ରୁ ୧୦ ପର୍ଯ୍ୟନ୍ତ ଭାରତ ପାକିସ୍ତାନର ଅନେକ ଆତଙ୍କବାଦୀ ଭିତ୍ତିଭୂମିକୁ ଧ୍ୱଂସ କରିଦେଇଛି। ଶୀତଳଯୁଦ୍ଧ ପରେ ବିଶ୍ୱରେ ହିଂସା ସର୍ବାଧିକ ସ୍ତରରେ ରହିଥିବା ଜଣେ ବିଶ୍ଳେଷକ କହିଛନ୍ତି।


**ମୋର୍ଗାନ ଷ୍ଟାନଲେର ଅନୁମାନ**

## ୨୦୨୬ରେ ଭାରତର ଅର୍ଥନୈତିକ ଅଭିବୃଦ୍ଧି ୬.୨%



**ନୂଆଦିଲ୍ଲୀ :** ବିଶ୍ୱ ଆର୍ଥିକ ସେବା ସଂସ୍ଥା ମୋର୍ଗାନ ଷ୍ଟାନଲେ ଭାରତୀୟ ଅର୍ଥନୀତି ପାଇଁ ଏହାର ବୃଦ୍ଧି ପୂର୍ବାନୁମାନକୁ ସାମାନ୍ୟ ବୃଦ୍ଧି କରି ୨୦୨୬ ଆର୍ଥିକ ବର୍ଷ ପାଇଁ ୬.୨ ପ୍ରତିଶତ (ପୂର୍ବରୁ ୬.୧%) ଏବଂ ୨୦୨୭ ଆର୍ଥିକ ବର୍ଷ ପାଇଁ ୬.୫ ପ୍ରତିଶତ (ପୂର୍ବରୁ ୬.୩%) ନିର୍ଦ୍ଧାରଣ କରିଛି। ଆମେ ଆମର ବୃଦ୍ଧି ପୂର୍ବାନୁମାନକୁ ୨୦୨୬ ପାଇଁ ୬.୨% (ପୂର୍ବରୁ ୬.୧%) ଏବଂ ୨୦୨୭ ପାଇଁ ୬.୫% (ପୂର୍ବରୁ ୬.୩%) ବୃଦ୍ଧି କରିଛୁ, ଯାହା ଯୁକ୍ତରାଷ୍ଟ୍ର-ଚୀନ ବାଣିଜ୍ୟ ଉତ୍ତେଜନା ହ୍ରାସ ହେବା ଦ୍ୱାରା ବାହ୍ୟ ଚାହିଦାର ଦୃଷ୍ଟିକୋଣକୁ ମାର୍ଜିନରେ ଉନ୍ନତ କରୁଛି ବୋଲି ମର୍ଗାନ ଷ୍ଟାନଲେଙ୍କ ରିପୋର୍ଟରେ କୁହାଯାଇଛି। ଏହି ଆର୍ଥିକ ସେବା ସଂସ୍ଥା ଭାରତର ଜିଡିପି ବୃଦ୍ଧି ପୂର୍ବାନୁମାନର ଏହି ସଂଶୋଧନ ପଛରେ ଘରୋଇ ଅର୍ଥନୈତିକ ଶକ୍ତିକୁ କାରଣ ଭାବେ ଉଲ୍ଲେଖ କରିଛି। ରିପୋର୍ଟ ଅନୁଯାୟୀ, ବିଶ୍ୱବ୍ୟାପୀ ଅନିଶ୍ଚିତତା ମଧ୍ୟରେ ଘରୋଇ ଚାହିଦା ଭାରତର ବୃଦ୍ଧିର ମୁଖ୍ୟ ଚାଳକ ହେବ। ବାହ୍ୟ ପରିସ୍ଥିତିରେ ଚାଲୁଥିବା ଅନିଶ୍ଚିତତା ମଧ୍ୟରେ ଘରୋଇ ଚାହିଦା ପ୍ରବୃତ୍ତି ଭାରତର ବୃଦ୍ଧି ଗତିର ମୁଖ୍ୟ ଚାଳକ ହେବ ବୋଲି ମୋର୍ଗାନ ଷ୍ଟାନଲେ ଯୋଗ କରିଛନ୍ତି। ସଂସ୍ଥା ଆହୁରି କହିଛି ଯେ, ସରକାରଙ୍କ ନୀତିଗତ ସମର୍ଥନ ଜାରି ରହିବ ଏବଂ ଏହା ଘରୋଇ ଚାହିଦା ଏବଂ ବୃଦ୍ଧିକୁ ବୃଦ୍ଧି କରିବ। ନୀତିଗତ ସମର୍ଥନ ସହଜ ମୁଦ୍ରା ନୀତି ମାଧ୍ୟମରେ ଜାରି ରହିବ, ଯେତେବେଳେ ଆର୍ଥିକ ନୀତି ମୂଳଧନ ବ୍ୟୟ (କ୍ୟାପେକ୍ସ)କୁ ପ୍ରାଥମିକତା ଦେବ। ମାକ୍ରୋ ସ୍ଥିରତା ଦୃଢ଼ ବଫର ସହ ଆରାମଦାୟକ ଅଞ୍ଚଳରେ ରହିବ ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି। ବ୍ରୋକିଂ ସଂସ୍ଥା ଆହୁରି କହିଛି ଯେ, ଘରୋଇ ଚାହିଦା ମଧ୍ୟରେ ଖରଚ ପୁନରୁଦ୍ଧାର ଅଧିକ ବ୍ୟାପକ ହେବ, ଯେଉଁଥିରେ ସହରୀ ଚାହିଦା ଉନ୍ନତି ହେବ ଏବଂ ଗ୍ରାମୀଣ ଖରଚ ସ୍ତର ପୂର୍ବରୁ ଦୃଢ଼ ରହିଛି। ବିନିଯୋଗ କ୍ଷେତ୍ରରେ, ଏହା ଯୋଗ କରିଛି ଯେ, ସାର୍ବଜନୀନ ଏବଂ ଗୃହସ୍ଥ ମୂଳଧନ ବ୍ୟୟ (କ୍ୟାପେକ୍ସ) ବୃଦ୍ଧିକୁ ଚାଳନା କରୁଛି, ଯେତେବେଳେ ଘରୋଇ କର୍ପୋରେଟ କ୍ୟାପେକ୍ସ ଧୀରେ ଧୀରେ ପୁନରୁଦ୍ଧାର ହେବ ବୋଲି ଆଶା କରାଯାଉଛି। ଘରୋଇ ଚାହିଦା ମଧ୍ୟରେ, ଆମେ ଆଶା କରୁଛୁ ଯେ ଖରଚ ପୁନରୁଦ୍ଧାର ଅଧିକ ବ୍ୟାପକ ହେବ, ଯେଉଁଥିରେ ସହରୀ ଚାହିଦା ଉନ୍ନତି ହେବ ଏବଂ ଗ୍ରାମୀଣ ଖରଚ ସ୍ତର ପୂର୍ବରୁ ଦୃଢ଼ ରହିଛି। ବିନିଯୋଗ ମଧ୍ୟରେ, ଆମେ ସାର୍ବଜନୀନ ଏବଂ ଗୃହସ୍ଥ କ୍ୟାପେକ୍ସ ବୃଦ୍ଧିକୁ ଚାଳନା କରୁଥିବା ଦେଖୁଛୁ, ଯେତେବେଳେ ଘରୋଇ କର୍ପୋରେଟ କ୍ୟାପେକ୍ସ ଧୀରେ ଧୀରେ ପୁନରୁଦ୍ଧାର ହେବ ବୋଲି ଆମେ ଆଶା କରୁଛୁ ବୋଲି ମୋର୍ଗାନ ଷ୍ଟାନଲେ ରିପୋର୍ଟରେ କୁହାଯାଇଛି। ନୀତି କ୍ଷେତ୍ରରେ, ବ୍ରୋକରେଜ ସଂସ୍ଥାଗୁଡ଼ିକ ଆକଳନ କରିଛନ୍ତି ଯେ କେନ୍ଦ୍ରୀୟ ବ୍ୟାଙ୍କ ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ (ଆରବିଆଇ) ବୃଦ୍ଧିରେ ମାନ୍ଦାବସ୍ଥା ଏବଂ ନିୟନ୍ତ୍ରିତ ମୂଲ୍ୟବୃଦ୍ଧି ହାର ହେତୁ ଗଭୀର ସହଜ ଚକ୍ର ଜାରି ରଖିବ। ଆର୍ଥିକ ନୀତି କ୍ଷେତ୍ରରେ, ଆମେ ଆଶା କରୁଛୁ ଯେ ବଜେଟରେ ନିର୍ଦ୍ଧାରିତ ଏକୀକରଣ ପଥ ଆମର ମୌଳିକ ମାମଲାରେ ବଜାୟ ରହିବ, ଯେଉଁଥିରେ କ୍ୟାପେକ୍ସକୁ ପ୍ରୋତ୍ସାହନ ଦେବା ଉପରେ ଧ୍ୟାନ ଦିଆଯିବ ବୋଲି ମୋର୍ଗାନ ଷ୍ଟାନଲେ ଯୋଗ କରିଛନ୍ତି। ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ (ଆରବିଆଇ) ୨୦୨୬ ଆର୍ଥିକ ବର୍ଷ ପାଇଁ ୬.୫ ପ୍ରତିଶତ ଜିଡିପି ବୃଦ୍ଧିର ପୂର୍ବାନୁମାନ କରିଛି।


## ପାକିସ୍ଥାନରେ ନଦୀବନ୍ଧ ନିର୍ମାଣ କରିଛି ଚୀନ୍



**ନୂଆଦିଲ୍ଲୀ :** ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ସିନ୍ଧୁନଦୀ ଜଳ ଚୁକ୍ତି (ଆଇଡବ୍ଲ୍ୟୁଟି)କୁ ସ୍ଥଗିତ ରଖିଥିବାରୁ ପାକିସ୍ତାନ ବିଚଳିତ ହୋଇଯାଇଛି। ଏହାର ଜଳ ସୁରକ୍ଷା ବଢ଼ାଇବା ପାଇଁ ସ୍ୱାତ୍ ନଦୀରେ ମହମନ୍ଦ ଡ୍ୟାମ୍ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲାଗି ପାକିସ୍ତାନ ଚାଇନାକୁ ଅନୁରୋଧ କରିବାକୁ ବାଧ ହୋଇଛି। ଭାରତ ଜଳଯୋଗାଣ ବନ୍ଦ କରିଦେବାର ଧମକ ଦେବା ପରେ ପାକିସ୍ତାନରେ ମହତ୍ୱାକାଂକ୍ଷୀ ନଦୀବନ୍ଧ ପ୍ରକଳ୍ପ ନିର୍ମାଣ କାର୍ଯ୍ୟକୁ ଜୋର୍ଦାର କରାଯାଇଥିବା ଚାଇନା ସରକାରୀ ଖବର ସରବରାହ ସଂସ୍ଥା ପକ୍ଷରୁ ପ୍ରକାଶ ପାଇଛି। ଭାରତ ସିନ୍ଧୁନଦୀ ଜଳ ଚୁକ୍ତି ସ୍ଥଗିତ ରଖିବାର କିଛି ମାସ ପୂର୍ବରୁ ୨୦୨୪ ସେପ୍ଟେମ୍ବରରେ ମହମନ୍ଦ ଡ୍ୟାମ୍ ପ୍ରୋଜେକ୍ଟ କାର୍ଯ୍ୟ ତ୍ୱରାନ୍ୱିତ ହୋଇଥିବା ସାଟେଲାଇଟ୍ ଚିତ୍ରରୁ ଦେଖିବାକୁ ମିଳିଛି। ୟୁରୋପୀୟ ସ୍ପେସ୍ ଏଜେନ୍ସିର ହସ୍ତଗତ ହୋଇଥିବା ସାଟେଲାଇଟ୍ ଚିତ୍ରରେ ଗତ ସେପ୍ଟେମ୍ବରରେ ମହମନ୍ଦ ଡ୍ୟାମ୍‌ର ମୁଖ୍ୟ ବନ୍ଧ କାର୍ଯ୍ୟ ଦେଖିବାକୁ ମିଳିଛି। ଗତ ୧୭ ତାରିଖର ସାଟେଲାଇଟ୍ ଚିତ୍ରରେ ପଥର ବନ୍ଧ ନିକଟରେ ବିପୁଳ ପରିମାଣର ସିମେଣ୍ଟ ଓ ଅନ୍ୟ ସାମଗ୍ରୀରେ ନିର୍ମାଣ କାର୍ଯ୍ୟ ଚାଲିଥିବା ଦେଖାଯାଇଥିବାରୁ ପ୍ରକଳ୍ପ କାର୍ଯ୍ୟ ଅଗ୍ରିମ ପର୍ଯ୍ୟାୟରେ ପହଞ୍ଚିବାର ସୂଚନା ମିଳୁଛି।

## ପାଣି ପାଇଁ ଆହୁରି ଡହଳ ବିକଳ ହେବ ପାକିସ୍ତାନ


### ଭାରତ ପରେ ଆଫଗାନିସ୍ତାନ ଦେଲା ବଡ ଝଟକା



**ନୂଆଦିଲ୍ଲୀ :** ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ପାକିସ୍ତାନ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ସିନ୍ଧୁ ଜଳ ଚୁକ୍ତିନାମାକୁ ସ୍ଥଗିତ କରିଥିଲା। ଫଳରେ ପାକିସ୍ତାନ ପାଣି ପାଇଁ ଡହଳ ବିକଳ ହେଉଥିବା ବେଳେ ଏବେ ଜଳକୁ ନେଇ ପୁଣି ଚିନ୍ତାରେ ପଡିଛି ପାକିସ୍ତାନ। କାରଣ ଭାରତ ସିନ୍ଧୁ ନଦୀ ଜଳ ବନ୍ଦ କରିବା ପରେ ଏବେ ଆଫଗାନିସ୍ତାନ ମଧ୍ୟ ପାକିସ୍ତାନ ଆଡକୁ ପ୍ରବାହିତ ହେଉଥିବା ପାଣିକୁ ରୋକିବା ପାଇଁ ଏକ ବନ୍ଧ ନିର୍ମାଣ କରିବାକୁ ପ୍ରସ୍ତୁତି କରିଥିବାରୁ ପାକିସ୍ତାନକୁ ଏହା ଆଉ ଏକ ଝଟକା ଲାଗିଛି। ତାଲିବାନ ସରକାରଙ୍କ ସେନା ଜେନେରାଲ ମୁବିନ୍ କୁନାର ନଦୀ ଉପରେ ନିର୍ମିତ ବନ୍ଧର ଯାଞ୍ଚ କରିଛନ୍ତି। ତାଲିବାନ ସରକାର କୁନାର ନଦୀରେ ଏକ ବଡ଼ ବନ୍ଧ ନିର୍ମାଣ କରିବା ନେଇ ଦ୍ରୁତ ଗତିରେ କାମ କରୁଛନ୍ତି। ଯାହାକି ଭବିଷ୍ୟତରେ ପାକିସ୍ତାନ ପାଇଁ ଗମ୍ଭୀର ଜଳ ସଙ୍କଟ ସୃଷ୍ଟି କରିପାରେ। ସୋମବାର ଦିନ ଏକ୍ସରେ ପୋଷ୍ଟ କରି ବେଲୁଚ୍ ନେତା ମୀର ଯାର ବାଲୁଚ୍ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ‘ତାଲିବାନ ସରକାର ଏକ ବନ୍ଧ ନିର୍ମାଣ କରିବାକୁ ଯାଉଛନ୍ତି, ଯାହାକି ପାକିସ୍ତାନକୁ ପାଣି ପ୍ରବାହକୁ ବନ୍ଦ କରିଦେବ। ଏହି ବନ୍ଧ ନିର୍ମାଣ ଲାଗି ପାଣ୍ଠି ସଂଗ୍ରହ କରିବାକୁ ଜେନେରାଲ ମୁବିନ୍ ତାଲିବାନ ସରକାରଙ୍କୁ ନିବେଦନ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଏହି ପାଣି ଆମର ରକ୍ତ ପରି ଏବଂ ଆମେ ଆମର ରକ୍ତକୁ ଆମ ଶରୀରରୁ ବାହାରକୁ ବହିବାକୁ ଦେଇପାରିବୁ ନାହିଁ।

**ଗ୍ଲୋବାଲ ଫରେଷ୍ଟ ୱାଚ୍ ରିପୋର୍ଟ**

## ୧୮,୨୦୦ ହେକ୍ଟର ଜଙ୍ଗଲ ହରାଇଛି ଭାରତ



**ନୂଆଦିଲ୍ଲୀ :** ୨୦୨୪ରେ ଭାରତ ୧୮,୨୦୦ ହେକ୍ଟରର ପ୍ରାକୃତିକ ଜଙ୍ଗଲ ହରାଇଛି। ଗ୍ଲୋବାଲ ଫରେଷ୍ଟ ୱାଚ୍ ଏବଂ ୟୁନିଭର୍ସିଟି ଅଫ୍ ମେରିଲାଣ୍ଡ ପକ୍ଷରୁ ଏ ସମ୍ପର୍କିତ କରାଯାଇଥିବା ଏକ ଅଧ୍ୟୟନର ରିପୋର୍ଟକୁ ପ୍ରକାଶ କରାଯାଇଛି। ରିପୋର୍ଟ ଅନୁଯାୟୀ, ୨୦୨୩ରେ ଭାରତ ୧୭,୭୦୦ ହେକ୍ଟର ପ୍ରାକୃତିକ ଜଙ୍ଗଲ ହରାଇଥିଲା। ସେହିପରି ୨୦୦୧ରୁ ବର୍ତ୍ତମାନ ସୁଦ୍ଧା ଦେଶରେ ୨.୩୧ ମିଲିୟନ ହେକ୍ଟରର ବୃକ୍ଷ ପରିବେଷ୍ଟିତ କ୍ଷେତ୍ର ନଷ୍ଟ ହୋଇସାରିଛି। ଏହି ଅବଧି ମଧ୍ୟରେ ଦେଶର ବୃକ୍ଷ ପରିବେଷ୍ଟିତ କ୍ଷେତ୍ର ୭.୧% ହ୍ରାସ ଘଟିଛି, ଯାହା ୧.୨୯ ଗିଗାଟନ ଅଙ୍ଗାରକାମ୍ଳ ନିର୍ଗମନ ସହ ସମାନ ବୋଲି ଏହି ରିପୋର୍ଟ କହିଛି। ୨୦୦୨ରୁ ୨୦୨୪ ମଧ୍ୟରେ ଦେଶ ୩ ଲକ୍ଷ ୪୮ ହଜାର ହେକ୍ଟରର ଆଦର୍ଶ ପ୍ରାକୃତିକ ଜଙ୍ଗଲ ହରାଇଛି, ଯାହା ମୋଟ ଆଦର୍ଶ ପ୍ରାକୃତିକ ଜଙ୍ଗଲର ୫.୪% ରହିଛି। ୨୦୧୯ରୁ ୨୦୨୪ ମଧ୍ୟରେ ଭାରତ ୧ ଲକ୍ଷ ୩ ହଜାର ହେକ୍ଟରର ଆଦର୍ଶ ପ୍ରାକୃତିକ ଜଙ୍ଗଲ ହରାଇଛି, ଯାହା ଉକ୍ତ ଅବଧିରେ ନଷ୍ଟ ହୋଇଥିବା ବୃକ୍ଷ ପରିବେଷ୍ଟିତ କ୍ଷେତ୍ରର ୧୪% ହୋଇଥିବା ରିପୋର୍ଟ କହିଛି। ୨୦୨୨ରେ ଦେଶ ୧୬,୯୦୦ ହେକ୍ଟର, ୨୦୨୧ରେ ୧୮,୩୦୦ ହେକ୍ଟର, ୨୦୨୦ରେ ୧୭,୦୦୦ ହେକ୍ଟର, ୨୦୧୯ରେ ୧୪,୫୦୦ ହେକ୍ଟରର ଆଦର୍ଶ ପ୍ରାଥମିକ ଜଙ୍ଗଲ ହରାଇଛି। ଗ୍ଲୋବାଲ ଫରେଷ୍ଟ ୱାଚ୍‌ର ଗବେଷକମାନେ ଲ୍ୟାଣ୍ଡସାଟ୍ ସାଟେଲାଇଟ ଚିତ୍ର ଏବଂ ପ୍ରତ୍ୟେକ ଅଞ୍ଚଳ ପାଇଁ ସ୍ୱତନ୍ତ୍ର ଆଲ୍‌ଗୋରିଦମର ବ୍ୟବହାର କରି ଭାରତର ବିଭିନ୍ନ ଜଙ୍ଗଲକୁ ଚିହ୍ନଟ କରି ଏହି ଅଧ୍ୟୟନ କରିଛନ୍ତି।

## ‘ବୈବାହିକ ବଳାତ୍କାର ଆଇନତଃ ଅପରାଧ ନୁହେଁ’




**ନୂଆଦିଲ୍ଲୀ :** ଦିଲ୍ଲୀ ହାଇକୋର୍ଟ ଏକ ଐତିହାସିକ ରାୟରେ ବୈବାହିକ ବଳତ୍କାର ଆଇନତଃ ଅପରାଧ ନୁହେଁ ବୋଲି କହିଛନ୍ତି। ସେହିପରି କୋର୍ଟ ମାମଲାରେ ଅଭିଯୁକ୍ତଙ୍କ ବିରୋଧରେ ପତ୍ନୀଙ୍କ ସହିତ ‘ଅପ୍ରାକୃତିକ’ ଯୌନ ସମ୍ପର୍କ ସ୍ଥାପନା ଲାଗି ମକଦ୍ଦମା ଚଳାଇବା ଆଦେଶକୁ ରଦ୍ଦ କରିଦେଇଛନ୍ତି। କୋର୍ଟ କହିଛନ୍ତି ଯେ ଭାରତୀୟ ଦଣ୍ଡ ସଂହିତା (ଆଇପିସି) ଧାରା ୩୭୭ରେ ଏପରି କୃତ୍ୟ ଲାଗି ଦଣ୍ଡିତ କରିବା ବୈବାହିକ ସମ୍ପର୍କ ଉପରେ ଲାଗୁ ହେଉ ନାହିଁ। ହାଇକୋର୍ଟଙ୍କ ବିଚାରପତି ଜଷ୍ଟିସ୍ ସ୍ୱର୍ଣ୍ଣକାନ୍ତା ଶର୍ମା ନିମ୍ନ କୋର୍ଟଙ୍କ ଆଦେଶ ବିରୋଧରେ ଅଭିଯୁକ୍ତଙ୍କ ଆବେଦନ ଉପରେ ଶୁଣାଣି କରୁଥିଲେ, ଯେଉଁଥିରେ ଅଭିଯୁକ୍ତଙ୍କୁ ପତ୍ନୀଙ୍କ ସହିତ ଅପ୍ରାକୃତିକ ଯୌନ କ୍ରିୟା ପାଇଁ ଧାରା ୩୭୭ ଅନୁସାରେ ଅଭିଯୋଗ ଫ୍ରେମ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ କୋର୍ଟ ରାୟରେ କହିଛନ୍ତି ଯେ ଆଇନ ବୈବାହିକ ବଳତ୍କାରକୁ ସ୍ୱୀକାର କରେ ନାହିଁ। କୋର୍ଟ କହିଛନ୍ତି ଯେ ଏହା ମାନିବାକୁ କୌଣସି ଆଧାର ନାହିଁ ଯେ ପତିକୁ ଆଇପିସିର ଧାରା ୩୭୫ (୨) ଦୃଷ୍ଟିରୁ ଧାରା ୩୭୭ରେ ପ୍ରସିକ୍ୟୁସନର ସଂରକ୍ଷଣ ମିଳିବ। କାରଣ ଆଇନ (ଆଇପିସିର ସଂଶୋଧିତ ଧାରା ୩୭୫)ଏବେ ବୈବାହିକ ସମ୍ବନ୍ଧରେ ଅପ୍ରାକୃତିକ ଯୌନ ସମ୍ଭୋଗକୁ ମଧ୍ୟ ସହମତି ମନେ କରୁଛି। ହାଇକୋର୍ଟ କହିଛନ୍ତି ଯେ ପତ୍ନୀ କେଉଁଠାରେ ହେଲେ ସ୍ପଷ୍ଟ ରୂପେ ଏହି କାର୍ଯ୍ୟ ତାଙ୍କ ଇଚ୍ଛା ବିରୋଧରେ ହେଉଥିଲା ବୋଲି ଉଲ୍ଲେଖ କରିନାହାନ୍ତି। କୋର୍ଟ କହିଛନ୍ତି ଯେ ନଭତେଜ ସିଂ ଜୋହରଙ୍କ(ମାମଲା) ପରଠାରୁ ଭାରତୀୟ ଦଣ୍ଡ ସଂହିତାର ଧାରା ୩୭୭ରେ କୌଣସି ଦୁଇ ଜଣ ବୟସ୍କଙ୍କ ମଧ୍ୟରେ ଅପରାଧ ଶ୍ରେଣୀକୁ ଆସୁଥିବା ସହମତିର ଅଭାବର ଆବଶ୍ୟକ ତତ୍ୱ ସ୍ପଷ୍ଟ ରୂପେ ଅନୁପଲବ୍ଧ ରହିଛି। ଏଣୁ ପ୍ରାଇମାଫେସି ମାମଲା ସନ୍ଦିଗ୍ଧ ଲାଗୁଛି। ନବତେଜଙ୍କ ମାମଲାରେ ସର୍ବୋଚ୍ଚନ୍ୟାୟାଳୟ ବୟସ୍କଙ୍କ ମଧ୍ୟରେ ସହମତିରେ ସ୍ଥାପିତ ଯୌନ ସମ୍ପର୍କକୁ ଅପରାଧ ଶ୍ରେଣୀରୁ ବାହାର କରିଦେଇଥିଲା। କୋର୍ଟ ୧୩ ମେ ଆଦେଶରେ କହିଛନ୍ତି ଯେ ଆଇପିସିର ଧାରା ୩୭୭ ଅନୁସାରେ ଅପରାଧ ନିମନ୍ତେ ଆବେଦନକାରୀଙ୍କ ବିରୋଧରେ ପ୍ରଥମ ଦୃଷ୍ଟ୍ୟା ମାମଲା ହେଉ ନାହିଁ। ଏଣୁ ଚାର୍ଜ ଫ୍ରେମ କରିବା ପାଇଁ ନିର୍ଦ୍ଦେଶ ଦେଉଥିବା ନିର୍ଦ୍ଦେଶ ଆଇନ ନଜରରେ ସ୍ଥାୟୀ ହେଉ ନାହିଁ। ଏଣୁ ଏହାକୁ ରଦ୍ଦ କରାଯାଉଛି।

## ମଦ ଓ ଔଷଧ ଉପରେ ଅଧିକ ଖର୍ଚ୍ଚ କରନ୍ତି ଭାରତୀୟ



**ନୂଆଦିଲ୍ଲୀ :** ମଦ ଓ ଔଷଧ ଏହି ଦୁଇଟି ସାମଗ୍ରୀ ଉପରେ ଆର୍ଥିକ ୨୦୨୪ରେ ଗୋଟିଏ ଭାରତୀୟ ପରିବାର ସବୁଠୁ ଅଧିକ ଖର୍ଚ୍ଚ କରିଛି। ସରକାରଙ୍କ ଦ୍ୱାରା ଜାରି ପରିସଂଖ୍ୟାନ ଅନୁସାରେ, ଏହି ବର୍ଗରେ ଲୋକଙ୍କ ଖର୍ଚ୍ଚ ୧୨ ବର୍ଷରେ ସବୁଠୁ ଅଧିକ ଦେଖିବାକୁ ମିଳିଛି। ଭାରତୀୟ ପରିବାରର ଖର୍ଚ୍ଚ ଗୁଟଖା ଓ ମଦ ଉପରେ ଆର୍ଥିକ ବର୍ଷ ୨୦୨୪ରେ ୧୫.୭ ପ୍ରତିଶତ ବଢିଛି। ଯାହା ଆର୍ଥିକ ବର୍ଷ ୨୦୧୨ରେ ସବୁଠୁ ଅଧିକ। ଏହାର ପୂର୍ବ ବର୍ଷରେ କେବଳ ୧.୬ ପ୍ରତିଶତ ବୃଦ୍ଧି ହୋଇଥିଲା। କେବଳ ମଦ୍ୟ ଉପରେ ଖର୍ଚ୍ଚ ବଢିନି, ବରଂ ଭାରତୀୟ ପରିବାରର ସ୍ୱାସ୍ଥ୍ୟ ଖର୍ଚ୍ଚ ମଧ୍ୟ ବୃଦ୍ଧି ପାଇଛି। ଆର୍ଥିକ ବର୍ଷ ୨୦୨୪ରେ ଏହା ୧୭.୪ ପ୍ରତିଶତ ବଢିଥିଲା, ଯାହା ଗତ ୧୨ ବର୍ଷରେ ସର୍ବାଧିକ। ଆର୍ଥିକ ବର୍ଷ ୨୦୨୩ରେ ଏହା କେବଳ ୭.୨ ପ୍ରତିଶତ ଥିଲା। ଏହି ସମୟରେ ଭାରତୀୟ ପରିବାରଗୁଡ଼ିକ ସ୍ୱାସ୍ଥ୍ୟ ପାଇଁ ବହୁତ ଖର୍ଚ୍ଚ କରିଛନ୍ତି। ଯେଉଁଥିରେ ଔଷଧ, ହସ୍ପିଟାଲ ଏବଂ ଡାକ୍ତରଙ୍କ ଖର୍ଚ୍ଚ ସାମିଲ। ୨୦୧୭ରେ ନୂତନ ଘରୋଇ ଖର୍ଚ୍ଚ ସିରିଜ୍ ଆରମ୍ଭ ହେବା ପରଠାରୁ ସର୍ବାଧିକ ଥିଲା। ଖାଦ୍ୟ ଏବଂ ଅଣ-ମାଦକ ସାମଗ୍ରୀ ଉପରେ ଖର୍ଚ୍ଚ ବାର୍ଷିକ ଆଧାରରେ ମାତ୍ର ୦.୫ ପ୍ରତିଶତ ବୃଦ୍ଧି ପାଇଛିଃ ଅନ୍ୟପଟେ ପୋଷାକ ଏବଂ ଜୋତା ଉପରେ ଖର୍ଚ୍ଚ ହ୍ରାସ ପାଇଛି। ଖାଦ୍ୟ ଏବଂ ଅଣ-ମାଦକ ଉତ୍ପାଦର ଅଭିବୃଦ୍ଧିର ଧୀର ଗତି ଆୟ ସ୍ତରର ଉନ୍ନତିକୁ ଦର୍ଶାଉଛି। କାରଣ ସମ୍ପନ୍ନ ପରିବାରଗୁଡ଼ିକ ଖାଦ୍ୟ ଉତ୍ପାଦ ଉପରେ କମ୍ ଏବଂ ଜରୁରି ସାମଗ୍ରୀ ଉପରେ ଅଧିକ ଖର୍ଚ୍ଚ କରନ୍ତି। ସେହିପରି ରେଷ୍ଟୁରାଣ୍ଟ ଏବଂ ହୋଟେଲଗୁଡ଼ିକରେ ଏକ ବିରାଟ ବୃଦ୍ଧି ଦେଖାଯାଇଛି।

**କ୍ଷେପଣାସ୍ତ୍ର ପ୍ରତିରକ୍ଷା ବ୍ୟବସ୍ଥାରେ କ୍ରାନ୍ତିକାରୀ ପରିବର୍ତ୍ତନ ଆଣିବ ଆମେରିକା**

## ତିଆରି କରିବ ବିଶ୍ୱର ସବୁଠୁ ଶକ୍ତିଶାଳୀ କ୍ଷେପଣାସ୍ତ୍ର ପ୍ରତିରକ୍ଷା ବ୍ୟବସ୍ଥା



**ନୂଆଦିଲ୍ଲୀ :** ଅପରେସନ ‘ସିନ୍ଦୂର’ ସମୟରେ ପାକିସ୍ତାନର ଆକ୍ରମଣକୁ ପ୍ରତିହତ କରିବା ଲାଗି ଭାରତ ରୁଷ ନିର୍ମିତ ଏସ-୪୦୦ କ୍ଷେପଣାସ୍ତ୍ର ପ୍ରତିରକ୍ଷା ବ୍ୟବସ୍ଥାର ବ୍ୟବହାର କରିଥିଲା। ଏହା ସହିତ ଭାରତୀୟ ଡିଫେନ୍ସ ସିଷ୍ଟମ ଆକାଶ ମଧ୍ୟ ବଡ଼ ଭୂମିକା ଗ୍ରହଣ କରିଥିଲା। ଆଧୁନିକ ଯୁଦ୍ଧରେ କ୍ଷେପଣାସ୍ତ୍ର ପ୍ରତିରକ୍ଷା ବ୍ୟବସ୍ଥାର ଗୁରୁତ୍ୱ ବହୁ ଅଧିକ। ଅପରେସନ ସିନ୍ଦୂର ପରେ ଏସ-୪୦୦ର ଚାହିଦା ବେଶ୍ ବୃଦ୍ଧି ପାଇଛି। ରାଡାର, ସାଟେଲାଇଟ ଏବଂ ଏଆଇ(କୃତ୍ରିମ ବୁଦ୍ଧିମତ୍ତା) ଉପରେ ଆଧାରିତ ସେନ୍ସର ଉପରେ କାମ କରୁଥିବା କ୍ଷେପଣାସ୍ତ୍ର ପ୍ରତିରକ୍ଷା ବ୍ୟବସ୍ଥା ବିପଦକୁ ଆଗୁଆ ଚିହ୍ନଟ କରି କ୍ଷେପଣାସ୍ତ୍ରଗୁଡ଼ିକୁ ଆକାଶରେ ହିଁ ନଷ୍ଟ କରିଦେଇଥାଏ। ଯାହାଫଳରେ ଜନସାଧାରଣଙ୍କୁ ସୁରକ୍ଷା ମିଳିଥାଏ। ୭ ଅକ୍ଟୋବର ୨୦୨୩ରେ ବି ଇସ୍ରାଏଲ ନିଜର ଆଇରନ ଡୋମ (କ୍ଷେପଣାସ୍ତ୍ର ପ୍ରତିରକ୍ଷା ବ୍ୟବସ୍ଥା) ଜରିଆରେ ହମାସ ଆତଙ୍କବାଦୀ ସଂଗଠନର ବହୁ କ୍ଷେପଣାସ୍ତ୍ରକୁ ଆକାଶରେ ନଷ୍ଟ କରିଦେଇଥିଲା। ତେଣୁ ଆଧୁନିକ ଯୁଦ୍ଧରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏସବୁକୁ ଦୃଷ୍ଟିରେ ରଖି ବିଶ୍ୱର ଅନ୍ୟତମ ଶକ୍ତିଶାଳୀ ରାଷ୍ଟ୍ର ଆମେରିକା ଏବେ କ୍ଷେପଣାସ୍ତ୍ର ପ୍ରତିରକ୍ଷା ବ୍ୟବସ୍ଥାରେ କ୍ରାନ୍ତିକାରୀ ପରିବର୍ତ୍ତନ ଆଣିବାକୁ ଯାଉଛି। ଯୁଦ୍ଧ ସମୟରେ ପ୍ରତିରକ୍ଷା ମେକାନିଜମକୁ ନୂଆ ସ୍ତରକୁ ନେବା ଲାଗି ଆମେରିକା ପ୍ରସ୍ତୁତି ଚଳାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏପରି ଏକ କ୍ଷେପଣାସ୍ତ୍ର ପ୍ରତିରକ୍ଷା ବ୍ୟବସ୍ଥା ତିଆରି କରିବାକୁ ଯାଉଛି, ଯାହା ଏୟାରସ୍ପେଶ୍‌କୁ ଅଭେଦ୍ୟ, ଅଜେୟ ଏବଂ ଅଖଣ୍ଡନୀୟ କରିଦେବ। ଟ୍ରମ୍ପ ଏହି କ୍ଷେପଣାସ୍ତ୍ର ପ୍ରତିରକ୍ଷା ବ୍ୟବସ୍ଥାକୁ ଗୋଲଡେନ ଡୋମ ବା ସ୍ୱର୍ଣ୍ଣିମ ଡୋମ ନାମରେ ନାମିତ କରିଛି। ଆମେରିକା ବର୍ତ୍ତମାନ ସମୟରେ କୌଣସି ଦେଶ ସହିତ ପ୍ରତ୍ୟକ୍ଷ ଯୁଦ୍ଧ କରୁନାହିଁ। କିନ୍ତୁ ଆଗାମୀ ଭବିଷ୍ୟତରେ ଯୁଦ୍ଧ ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ପାରିବ ନାହିଁ। ତେଣୁ ଏହାକୁ ଧ୍ୟାନରେ ରଖି ଆମେରିକା ନୂଆ ପ୍ରତିରକ୍ଷା ବ୍ୟବସ୍ଥା ନିର୍ମାଣ କରିବାକୁ ଯାଉଛି। ବିଶେଷ କରି ଚୀନ, ରୁଷ, ଇରାନ, ଉତ୍ତରକୋରିଆ ଭଳି ଦେଶଠାରୁ ଆମେରିକାକୁ ବିପଦ ରହିଛି। ତେଣୁ ବିଦେଶୀ ଶତ୍ରୁଠାରୁ ନିଜକୁ ସୁରକ୍ଷିତ ରଖିବା ଲାଗି ଟ୍ରମ୍ପ ଏହି ନୂତନ ପ୍ରତିରକ୍ଷା ବ୍ୟବସ୍ଥା ନିର୍ମାଣ କରିବାକୁ ଯାଉଥିବା କୁହାଯାଉଛି। ଗୋଲଡେନ ଡୋମ ଏୟାର ଡିଫେନ୍ସ ସିଷ୍ଟମ ସାଟେଲାଇଟର ଏକ ନେଟୱର୍କ ଉପରେ କାମ କରିବ, ଯାହା ଆସୁଥିବା କ୍ଷେପଣାସ୍ତ୍ରଗୁଡ଼ିକୁ ଚିହ୍ନଟ କରିବ ଏବଂ ତାହାକୁ ନଷ୍ଟ କରିବ। ଏହା ସିଲ୍ଡ ମିଜାଇଲଗୁଡ଼ିକୁ ଚିହ୍ନଟ କରିବା ଏବଂ ସେଗୁଡ଼ିକ ଉପରେ ନଜର ରଖିବା ଲାଗି ଶତାଧିକ ସାଟେଲାଇଟକୁ ବ୍ୟବହାର କରିପାରେ। ସବୁଠୁ ଆଶ୍ଚର୍ଯ୍ୟ କଥା ହେଲା ସାରା ବିଶ୍ୱର କୋଣ ଅନୁକୋଣ ପର୍ଯ୍ୟନ୍ତ ଏହି ପ୍ରତିରକ୍ଷା ବ୍ୟବସ୍ଥା ରେଞ୍ଜ ମଧ୍ୟରେ ରହିପାରିବ। ୨୦୨୯ ସୁଦ୍ଧା ଏହାର ନିର୍ମାଣ ଶେଷ କରିବାକୁ ଟ୍ରମ୍ପ ଲକ୍ଷ୍ୟ ରଖିଛନ୍ତି। ଗୋଲଡେନ ଡୋମ ଭବିଷ୍ୟତର ଯୁଦ୍ଧାସ୍ତ୍ର ହେବ। ଏହା ଆମେରିକା ପାଇଁ ବହୁସ୍ତରୀୟ ଇଣ୍ଟରସେପ୍ଟରର କାର୍ଯ୍ୟ କରିବ। ୩୬୦ ଡିଗ୍ରୀରୁ ବିପଦକୁ ଠାବ କରି ତାହାକୁ ପ୍ରତିହତ କରିବ।



# ଦୂରହେଲା ମହିଳା ସରକାରୀ କର୍ମଚାରୀଙ୍କ ମାତୃତ୍ୱ ଛୁଟି ଦ୍ୱନ୍ଦ୍ୱ

# ୧୮୦ଦିନର ଛୁଟି ପାଇଁ ନିର୍ଦ୍ଦିଷ୍ଟ ନିୟମ ସ୍ଥିରୀକୃତ

**ଭୁବନେଶ୍ୱର :** ଜଣେ ମହିଳା ସରକାରୀ କର୍ମଚାରୀ ଦୁଇଟିରୁ କମ୍ ଜୀବିତ ପିଲାଙ୍କ ପାଇଁ, ମାତୃତ୍ୱ ସମୟରେ ୧୮୦ ଦିନ ପର୍ଯ୍ୟନ୍ତ ଛୁଟି ପାଇବାର ନିୟମ ରହିଛି। କିନ୍ତୁ ମାତୃତ୍ୱ ଛୁଟି କେଉଁ ଅବଧି ଭିତରେ ନିଆଯାଇପାରିବ, ସେ ବିଷୟରେ କିଛିଟା ଦ୍ୱନ୍ଦ୍ୱ ଥିଲା। ଏବେ ସେହି ଦ୍ୱନ୍ଦ୍ୱ ଦୂର ହୋଇଛି। ମହିଳା ସରକାରୀ କର୍ମଚାରୀ ମାନେ ମାତୃତ୍ୱ ସମୟରେ ୧୮୦ଦିନର ଛୁଟି କେଉଁ ପରିସ୍ଥିତିରେ କିପରି ନେବେ, ସେ ସମ୍ପର୍କରେ ନିର୍ଦ୍ଦିଷ୍ଟ ନିୟମ ସ୍ଥିରୀକୃତ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସମ୍ପର୍କିତ ପ୍ରସ୍ତାବକୁ ଅନୁମୋଦନ ଦେଇଛନ୍ତି। ଏହାଦ୍ୱାରା ମହିଳା ସରକାରୀ କର୍ମଚାରୀ ମାନେ ମାତୃତ୍ୱ କ୍ଷେତ୍ରରେ ଛୁଟି ପାଇବାରେ ଯେଉଁ ସମସ୍ୟାର ସମ୍ମୁଖୀନ ହେଉଥିଲେ ତାହା ଦୂର ହୋଇଛି। ଏହାସହ ଜଣେ ମହିଳା ସରକାରୀ କର୍ମଚାରୀ ଶିଶୁ ଜନ୍ମ ସମୟରେ ସରକାରୀ ସେବାରେ ନଥାଇ, ପରବର୍ତ୍ତୀ ସମୟରେ ସେବାରେ ଯୋଗଦେବା ପରେ, ମାତୃତ୍ୱ ଛୁଟି ଉପଲବ୍ଧ କରିବା ଉପରେ ମଧ ଦ୍ୱନ୍ଦ୍ୱ ଥିଲା। ସେ ସମସ୍ୟା ମଧ ଦୂର ହୋଇପାରିଛି। ଏହା ସହିତ ଗର୍ଭପାତ, ଜନ୍ମିତ ଶିଶୁର ମୃତ୍ୟୁ ଓ ମୃତ ଶିଶୁ ଜନ୍ମ କ୍ଷେତ୍ରରେ ମଧ ଛୁଟି ନେବାର ନିର୍ଦ୍ଦିଷ୍ଟ ନିୟମ କରାଯାଇଛି। ନୂତନ



ନିଷ୍ପତ୍ତି ଅନୁଯାୟୀ-ସମ୍ଭାବ୍ୟ ପ୍ରସବ ତାରିଖର ୩ ମାସ ପୂର୍ବରୁ ଏବଂ ପ୍ରସବ ତାରିଖର ୬ ମାସ ମଧ୍ୟରେ, ଜଣେ ମହିଳା ସରକାରୀ କର୍ମଚାରୀ ୧୮୦ ଦିନର ମାତୃତ୍ୱ ଛୁଟି ନେଇପାରିବେ। କିନ୍ତୁ, ଜଣେ ମହିଳା ସରକାରୀ କର୍ମଚାରୀ ଯିଏ ଶିଶୁ ଜନ୍ମ ସମୟରେ ସରକାରୀ ସେବାରେ ନଥିଲେ, ସେ ସରକାରୀ ସେବାରେ ଯୋଗଦେବା ପରେ, ତାଙ୍କର ଶିଶୁକୁ ୬ ମାସ ହେବା ପର୍ଯ୍ୟନ୍ତ ମାତୃତ୍ୱ ଛୁଟି ନେଇପାରିବେ। ତେଣୁ ଏହି କ୍ଷେତ୍ରରେ, ମାତୃତ୍ୱ ଛୁଟି ୧୮୦ ଦିନରୁ କମ୍ ହେବ। ଦୁଇଟିରୁ କମ୍ ଜୀବିତ ପିଲା ଥିବା ମହିଳା ସରକାରୀ କର୍ମଚାରୀଙ୍କ କ୍ଷେତ୍ରରେ, ଏହି ମାତୃତ୍ୱ ଛୁଟି ପ୍ରଦାନ କରାଯିବ। ଶିଶୁ ପ୍ରସବ ଯେକୌଣସି ସ୍ୱୀକୃତିପ୍ରାପ୍ତ ଚିକିତ୍ସାଳୟରେ ହେବା ଆବଶ୍ୟକ। ଯଦି ମାତୃତ୍ୱ ଛୁଟି ସମୟରେ ଜଣେ ମହିଳା ସରକାରୀ କର୍ମଚାରୀଙ୍କୁ ଉଚ୍ଚ ପଦବୀକୁ ପଦୋନ୍ନତି ଦିଆଯାଏ, ତେବେ ତାଙ୍କର ସେହି ଉଚ୍ଚ ପଦବୀରେ ଯୋଗଦାନ ରିପୋର୍ଟ ଯେଉଁଦିନ ଉପଯୁକ୍ତ କର୍ତ୍ତୃପକ୍ଷ ପାଇବେ, ସେହିଦିନ ସେ ସେହି ଉଚ୍ଚ ପଦବୀରେ ଯୋଗଦେଲେ ବୋଲି ଧରାଯିବ। ସେ ତାଙ୍କର ମାତୃତ୍ୱ ଛୁଟିର ଅବଶିଷ୍ଟ ଅବଧି ନିରବଚ୍ଛିନ୍ନ ଭାବେ ନେଇପାରିବେ। ଜଣେ ମହିଳା ସରକାରୀ କର୍ମଚାରୀ ତାଙ୍କର ମାତୃତ୍ୱ ଛୁଟି ଏକକାଳୀନ ନିରବଚ୍ଛିନ୍ନ ଭାବେ ବା ବିଭିନ୍ନ ପର୍ଯ୍ୟାୟରେ ନେଇପାରିବେ।

## 'ରାଜ୍ୟରେ ପାନୀୟ ଜଳ ସମସ୍ୟା ଚ୍ୟାଲେଞ୍ଜିଂ'



**ଭୁବନେଶ୍ୱର :** ଖରା ଯୋଗୁଁ ପାନୀୟ ଜଳ ସମସ୍ୟା ନେଇ ପଞ୍ଚାୟତି ରାଜ ଏବଂ ପାନୀୟ ଜଳ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ। ରାଜ୍ୟରେ ପାନୀୟ ଜଳ ସମସ୍ୟା ଚ୍ୟାଲେଞ୍ଜିଂ ରହିଛି। ସରକାରଙ୍କ ପ୍ରଥମ ବର୍ଷ ପୂର୍ତ୍ତି ସୁଦ୍ଧା କିଛି ମେଗା ପ୍ରକଳ୍ପ ସାରିବାକୁ ମନ୍ତ୍ରୀ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ବିଭାଗୀୟ ମନ୍ତ୍ରୀ ରବି ନାଏକ କହିଛନ୍ତି। ସେ କହିଛନ୍ତି, ନୂଆପଡାରେ ୧୦୦ ପ୍ରତିଶତ କାମ ସରିଛି। ଏହି ସମୟରେ ରାଜ୍ୟର ୨୨ ଟି ପ୍ରକଳ୍ପ କାର୍ଯ୍ୟ ସରିଛି। ରାଜ୍ୟରେ ୨୪ ହଜାର ୭୦୦ ନଳକୂପରୁ ୧୭୦୦ ଖୋଳା ସାରିଲାଣି। ଆମ ରାଜ୍ୟରେ ଖୋଳିବାକୁ ପର୍ଯ୍ୟାପ୍ତ ମେସିନ ନ ଥିବାରୁ ଆନ୍ଧ୍ରରୁ ଅଧିକ ମେସିନ ଆଣିବାକୁ ଯୋଗାଯୋଗ କରାଯାଉଛି। ଜୁନ ୪ ତାରିଖ ସୁଦ୍ଧା ମେଗା ପାନୀୟ ଜଳ ପ୍ରକଳ୍ପ ସ୍ଥିତି ନେଇ ରିପୋର୍ଟ ଦେବାକୁ ସବୁ ଡିଭିଜନକୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁଥିରେ ଯାହା ଅସୁବିଧା ଅଛି ରିପୋର୍ଟ ଦେବାକୁ କୁହାଯାଇଛି। ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ନୂଆ ମନିଟରିଂ ସିଷ୍ଟମ ରାଜ୍ୟ ସରକାର ହାତକୁ ନେଇଛନ୍ତି। କାହାର କେତେ ପାଣି ଆବଶ୍ୟକ କିଏ ଅଧିକ ନେଉଛି ସେ ନେଇ ରାଜ୍ୟ ସ୍ତରରେ ସମୀକ୍ଷା ହେବ। ଚାଷ କାମ ବ୍ୟତୀତ ଜଳ ଅପଚୟକୁ ଦୂର କରିବାକୁ ନିଷ୍ପତ୍ତି ହୋଇଛି। ମେଗା ପାନୀୟ ଜଳ ପ୍ରକଳ୍ପରେ ବିଭିନ୍ନ ବିଭାଗ ଭିତରେ ସମନ୍ୱୟ ସମ୍ପର୍କିତ ଅସୁବିଧା ଦେଖାଦେଉଥିଲା। ଏବେ ଏହାର ସମାଧାନ କରାଯାଇଥିବା ତାକୁ ଷ୍ଟ୍ରିମ ଲାଇନ କରାଯାଇଥିବା ମନ୍ତ୍ରୀ ରବି ନାଏକ କହିଛନ୍ତି।

## ଲାଗୁ ହେବ ଏକୀକୃତ ପେନ୍‌ସନ ବ୍ୟବସ୍ଥା



**ଭୁବନେଶ୍ୱର :** ଓଡ଼ିଶା ଲୋକସେବା (ପେନସନ୍) ଆଇନ୍-୧୯୯୨ରେ ରାଜ୍ୟ ସରକାର ସଂଶୋଧନ କରିଛନ୍ତି। ରାଜ୍ୟରେ ସରକାରୀ କର୍ମଚାରୀମାନଙ୍କ ପାଇଁ ଏକୀକୃତ ପେନସନ୍ ଯୋଜନା ଲାଗୁ କରିବା ପାଇଁ ଗତ ଫେବୃଆରୀରେ ରାଜ୍ୟ କ୍ୟାବିନେଟ୍ ଅନୁମତି ପ୍ରଦାନ କରିଥିଲା। ଏ ନେଇ ଅର୍ଥ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। କେଉଁ ପ୍ରକାର ସର୍ତ୍ତ ପୂରଣ କରୁଥିବା କର୍ମଚାରୀ ଅବା ସେମାନଙ୍କ ପରିବାରକୁ କେତେ ପରିମାଣର ପେନସନ୍ ମିଳିବ ତାହା ଏହି ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଛି। ବିଭିନ୍ନ ବର୍ଗର କର୍ମଚାରୀଙ୍କ ଅବସରକାଳୀନ ପ୍ରାପ୍ୟ ୧୫ ଲକ୍ଷ, ୨୦ ଲକ୍ଷ ଏବଂ ୨୫ ଲକ୍ଷ ଟଙ୍କାରୁ ଅଧିକ ହୋଇ ନ ଥିବ ବୋଲି ଏଥିରେ ସର୍ତ୍ତ ରଖାଯାଇଛି। ସେହିପରି ଯଦି କେହି କାର୍ଯ୍ୟରୁ ଇସ୍ତଫା ଦେଇଥାନ୍ତି ତା ହେଲେ ତାହା ନିର୍ଦ୍ଦିଷ୍ଟ ସର୍ତ୍ତାବଳୀ ପୂରଣ କରୁଥିବା ଜରୁରୀ। କର୍ମଚାରୀମାନଙ୍କ କାର୍ଯ୍ୟକାଳ ୧୦ ବର୍ଷ ହୋଇଥିଲେ ମାସିକ ୧୦ ହଜାର ଟଙ୍କା ଏବଂ ମୃତ୍ୟୁ ହୋଇଥିଲେ ୬୦% ପେନସନ୍ ମିଳିବ। ୨୫ ବର୍ଷ ଚାକିରୀ କରିଥିଲେ ମୂଳ ଦରମାର ୫୦% ମିଳିବ। ପେନସନ୍‌ଭୋଗୀଙ୍କ ପାଇଁ ମହଙ୍ଗା ଭତ୍ତା ପ୍ରଦାନ ବ୍ୟବସ୍ଥା ରହିଛି। ଜାତୀୟ ପେନସନ୍ ଯୋଜନା ପାଇଁ ଯୋଗ୍ୟ କର୍ମଚାରୀଙ୍କୁ ଏକୀକୃତ ପେନସନ୍ ମିଳିବ। ସରକାରଙ୍କର ଏହି ନିଷ୍ପତ୍ତି ଫଳରେ ବହୁ ପରିବାର ଉପକୃତ ହେବେ।

## କ୍ରିୟାଶୀଳ ହେବ ସମାଜ କଲ୍ୟାଣ ବୋର୍ଡ



**ଭୁବନେଶ୍ୱର :** ମହିଳା ଓ ଶିଶୁ ବିକାଶ ବିଭାଗର ସମ୍ମିଳନୀ କକ୍ଷରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଅଧ୍ୟକ୍ଷତାରେ ସମାଜ କଲ୍ୟାଣ ବୋର୍ଡର ଗଠନ ଓ କାର୍ଯ୍ୟପ୍ରଣାଳୀ ସମ୍ବନ୍ଧରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମାଜ କଲ୍ୟାଣ ବୋର୍ଡ ତୃଣମୂଳ ସ୍ତରରେ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମଗୁଡିକୁ ସଠିକ ଭାବରେ ପହଞ୍ଚାଇବା ଦିଗରେ କାର୍ଯ୍ୟ କରିବ ବୋଲି ଶ୍ରୀମତୀ ପରିଡା କହିଛନ୍ତି। ରାଜ୍ୟର ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ସୁପ୍ରତିଷ୍ଠିତ ଅଣସରକାରୀ ସଂଗଠନକୁ ସମାଜ କଲ୍ୟାଣ ବୋର୍ଡ ଦ୍ୱାରା ତାଲିକାଭୁକ୍ତ କରାଯାଇ ସେମାନଙ୍କ ମାଧ୍ୟମରେ ଗାଁ ଗାଁ ରେ ଜନସଚେତନତା ସୃଷ୍ଟି କରାଯିବ ବୋଲି ସେ କହିଛନ୍ତି। ବୋର୍ଡକୁ କାର୍ଯ୍ୟ ପରିସରକୁ ଆହୁରି ବୃଦ୍ଧି କରିବା ନିମନ୍ତେ ବାର୍ଷିକ କାର୍ଯ୍ୟାବଳୀ କ୍ୟାଲେଣ୍ଡର ପ୍ରସ୍ତୁତ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ନିର୍ଦ୍ଦେଶ ଦେଇଛନ୍ତି। ବୋର୍ଡର ଭିତ୍ତିଭୂମି ବିକାଶ ଉପରେ ମଧ ସେ ଗୁରୁତ୍ୱାରୋପ କରିଛନ୍ତି। ବୈଠକରେ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ସମାଜ କଲ୍ୟାଣ ବୋର୍ଡ ନିର୍ଦ୍ଦେଶିକ ମୋନିଶା ବାନାର୍ଜୀ ଓ ବିଭାଗୀୟ ଅନ୍ୟ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ।

## 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ବିଧବା ଝିଅଙ୍କୁ ଅନ୍ତର୍ଭୁକ୍ତ କର'



**ଭୁବନେଶ୍ୱର :** ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ରାଜ୍ୟର ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକରେ କାର୍ଯ୍ୟକାରୀ ହେଉଥିବା 'ଆମେ ପଢ଼ିବା ଆମ ଭାଷାରେ' ଏବଂ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେବାକୁ ଥିବା 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା'ର ସମୀକ୍ଷା କରିଛନ୍ତି। ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ବିଧବା ଝିଅମାନଙ୍କୁ ଅନ୍ତର୍ଭୁକ୍ତ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ଗରିବ ବାପା, ମା'ଙ୍କ ଉପରୁ ଝିଅ ବାହାଘରର ବୋଝ ହାଲ୍‌କା କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦିଗ୍‌ଦର୍ଶନରେ କାର୍ଯ୍ୟକାରୀ ହେବାକୁ ଥିବା ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ସମ୍ପର୍କରେ ଆଲୋଚନା ହୋଇଛି। ଏହି ଯୋଜନାରେ ବିଧବା ଝିଅମାନଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ଏହାସହ ସରକାରୀ ସ୍ତରରେ ଝିଅ ପାଇଁ ଉପହାର ବ୍ୟବସ୍ଥା କରିବାକୁ ମୁଖ୍ୟମନ୍ତ୍ରୀ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବିବାହକୁ ସାମୂହିକ ସ୍ତରରେ ଆୟୋଜନ କରିବା ପାଇଁ ମଧ ସେ ଗୁରୁତ୍ୱ ଦେଇଛନ୍ତି। ଯଥାଶୀଘ୍ର ସମସ୍ତ ପ୍ରକ୍ରିୟା ସମ୍ପନ୍ନକରି ଏହି ଯୋଜନାର ଶୁଭାରମ୍ଭ କରିବା ପାଇଁ ମୁଖ୍ୟମନ୍ତ୍ରୀ ବିଭାଗକୁ ଦାୟିତ୍ୱ ଦେଇଛନ୍ତି। ବର୍ତ୍ତମାନ ରାଜ୍ୟର ୧୫ ଜିଲ୍ଲାର ୧୦,୬୨୯ ଅଙ୍ଗନୱାଡି କେନ୍ଦ୍ରରେ ୧୭ଟି ଦେଶୀୟ ଭାଷାରେ ପିଲାମାନଙ୍କୁ ପ୍ରାରମ୍ଭିକ ଶ୍ରେଣୀରେ ନିଜ ମାତୃଭାଷାରେ ଶିକ୍ଷାଦାନ କରାଯାଉଛି। ଏହିସବୁ ଭାଷା ହେଉଛି ଦେଶିଆ, ଭୂମିଜ, ବିଞ୍ଝାଲ, ଗୋଣ୍ଡି, ହୋ, ସାଦ୍ରି, ଖଡ଼ିଆ, ବଣ୍ଡା, ମୁଣ୍ଡା, କୋୟା, କୁଭି, କୁଇ, ସଉରା, ସାନ୍ତାଳୀ, ଓରାମ୍, କିଷାନ ଏବଂ ଜୁଆଙ୍ଗ। ସୂଚନାଯୋଗ୍ୟ, ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକରେ ଏହି ମାତୃଭାଷା ଭିତ୍ତିକ ପ୍ରାକ୍ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଗ୍ରହଣ କରିବାରେ ଓଡ଼ିଶା ଦେଶରେ ପ୍ରଥମ। ଜାତୀୟ ଶିକ୍ଷାନୀତି ୨୦୨୦ରେ ମଧ ଏହି ବହୁଭାଷୀ ପ୍ରାକ୍ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଛି। ମୁଖ୍ୟମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇ କହିଛନ୍ତି, ଫାଉଣ୍ଡେଶନ ଷ୍ଟେଜ୍ରେ ନିଜ ମାତୃଭାଷାରେ ପିଲାକୁ ଶିକ୍ଷା ପ୍ରଦାନକଲେ ତା'ର ଆତ୍ମବିଶ୍ୱାସ ବଢ଼ିବ ଏବଂ ଆଗାମୀ ଦିନରେ ପାଠ ପ୍ରତି ତା'ର ଆଗ୍ରହ ବଢ଼ିବା ସହ ସହଜ ମଧ ହେବ।

## ଓଡ଼ିଶାରେ ରହିପାରିବେନି ଅଣନାଗରିକ : ମନ୍ତ୍ରୀ

**ଭୁବନେଶ୍ୱର :** ଓଡ଼ିଶାରୁ ବାଂଲାଦେଶୀଙ୍କୁ ତଡ଼ିପାର୍ ପ୍ରକ୍ରିୟା ତ୍ୱରାନ୍ୱିତ କରାଯାଇଛି। ଓଡ଼ିଶାରେ ବେଆଇନ ଭାବେ ରହୁଥିବା ବାଂଲାଦେଶୀ ଅନୁପ୍ରବେଶକାରୀ ଚିହ୍ନଟ ସହ ସେମାନଙ୍କୁ ବିଦା କରିବାକୁ ରାଜ୍ୟ ସରକାର ପ୍ରସ୍ତୁତି ଚଳାଇଛନ୍ତି। କ୍ରାଇମବ୍ରାଞ୍ଚର ସ୍ୱତନ୍ତ୍ର କାର୍ଯ୍ୟବଳ (ଏସ୍‌ଟିଏଫ୍)କୁ ନୋଡାଲ ଏଜେନ୍ସି ଭାବେ ଦାୟିତ୍ୱ ଦିଆଯାଇଛି। ବାଂଲାଦେଶୀ ନାଗରିକଙ୍କୁ ଚିହ୍ନଟ ପରେ କାର୍ଯ୍ୟାନୁଷ୍ଠାନ ଲାଗି ମାର୍ଗଦର୍ଶିକା (ଏସ୍‌ଓପି) ପ୍ରସ୍ତୁତ କରାଯାଇଛି। ଉକ୍ତ ଏସ୍‌ଓପି ସମସ୍ତ ଜିଲା ପୁଲିସ ମୁଖ୍ୟାଳୟକୁ ପଠାଯାଇଛି। ବିଶେଷକରି ବାଂଲାଦେଶୀ ନାଗରିକ ରହୁଥିବା ପେଣ୍ଠସ୍ଥଳୀଗୁଡ଼ିକୁ ଚିହ୍ନଟ କରିବା ସହ ସେସବୁ ଅଞ୍ଚଳରେ ଅନୁପ୍ରବେଶ ରୋକିବା ଲାଗି ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସାମୁଦ୍ରିକ ଥାନା, ତଟରକ୍ଷୀ ବାହିନୀ, ସ୍ଥାନୀୟ ପୁଲିସ ଓ ଗୁଇନ୍ଦା ସହ ସମନ୍ୱୟ ରକ୍ଷା କରି ବଡ଼ଧରଣର ଧରପଗଡ଼ ଲାଗି ଖସଡ଼ା ପ୍ରସ୍ତୁତ ହୋଇଛି। ଅନ୍ୟପଟେ ଏହି ପ୍ରସଙ୍ଗରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ, ଓଡ଼ିଶାରେ କୌଣସି ଅଣ ନାଗରିକ ରହିପାରିବେ ନାହିଁ। ରାଜ୍ୟରୁ ବାଂଲାଦେଶୀଙ୍କୁ ହଟାଇବା ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି। ଯାନ୍ତ୍ରିକ ବିଭାଗ ଗୁଡ଼ିକ ସହ ଆଲୋଚନା ହୋଇଛି। ସେମାନେ ବିଭିନ୍ନ ଏଜେନ୍ସିରେ ରହି କାମ କରୁଛନ୍ତି। ସେମାନଙ୍କୁ ଚିହ୍ନଟ କରିବା ପରେ ପଦକ୍ଷେପ ନିଆଯିବ। ଓଡ଼ିଶାର ୫୧୧ କି.ମି ଦୀର୍ଘ



ଉପକୂଳରେ ଥିବା ତଟବର୍ତ୍ତୀ ଜିଲାଗୁଡ଼ିକରେ ବାଂଲାଦେଶୀମାନେ ଆଡ୍ଡା ଜମାଉଛନ୍ତି। ଜଗତସିଂହପୁର, ବାଲେଶ୍ୱର, କେନ୍ଦ୍ରାପଡ଼ା, ଭଦ୍ରକ, ଗଞ୍ଜାମ ଓ ଭୁବନେଶ୍ୱରକୁ ପ୍ରମୁଖ ହଟସ୍ପଟ ଭାବରେ ଚିହ୍ନଟ କରାଯାଇଛି। ଭୁବନେଶ୍ୱର ୧୦ରୁ ଅଧିକ ସ୍ଥାନ, କେନ୍ଦ୍ରାପଡ଼ାର ରାଜନଗର ଓ ପାରାଦ୍ୱୀପର କିଛି ସ୍ଥାନକୁ ଅତି ସମ୍ବେଦନଶୀଳ ଭାବେ ଚିହ୍ନଟ କରାଯାଇ ବାଲାଂଦେଶୀଙ୍କ ତଥ୍ୟ ଯୋଗାଡ଼ କରାଯାଉଛି। ସେଠାରେ ସ୍ୱତନ୍ତ୍ର କାର୍ଯ୍ୟବଳର ଦଳ ରେକି କରିବା ସହ ଭିଡିଓ ଫୁଟେଜ ସଂଗ୍ରହ କରିଛନ୍ତି। ସେହିପରି ସ୍ୱତନ୍ତ୍ର କାର୍ଯ୍ୟବଳ ପକ୍ଷରୁ ଜାରି ମାଗଦର୍ଶିକାରେ ବାଂଲାଦେଶୀଙ୍କୁ ଚିହ୍ନଟ ଓ କାର୍ଯ୍ୟାନୁଷ୍ଠାନ ଲାଗି କ'ଣ ପଦପେକ୍ଷ ନିଆଯିବ, ସେସମ୍ପର୍କରେ ସ୍ପଷ୍ଟ କରାଯାଇଛି। ଓଡ଼ିଶା ସୀମାବର୍ତ୍ତୀ ଅଞ୍ଚଳରେ ଚଲାପଥରେ ନାକା ଲଗାଯିବା ସହ ସେମାନଙ୍କ ଗତିବିଧି ଉପରେ ନଜର ରଖିବା ପାଇଁ ବାଂଲାଦେଶୀଙ୍କ ତାଲିକା ପ୍ରସ୍ତୁତ କରିବେ। ସେହିପରି ବାଂଲାଦେଶୀଙ୍କ ଆଧାରକାର୍ଡ, ଭୋଟର, ଡ୍ରାଇଭିଂ ଲାଇସେନ୍ସ ଯାଞ୍ଚ ହେବ। ରେସନ ଓ ସରକାରୀ ସୁବିଧା, ଶିକ୍ଷାଗତ ଯୋଗ୍ୟତା, କେଉଁ ଶିକ୍ଷାନୁଷ୍ଠାନରେ ପାଠ ପଢ଼ିଛନ୍ତି, ସେହି କାଗଜପତ୍ରଗୁଡ଼ିକ ସ୍ଥାନୀୟ ପୁଲିସ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବାଂଲାଦେଶୀ ନାଗରିକଙ୍କ ରାଜନୈତିକ ପୃଷ୍ଠଭୂମି କ'ଣ ବା କେଉଁ ରାଜନୈତିକ ଦଳ ଲାଗି ସେମାନେ କାର୍ଯ୍ୟ କରୁଛନ୍ତି, ଜୀବିକା ବା ରୋଜଗାର ମାଧ୍ୟମ ଆଦି ବିଷୟରେ ତନ୍ନତନ୍ନ ଯାଞ୍ଚ ହେବ। ଜନସେବା କେନ୍ଦ୍ରରେ ଆଧାରକାର୍ଡ, ରେସନକାର୍ଡ ଓ ଅନ୍ୟ ପ୍ରମାଣପତ୍ର ପ୍ରସ୍ତୁତ କରି ତାହାକୁ ଯାଞ୍ଚ କରାଯିବ। ବିଶେଷକରି ପରିଚୟ ଯାଞ୍ଚ କରାଯିବ। ଜନସେବା କେନ୍ଦ୍ର ଚଞ୍ଚକତା ବା ନକଲି ପରିଚୟପତ୍ର ଯୋଗାଇଥିଲେ ସମ୍ପୃକ୍ତ ଜନସେବା କେନ୍ଦ୍ର ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଏସ୍‌ଓପିରେ ଉଲ୍ଲେଖ ରହିଛି। ଅନୁରୂପ ଭାବେ ବାଂଲାଦେଶୀ ନାଗରିକଙ୍କୁ ଅତୀତରେ ଥିବା ଅପରାଧିକ ମାମଲାର ତର୍ଜମା, ସରକାରୀ ଜମି ଜବରଦଖଲ କରି ରହୁଥିବା ବାଲାଂଦେଶୀଙ୍କୁ ହଟାଇବା ସହ ଉଚ୍ଛେଦ ଲାଗି ସମସ୍ତ ଜିଲା ପୁଲିସକୁ କୁହାଯାଇଛି। ଏନେଇ ସ୍ୱତନ୍ତ୍ର କାର୍ଯ୍ୟବଳର ଡିଆଇଜି ପିନାକ ମିଶ୍ର କହିଛନ୍ତି, ବେଆଇନ ବାଲାଂଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରାଯିବା ସହ ଆଇନ ପରିସରଭୁକ୍ତ କରାଯିବ। ଏଥିପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ବାଂଲାଦେଶୀ ଅନୁପ୍ରବେଶକାରୀ ଆମ ରାଜ୍ୟ ଲାଗି ବିପଦ।

### ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ସମୀକ୍ଷା

## ବଜେଟର ୧୦୦% ଉପଯୋଗ ଉପରେ ଗୁରୁତ୍ୱାରୋପ

**ଭୁବନେଶ୍ୱର :** ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଅଧ୍ୟକ୍ଷତାରେ ୟୁନିଟ୍-୬ସ୍ଥିତ କ୍ୟାପିଟାଲ ହସ୍ପିଟାଲ କ୍ୟାମ୍ପସର ଏସଆଇଡିଆର ସମ୍ମିଳନୀ କକ୍ଷରେ ଭିନ୍ନକ୍ଷମ ବ୍ୟକ୍ତିଙ୍କ ସାମାଜିକ ସୁରକ୍ଷା ଏବଂ ସଶକ୍ତିକରଣ ବିଭାଗର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ସମୀକ୍ଷା ବୈଠକରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ନିର୍ଦ୍ଦେଶିକା ନିୟତି ପଟ୍ଟନାୟକ, ଆର୍ଥିକ ପରାମର୍ଶଦାତା ଓ ସ୍ୱତନ୍ତ୍ର ଶାସନ ସଚିବ ଜୟଶ୍ରୀ ତ୍ରିପାଠୀ, ଅତିରିକ୍ତ ଶାସନ ସଚିବ ସୋନିଆ ବେହେରା ଓ ଭାସ୍କର ରଉତ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ/କର୍ମଚାରୀ ଉପସ୍ଥିତ ଥିଲେ। ମନ୍ତ୍ରୀ ଶ୍ରୀ ଗଣ୍ଡ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ବିଭିନ୍ନ ଯୋଜନା, କାର୍ଯ୍ୟକ୍ରମ, ସାମାଜିକ ସୁରକ୍ଷା ପେନସନ ମଞ୍ଜୁରିର ସ୍ଥିତି, ଚାଲୁରହିଥିବା କାର୍ଯ୍ୟ ତଥା ପ୍ରକଳ୍ପ, ଆଇନଗତ ପ୍ରସଙ୍ଗ ଇତ୍ୟାଦି ବିଷୟରେ ବିସ୍ତୃତ ସମୀକ୍ଷା କରିଥିଲେ ଏବଂ ସେଗୁଡିକୁ ଧାର୍ଯ୍ୟ ସମୟସୀମା ମଧ୍ୟରେ ଶେଷ କରିବାକୁ ପଦକ୍ଷେପ



ନେବାପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯୋଗ୍ୟ ହିତାଧିକାରୀମାନେ ଯେପରି ସହଜରେ ବିଭିନ୍ନ କଲ୍ୟାଣକାରୀ ଯୋଜନା ଏବଂ କାର୍ଯ୍ୟକ୍ରମର ଲାଭ ପାଇପାରିବେ ସେଥିପାଇଁ ପ୍ରଶାସନିକ ପ୍ରତିବନ୍ଧକ ଏବଂ ନୀତିଗତ ସମସ୍ୟା ଦୂର କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ଗଣ୍ଡ ଘୋଷଣା କହିଛନ୍ତି ଯେ ଅତିରିକ୍ତ ୮୩,୧୩୫ ଜଣ ହିତାଧିକାରୀଙ୍କୁ ପ୍ରତିମାସ ୩,୫୦୦ ଟଙ୍କା ବର୍ଦ୍ଧିତ ହାରରେ ସାମାଜିକ ସୁରକ୍ଷା ପେନସନ ମଞ୍ଜୁର କରାଯାଇଛି ଏବଂ ରାଜ୍ୟରେ ମୋଟ ୫ ଲକ୍ଷ ହିତାଧିକାରୀ ବର୍ଦ୍ଧିତ ହାରରେ ଭତ୍ତା ପାଉଛନ୍ତି। ସେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକ ସମ୍ପୂର୍ଣ୍ଣ ହେବା ନିଶ୍ଚିତ କରିବାକୁ ଏବଂ ରାଜ୍ୟରେ ଚାଲୁଥିବା ଅନୁଷ୍ଠାନ ତଥା ସ୍ୱତନ୍ତ୍ର ବିଦ୍ୟାଳୟ ଏବଂ ବୃଦ୍ଧାଶ୍ରମଗୁଡ଼ିକୁ ନିୟମିତ ପରିଦର୍ଶନ କରିବାକୁ ପରାମର୍ଶ ଦେଇଥିଲେ। ବିଭାଗର ବଜେଟ ଅନୁଦାନର ସ୍ଥିତି ସମୀକ୍ଷା କରି ମନ୍ତ୍ରୀ ଶ୍ରୀ ଗଣ୍ଡ ବଜେଟର ୧୦୦% ଉପଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହାସହିତ ବୃଦ୍ଧା, ଦିବ୍ୟାଙ୍ଗ ଏବଂ ଅନ୍ୟାନ୍ୟ ନିର୍ଦ୍ଦିଷ୍ଟ ବର୍ଗଙ୍କ ପାଇଁ କଲ୍ୟାଣକାରୀ କାର୍ଯ୍ୟକ୍ରମ ଏବଂ କାର୍ଯ୍ୟକଳାପକୁ ସଠିକ୍ ଭାବରେ ସମଯୋଚିତ ଭାବରେ କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦେଇଥିଲେ। ବୈଠକ ଶେଷରେ ବିଭାଗର ନିର୍ଦ୍ଦେଶିକା ନିୟତି ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ଛତିଶା ନିଯୋଗ ବୈଠକରେ ବଡ଼ ନିଷ୍ପତ୍ତି

## ପହଣ୍ଡିରେ ରହିବେ ନିର୍ଦ୍ଦିଷ୍ଟ ସେବାୟତ

**ପୁରୀ :** ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରା ସମୟରେ ପହଣ୍ଡି ଅଘଟଣ ରୋକିବାକୁ ଛତିଶା ନିଯୋଗ ବୈଠକରେ ବଡ଼ ନିଷ୍ପତ୍ତି ନିଆଯାଇଛି। ଶ୍ରୀଜୀଉଙ୍କ ପହଣ୍ଡିବେଳେ ନିର୍ଦ୍ଦିଷ୍ଟ ସେବାୟତ ଓ ଅଧିକାରୀ ରହିବେ ବୋଲି ସୂଚନା ମିଳିଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଛନ୍ତି ଯେ ପୁରୀ ରଥଯାତ୍ରାବେଳେ ପହଣ୍ଡି ଅଘଟଣ ରୋକିବା ନେଇ ଛତିଶା ନିଯୋଗ ବୈଠକରେ ବଡ଼ ନିଷ୍ପତ୍ତି ନିଆଯାଇଛି। ଛତିଶ ନିଯୋଗ ବୈଠକରେ ଗତବର୍ଷ ଭଳି ପହଣ୍ଡି ଅଘଟଣ ଯେଭଳି ନ ହୁଏ ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି। ରଥଯାତ୍ରାବେଳେ ପହଣ୍ଡି ବିଜେ ବେଳେ ନିର୍ଦ୍ଦିଷ୍ଟ ସେବାୟତ ଓ ଅଧିକାରୀ ରହିବେ। ବାଡ଼ଗ୍ରାହୀ, ଭୋଇ ସେବକ, ବରିଷ୍ଠ ତତ୍ତ୍ୱାବଧାରକ ଉପସ୍ଥିତ ରହିବେ ବୋଲି ନିଷ୍ପତ୍ତି ନିଆଯାଇଛି। ଛତିଶା ନିଯୋଗ ବୈଠକରେ ଶ୍ରୀଜୀଉଙ୍କ ସ୍ନାନଯାତ୍ରାଠାରୁ ନିଳାଦ୍ରୀ ବିଜେ ପର୍ଯ୍ୟନ୍ତ ନୀତିକାନ୍ତି ଶୃଙ୍ଖଳିତ ଭାବେ ସମାପନ କରିବାକୁ ଗୁରୁତ୍ୱ ଦିଆଯାଇଛି ବୋଲି ଶ୍ରୀ ପାଢ଼ୀ ପ୍ରକାଶ




କରିଛନ୍ତି। ଛତିଶା ନିଯୋଗ ବୈଠକରେ ମୁଖ୍ୟ ପ୍ରଶାସକଙ୍କ ସମେତ ପୁରୀ ଜିଲାପାଳ, ଏସପି, ନିଯୋଗ ସଦସ୍ୟ ଏବଂ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ବରିଷ୍ଠ ଅଧିକାରୀ ବୈଠକରେ ଯୋଗଦେଇଥିଲେ। ସୂଚନାଯୋଗ୍ୟ ଯେ ଚଳିତ ବର୍ଷ ମହାପ୍ରଭୁଙ୍କ ଘୋଷଯାତ୍ରା ଜୁନ ୨୭ରେ ଅନୁଷ୍ଠିତ ହେବ। ଏଠାରେ ସୂଚନା ଯୋଗ୍ୟ ଯେ ଗତ ବର୍ଷ ରଥଯାତ୍ରା ଆଡ଼ପ ପହଣ୍ଡି ବେଳେ ବଡ଼ ଠାକୁର ବଳଭଦ୍ର ଖସିପଡ଼ିଥିଲେ। ତାଳଧ୍ୱଜ ରଥର ଚାରମାଳ ଉପରୁ ହାମୁଡେଇ ପଡ଼ିଥିଲେ ବଡ଼ ଠାକୁର। ତେବେ ଏପରି ଅଘଟଣ କୋଟି କୋଟି ଓଡ଼ିଆଙ୍କ ମନରେ କୋଉଠି ନା କୋଉଠି ଆଘାତ ପହଞ୍ଚାଇଥିଲା।

# ଭଦ୍ରକରେ ହେବ ରାଜ୍ୟର ପ୍ରଥମ କୃଷି-ପରିବେଶ ପର୍ଯ୍ୟଟନ ପାର୍କ

**ଭଦ୍ରକ :** ଭଦ୍ରକରେ ପ୍ରତିଷ୍ଠା ହେବ ରାଜ୍ୟର ପ୍ରଥମ ଏଗ୍ରୋ-ଇକୋ ଟୁରିଜମ୍ ପାର୍କ। ଏଥିପାଇଁ ପ୍ରକଳ୍ପ ଚିଠା ପ୍ରସ୍ତୁତ ହୋଇଛି। ରାଣୀତାଲ ନିକଟ ଜାତୀୟ ରାଜପଥ ପାର୍ଶ୍ୱ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଏହି ପାର୍କ ପ୍ରତିଷ୍ଠା ହେବ। କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ପ୍ରସ୍ତୁତ ହୋଇଥିବା ପ୍ରକଳ୍ପ ପ୍ରସ୍ତାବ ଉପରେ ମଙ୍ଗଳବାର ଜିଲା କାର୍ଯ୍ୟାଳୟରେ ବିଚାର ବିମର୍ଶ ହୋଇଛି। ସୂଚନା ଅନୁଯାୟୀ, ଗତ ଅକ୍ଷୟ ତୃତୀୟାରେ ଉଚ୍ଚଶିକ୍ଷା ମନ୍ତ୍ରୀ ରାଣୀତାଲ କୃଷି ବିଜ୍ଞାନ କେନ୍ଦ୍ରରେ ଅକ୍ଷିମୁଠି ଅନୁକୂଳ ପାଇଁ ଅତିଥି ହୋଇ ଆସିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବିସ୍ତୃତ ପରିସରକୁ ଦେଖିବା ପରେ ମନ୍ତ୍ରୀ ଶ୍ରୀ ସୂରଜ ଜିଲାପାଳଙ୍କ ଉପସ୍ଥିତିରେ ବିଭାଗୀୟ ଅଧିକାରୀମାନଙ୍କ ସହ ଏଗ୍ରୋ-ଇକୋ ଟୁରିଜମ ମଡେଲ ପାର୍କ ପ୍ରତିଷ୍ଠା କଥା ଉଠାଇଥିଲେ। ବିଜ୍ଞାନ କେନ୍ଦ୍ରର କିଛି ଅବ୍ୟବହୃତ ଜମିରେ ଉକ୍ତ ପାର୍କ ନିର୍ମାଣ କରାଯିବା ସମ୍ଭବ କି ନୁହେଁ, ତାହା ଆଲୋଚନା କରିଥିଲେ। ପାର୍କଟି ଅତ୍ୟାଧୁନିକ ଓ ଅଭିନବ ହେବା ଉଚିତ ବୋଲି ମନ୍ତ୍ରୀ କହିଥିଲେ। ଏଥିଲାଗି ଏକ ପ୍ରକଳ୍ପ ଚିଠା ପ୍ରସ୍ତୁତ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେବା ପରେ କେନ୍ଦ୍ରର ବୈଜ୍ଞାନିକ ଓ ଅଧିକାରୀମାନେ ଏହି କାର୍ଯ୍ୟରେ ଲାଗିପଡ଼ିଥିଲେ। ଉକ୍ତ ଚିଠା ଆପାତତଃ ଚୂଡ଼ାନ୍ତ ହୋଇଛି। ପ୍ରାପ୍ତ ସୂଚନାନୁଯାୟୀ, ରାଣୀତାଲ କୃଷି ବିଜ୍ଞାନ କେନ୍ଦ୍ରର ୧୩୦ ଏକର ଜମି ମଧ୍ୟରୁ ମାତ୍ର ୫ ହେକ୍ଟର ଜମିରେ ଏହି ପାର୍କ ନିର୍ମାଣ ହେବ। ବର୍ଷାଦିନେ ଜଳ ନିଷ୍କାସନ ପଥ ସାଜିଥିବା ଜମିରେ ଏକ ବୃହତ ଜଳାଶୟ ଖନନ କରାଯାଇ ତହିଁରେ ମାଛ ଚାଷ ସହ ବୋଟିଂ ବ୍ୟବସ୍ଥା ବି ରହିବ। ଏଥିସହିତ ପାର୍କ ପରିସରରେ କୃଷି ବିଜ୍ଞାନ କେନ୍ଦ୍ରର ଗବେଷଣାଭିତ୍ତିକ ଡେମୋ ପ୍ରଦର୍ଶିତ ହେବ। କୁକୁଡା



ପାଳନ, ଛତୁ ଚାଷ ଠାରୁ ଆରମ୍ଭ କରି ଖତ ଉତ୍ପାଦନ ଯାଏ ସମସ୍ତ ଗବେଷଣା ଉପଲବ୍ଧିର ଡେମୋ ପ୍ରଦର୍ଶିତ ହେବ। ପାର୍କ ଭିତରେ ପର୍ଯ୍ୟଟକଙ୍କ ଲାଗି ରାତ୍ରିଯାପନର ବ୍ୟବସ୍ଥା ରହିବ। ଏଥିଲାଗି ୪ଟି କଟେଜ ନିର୍ମାଣ ହେବ। ବ୍ୟାୟାମଶାଳା ଓ ଯୋଗ ଆଦି ପାଇଁ ବ୍ୟବସ୍ଥା ରହିବ। ବିଭିନ୍ନ ପ୍ରକାର ବୃକ୍ଷରାଜି ସହିତ ଔଷଧୀୟ ଗୁଳ୍ମଲତାରେ ପାର୍କକୁ ସୁଶୋଭିତ କରାଯିବ। ପାର୍କ ଭିତରେ 'ଫାର୍ମାର୍ସ ହଷ୍ଟେଲ' ବି ରହିବ। ଛୋଟ ପିଲାଙ୍କ ମନୋରଞ୍ଜନ ଲାଗି ମଧ ବ୍ୟବସ୍ଥା ରହିବ। ବିଭିନ୍ନ ଉତ୍ପାଦନ ସାମଗ୍ରୀର ବିକ୍ରୟ କେନ୍ଦ୍ର ସ୍ଥାପନ ହେବ। ରାଜପଥ କଡ଼ରେ ଏହି ପାର୍କ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ସହ ପର୍ଯ୍ୟଟନ ବିକାଶ କ୍ଷେତ୍ରରେ ଏକ ମାଇଲ ଖୁଣ୍ଟ ସଦୃଶ ହେବ ବୋଲି ଆଶା ରହିଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଏଥିପାଇଁ ବ୍ୟୟ ଅଟକଳ ୨୫ କୋଟି ଟଙ୍କା ରହିଥିବା ଜଣାଯାଇଛି। ସରକାର ଚାହିଁଲେ ଆହୁରି ଅଧିକ ଅର୍ଥ ଏଠାରେ ଖର୍ଚ୍ଚ ହୋଇପାରିବ। ପର୍ଯ୍ୟଟକଙ୍କ ପ୍ରବେଶ ଲାଗି ସର୍ବନିମ୍ନ ଶୁଳ୍କ ବ୍ୟବସ୍ଥା ରହିବ। ଯେଉଁ ଅର୍ଥରେ ପାର୍କର ରକ୍ଷଣାବେକ୍ଷଣ କରାଯିବ। ତେବେ ରାଣୀତାଲ କୃଷି ବିଜ୍ଞାନ କେନ୍ଦ୍ରର ଅଧିକାରୀମାନେ ଧୁଷୁରୀ ଗସ୍ତରେ ଆସିଥିବା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଭେଟି ପ୍ରସ୍ତୁତ ପ୍ରକଳ୍ପ ଚିଠାର ନଥିପତ୍ର ଦେଖାଇବା ସହ ଆଲୋଚନା ସାରିଥିବା ଜଣାଯାଇଛି। ତେବେ ଏଥିପାଇଁ ପର୍ଯ୍ୟଟନ ବିଭାଗ ଅଥବା କୃଷି ବିଭାଗ ପକ୍ଷରୁ ଅନୁଦାନ ମଞ୍ଜୁର ହେବ କି ନା କିଛି ସ୍ପଷ୍ଟ ସୂଚନା ମିଳିନାହିଁ। ସୂଚନା ଥାଉକି, ରାଣୀତାଲରେ ସ୍ଥାପିତ କୃଷି ବିଜ୍ଞାନ କେନ୍ଦ୍ରଟି ଓୟୁଏଟି ଅଧୀନରେ କାର୍ଯ୍ୟ କରୁଛି।



କାହା କଥାରେ ଯଦି କୌଣସି ଭୁଲ କିମ୍ବା ଠିକ୍ ହୋଇଯାଉଥାନ୍ତା, ତେବେ ଦୁନିଆ ସ୍ୱର୍ଗ ପାଲଟି ଯାଇଥାନ୍ତା।

EKAMAATRA ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୬ ମଇ - ୧ ଜୁନ୍, ୨୦୨୫


# ମା' ଓ ମାଟିକୁ ଭୁଲିହୁଏ !




ସମ୍ପାଦକୀୟ
ତାରକ ମହାନ୍ତି


ପରିବର୍ତ୍ତନ ଯଦିଓ ଏକ ପ୍ରକ୍ରିୟା ସେଥିରେ ନିଜର ଦାୟିତ୍ୱ ଏବଂ କର୍ତ୍ତବ୍ୟ କଣ ତାହା ବୁଝିନପାରିଲେ ସଂସାରକୁ କଣ ସହଜରେ ବୁଝିହୁଏ ? ଗୋଟିଏ କଥା ମନେପକାନ୍ତୁ, ଆପଣ ଯେତେବେଳେ ଶିଶୁଟିଏ ହୋଇ ପୃଥିବୀ ପୃଷ୍ଠକୁ ଆସିଥିଲେ, ପାଟିରୁ ଶବ୍ଦ ବାହାରୁନଥିଲା ଏବଂ ଯେତେବେଳେ ଖଣ୍ଡି ଖଣ୍ଡି ଶବ୍ଦ କହିବା ଶିଖିଲେ ସେତେବେଳେ ସେହି ଭାଷା କେବଳ ମାଆ ହିଁ ବୁଝିପାରୁଥିଲା। ପିଲାର ହସ କାନ୍ଦ ସବୁକଥା ମାଆ ବୁଝିପାରୁଥିଲା ବୋଲି ଖାଇବା ପିଇବା ଠାରୁ ଆରମ୍ଭ କରି ପିଲାର ଅଳି ଅଝଟ ବୁଝି ପିଲାକୁ ସମ୍ଭାଳି ପାରୁଥିଲା। ତାପରେ ପିଲା ବଡ଼ ହେଲା ଓ ନିଜ କଥା ବା ନିଜ ମନର ଭାବନାକୁ ପରିପ୍ରକାଶ କରିପାରିଲା। ସମୟ ବଢିବା ସହ ପିଲା ବୟସ ଅନୁସାରେ ନିଜର ନିଷ୍ପତ୍ତି ନିଜେ ନେଲା ଏବଂ ମାଆର ବୟସ ମଧ୍ୟ ବଢିଚାଲିଲା। ଯେତେବେଳେ ପିତାମାତା ଧନୀ ନଥାଇ ମଧ୍ୟ ପିଲାଙ୍କ ସବୁ ଅଭାବ ପୂରଣ କରିପାରୁଥିଲେ ସେଥିପାଇଁ ବାପାମାଆ କେବେ ପିଲାଙ୍କ ନିକଟରୁ ଧନ୍ୟବାଦ ଆଶା ରଖୁନଥିଲେ। ହେଲେ ପିଲାମାନେ ବାପାମାଆଙ୍କ ତ୍ୟାଗ କେତେ ମନେରଖୁଥିଲା ବା ମନେରଖୁଛନ୍ତି ତାହା ହିଁ ବଡ଼ ପ୍ରସଙ୍ଗ। ମନେକରନ୍ତୁ ପୁଅ ଅତ୍ୟନ୍ତ ଧନୀ ହୋଇଯାଇଛି ଏବଂ ମାଆ ଶଯ୍ୟାଶାୟୀ। ତାହା ହିଁ ଘଟୁଛି ଅନେକ ସମୟରେ। ପୁଅ ରୋଜଗାର ପାଇଁ ପିଲାଛୁଆ ଧରି ବାପାମାଆଙ୍କ ନିକଟରୁ ଅନେକ ଦୂରକୁ ଚାଲିଯାଉଛନ୍ତି। ଏପଟେ ନିଃସଙ୍ଗ ଜୀବନ ବିତାଉଛନ୍ତି ବାପାମାଆ। ଏପରି ଅବସ୍ଥାରେ ଯଦି ବାପାଙ୍କ ଦେହାନ୍ତ ହେଉଛି ଏବଂ ଏ ଖବର ପୁଅ ନିକଟକୁ ଯାଉଛି, ପୁଅ ଫୋନ କରିଥିବା ବ୍ୟକ୍ତିଙ୍କୁ କ୍ରିୟାକର୍ମର ଦାୟିତ୍ୱ ଦେଇ ନିଜର ସମୟ ନଥିବା କହି ମୋଟା ଅଙ୍କର ଅର୍ଥ ପଠାଇଦେବି କହୁଛି। ସମୟ ଗଡିଚାଲୁଚି କୌଣସି ପ୍ରକାରେ। ମା'ଟିଏ ଏକୁଟିଆ ହୋଇଯାଉଛି। ପାଖ ପଡିଶା କେହି କେମିତି ବେଳେବେଳେ ଆସି ଭଲ ମନ୍ଦ ପଚାରି ବୁଝୁଛନ୍ତି। ହେଲେ ମାଆ ଖୋଜୁଛି ନିଜ ସନ୍ତାନକୁ ଯାହାକୁ ଦିନେ କୋଳେଇ କାଖେଇ ମଣିଷ କରିଥିଲା। ଏହା କେବଳ ଗୋଟିଏ ମାଆର କାହାଣୀ ନୁହେଁ ବା ଗୋଟିଏ ପରିବାରର ଘଟଣା ନୁହେଁ, ଅସଂଖ୍ୟ ବାପାମାଆ ଆଜି ଏଭଳି ଦୁର୍ଦ୍ଦଶା ଭୋଗୁଛନ୍ତି। ହୁଏତ କେବେ କାଁଭାଁ ନିଜର ପୁଅବୋହୂ ବିଦେଶରୁ ଆସି ଦିନେ ଅଧେ ରହି ମା'ବାପାଙ୍କ କଥା ପଚାରି ବୁଝନ୍ତି। ସବୁକଥାରେ ଟଙ୍କା ପଠେଇଦେବି କହି ପୁଣି ଚାଲନ୍ତି ନିଜ କର୍ମ କ୍ଷେତ୍ରକୁ। ହେଲେ ଏପଟେ ବାର୍ଦ୍ଧକ୍ୟ ବୋଝ ହୋଇ ବାପାମାଆଙ୍କୁ ଗ୍ରାସ କରି ଚାଲୁଥାଏ। ଏଭଳି ଏକ ଶୁଣିଥିବା କାହାଣୀର ଅବତାରଣା କରୁଛି ଏଇଥିପାଇଁ ଯେ, ବୃଦ୍ଧାବସ୍ଥାରେ ବାପମା'ଙ୍କ ଯତ୍ନ ନେବା ଓ ଟଙ୍କା ପଠାଇ ଜରାଶ୍ରମରେ ରଖିବା କେତେ ଯୁକ୍ତିଯୁକ୍ତ। ସ୍ୱାମୀ ହରେଇଥିବା ଜଣେ ବୃଦ୍ଧା ବୟସାଧିକ ତଥା ରୋଗଗ୍ରସ୍ତ ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ପାଖରେ ଦେଖାଶୁଣା ପାଇଁ ବୃଦ୍ଧାଙ୍କ ସାନଭଉଣୀ ପାଖରେ ରହୁଥିଲେ। ଜୀବନର ଅନ୍ତିମ ଅବସ୍ଥା ହେଉ ବୃଦ୍ଧା ଜଣଙ୍କ ନିଜ ପୁଅକୁ ଦେଖିବାକୁ ବ୍ୟାକୁଳ ହେଉଥିଲେ। ଡକ୍ଟର ଯେତେ ଯାହା ଔଷଧ ଦେଲେ ବି ବୃଦ୍ଧା ଜଣଙ୍କ ଏହା ସ୍ପର୍ଶ କରୁନଥିଲେ। କେବଳ ପଚାରୁଥିଲେ ପୁଅ ମୋର ଆସିଲା କି ! ହସ୍ପିଟାଲରେ ରହିବାର ଚାରିଦିନ ପରେ ପୁଅ ଉକ୍ତ ହସ୍ପିଟାଲରେ ପହଞ୍ଚିଥିଲେ। ହେଲେ ସେତେବେଳକୁ ବୃଦ୍ଧା ଜଣଙ୍କ ଆଉ ଭଲରେ କଥା କହିପାରୁନଥିଲେ। ତେଣୁ ଡକ୍ଟର ମାନଙ୍କୁ ପଚାରୁଥିଲେ ଯେ କେତେ ଟଙ୍କା ହେଲେ ମୋ ମାଆ ବଞ୍ଚିବେ। ଡକ୍ଟର କହିଲେ ସେତ ଔଷଧ କି ଖାଦ୍ୟ ସ୍ପର୍ଶ କରୁନାହାନ୍ତି, ରୋଗ ଭଲ ହେବ କିପରି ? ପୁଅ ମାଆକୁ ଚାହିଁ କହିଲେ ମେଡ଼ିସିନ ଓ ଖାଦ୍ୟ ଖାଆ। ମାଆ କିଛି ଉତ୍ତର ନଦେଇ କେବଳ ଠାରରେ କହିଲେ କିଛି କଥା, ଯାହା ପୁଅ ବୁଝିପାରୁନଥିଲେ। ମାଆକୁ ଦୁଇଚାରିଥର କହିବା ପରେ ପାଖରେ ଥିବା ମାଉସୀଙ୍କୁ ପୁଅ ପଚାରିଥିଲେ ଯେ ମାଆ କଣ କହୁଛି ?

ସେଠାରୁ ନୂଆ କାହାଣୀର ଆରମ୍ଭ ଭାବିନିଅନ୍ତୁ। କାରଣ ମାଆ ପରେ ମାଉସୀଙ୍କ ଭୂମିକା କଣ ତାହା ପ୍ରତ୍ୟେକ ଓଡ଼ିଆ ପରିବାର ଜାଣନ୍ତି। ହେଲେ ପଚାଶ ବର୍ଷ ତଳରେ ଆମେ ଯେଉଁ ଦୁନିଆ, ଯେଉଁ ମାଟି ମମତାରେ ଥିଲେ ତାହା ଏବେ ଅଛି କି ? ଅଛି କି ଯୌଥ ପରିବାର ନା ମୁରବି ବୋଲି ବଡ଼ଭାଇକୁ ମାନିବାର ପ୍ରଥା ! ସବୁ କିଛି ବଦଳି ଯାଇଛି ସଭ୍ୟତା ସହ ଓ ସମୟ ସହିତ। ମାଉସୀ ଉତ୍ତର ଦେବାକୁ ବାଧ ହେବେ କି ନାହିଁ ! ନିଜ ବଡ଼ ଭଉଣୀର ପୁଅ ବିଦେଶରୁ ଆସି ଯେତେବେଳେ ପ୍ରଶ୍ନ କରୁଛି ନିଜ ମାଆ କଣ କହୁଛି ବୋଲି ସେଠାରେ ମାଉସୀଙ୍କ ନିରବତା କଣ ଯୁକ୍ତିଯୁକ୍ତ ହେବ ! ନା, ଏହା ମୋ ବିଚାର। ଦୁଃଖ କଷ୍ଟ ସହି ନିଜ ପେଟକୁ ମାରି ପିଲାଛୁଆଙ୍କୁ ପୋଷିବା ଯଦି ଭୁଲ ତେବେ ସେ ବାପା ମାଆ ନିହାତି ଭୁଲ କରିଥିବେ। ଏହା ଆଜିକାଲି ପରିବାର ବା ଗୋଟିଏ ପରିବାରର କଥା ନୁହେଁ। କ୍ଷତି ଯେତିକି କ୍ଷତ ସେତିକି। ପ୍ରଶ୍ନ ଥିଲା ପୁଅ ପଚାରିଥିବା ପ୍ରଶ୍ନ - ମାଆ ଯାହା କହୁଛି ବୁଝି ହେଉନି କାହିଁକି ? ମାଉସୀ କହିଲେ, ହଇରେ ପୁଅ ତୁ ଯେତେବେଳେ ଭୂମିଷ୍ଠ ହେଲୁ ତୋ ଆଖି ଦେଖି ମନର ଭାଷା ହିଁ ତୋ ମାଆ ପଢୁଥିଲା। ସେହି ଅନୁସାରେ ତୋତେ ଲାଳନ ପାଳନ କରିଆସିଲା। ତୁ ଯେତେବେଳେ ଦରୋଟି ଓଠରେ କିଛି ଅସ୍ପଷ୍ଟ କଥା କହିଲୁ ସେ ଭାଷା ସେଇ ମାଆ ହିଁ ବୁଝୁଥିଲା। ତୋତେ ଭୋକ ଶୋଷ ଲାଗିଲେ ତୁ କଥା କହିପାରୁନଥିଲା ବେଳେ ମାଆ ହିଁ ତୋର ସବୁକଥା ବୁଝିପାରୁଥିଲା। ଆଉ ଆଜି ଯେତେବେଳେ ତୋ ମାଆ ମୃତ୍ୟୁ ଅପେକ୍ଷାରେ ତା ପାଟିରୁ କଥା ପଦେ ସ୍ପଷ୍ଟ ବାହାରୁନାହିଁ ତୁ କଣ ତୋ ମାଆର ଭାଷା ବୁଝିପାରିନୁ ! ହଉ, ତୋ ମାଆ କହୁଛି ପୁଅରେ, ଆ ଇଆଡ଼େ ଆ। ମୋ ପାଖରେ କ୍ଷଣେ ବସ ମୋତେ ଟିକେ ଆଉଁସି ଦେ। ମୋର ଆଉ ଖାଦ୍ୟ ଔଷଧ କଣ ଲୋଡ଼ା ! ମୂଳକଥା ହେଲା ଯେଉଁ ସମୟରେ ମାଆ ବାପାଙ୍କୁ ଟିକେ ସ୍ନେହ ଆଦର ଦରକାର ସେତେବେଳେ ଆମେ ଟଙ୍କା ଦେଇ ତାଙ୍କ ମନରେ ଥିବା ଭାବନାକୁ କଣ ବୁଝିପାରିବା ! ଟଙ୍କାରେ ଯଦି ସବୁ କିଣିହେଉଥାନ୍ତା ତେବେ ମାଆ ବାପା ଆଉ ପିଲାଛୁଆ ପାଳନ୍ତେକାହିଁକି ! ଟଙ୍କା ଆବଶ୍ୟକ, ତା ବୋଲି ସ୍ନେହ, ପ୍ରେମ ଓ ସେବା ବଦଳରେ ଟଙ୍କା କଣ ମଣିଷ ମନର ଭାବ ଓ ଭାବନାକୁ ବୁଝିପାରେ ! ଏହି ନବୁଝିପାରିବା କାରଣ ହେତୁ ପିଲାମାନେ ବଡ଼ ହେଲାପରେ ମାଆ ବାପାଙ୍କ ଗୁରୁତ୍ୱ କଣ ତାହା ବୁଝିପାରୁନାହାନ୍ତି। ଯାହା ଫଳରେ ଆଜିର ଦୁନିଆରେ ଅନେକ ମାଆ ବାପା ପିଲାଙ୍କ ପାଇଁ ଅଲୋଡ଼ା ହୋଇପଡୁଛନ୍ତି। ଜରାଶ୍ରମ ଅନ୍ତେବାସିନୀ ହୋଇ ଆଖିର ଲୁହ ଓଠରେ ପିଇ ଜୀବନ ଅତିବାହିତ କରୁଥିଲେ ସୁଦ୍ଧା ପିଲାମାନଙ୍କର ମଙ୍ଗଳ କାମନା କରିଚାଲୁଛନ୍ତି। ହେଲେ ପିଲାମାନେ ଏଇ ସାମାନ୍ୟ କଥା ବୁଝିବା ପାଇଁ ସମର୍ଥ ନହେବା ସତରେ ଆଶ୍ଚର୍ଯ୍ୟ ଲାଗୁନି। କ'ଣ ପାଇଁ ଏଭଳି ବ୍ୟତିକ୍ରମ ଘଟୁଛି ତାହା ବିଚାର କରିବାର ଅନେକ କାରଣ ରହିଛି। କିନ୍ତୁ ମା-ବାପାଙ୍କୁ ନେଇ ନିଜକୁ ଗର୍ବିତ ମନେ କରୁଥିବା ପିଲାମାନେ ବାସ୍ତବିକ ତାଙ୍କ ଜୀବନକୁ ସଫଳ କରିପାରିଛନ୍ତି। ଯେମିତି ମାଟି ଉପରେ ଗଛ, ଲତା ଏବଂ ଯେତେଯେତେ ସର୍ଜନା ହୋଇଛି ତାହା ଠିକ୍ ମା-ବାପାଙ୍କ ତ୍ୟାଗ ଭଳି। ତେଣୁ ପିତା-ମାତାଙ୍କ ତ୍ୟାଗ ଭୁଲି ଯାଇ କେହି କେବେ ସୁଖରେ ବା ଶାନ୍ତିରେ ରହିପାରିନାହିଁ। ସେଥିପାଇଁ ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପୀ ଗରିୟସୀ।


**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭


# ଅପରେସନ ସିନ୍ଦୂରର ପ୍ରଭାବ




ସୌମେନ୍ଦ୍ର ଜେନା


ଅପରେସନ ସିନ୍ଦୂର କାଳରେ କିଏ ଶତ୍ରୁ ଓ କିଏ ମିତ୍ର ତାହା ଦେଖିବାକୁ ଭାରତ ସୁଯୋଗ ପାଇଛି । ତେଣୁ ଆଦାନୀ ପରିଚାଳିତ ଅହମ୍ମଦାବାଦ ଓ ମୁମ୍ବାଇ ପରି ଅନେକ ବିମାନ ବନ୍ଦରରେ କାର୍ଯ୍ୟରତ ତୁର୍କୀର ସେଲେବି ଆଭିଏସନ୍‌କୁ କାର୍ଯ୍ୟରୁ ଅନ୍ତର କରାଯାଇଛି । ଏହି ସଂସ୍ଥା ଅଧିନରେ ହଜାର ହଜାର ଭାରତୀୟ କର୍ମଚାରୀ ରହିଥିଲେ, ଯେଉଁମାନଙ୍କୁ ସ୍ଥାନାନ୍ତରୀତ କିମ୍ବା ପୁନଃ ନିଯୁକ୍ତିର ସୁଯୋଗ ମିଳିବ ବୋଲି କୁହାଯାଇଛି । ସାଧାରଣ ଲୋକେ ଆର୍ଥିକ କ୍ଷେତ୍ରରେ ତୁର୍କୀ ଏବଂ ଆଜରବୈଜାନକୁ ବୟକଟ କରିବାକୁ ଆହ୍ୱାନ ଦେବାପରେ ବ୍ୟବସାୟୀମାନେ ମଧ୍ୟ ଏଥିଲେ ସାମିଲ ହୋଇଛନ୍ତି । ହିମାଚଳ ଏବଂ ପୁନେର ଫଳ ବ୍ୟବସାୟୀ ସଂଘ ତୁର୍କୀ ସେଓ ବିକ୍ରି କରିବା ବନ୍ଦ କରିବାକୁ ପଦକ୍ଷେପ ନେଇଛନ୍ତି । ସେମିତି ତୁର୍କୀର ମାର୍ବଲ ମଧ୍ୟ ଆମଦାନୀ ବନ୍ଦ କରିବାକୁ ମତପ୍ରକାଶ ପାଇଛି । ବାର୍ଷିକ ଭାରତକୁ ୮୪୭ କୋଟି ମୂଲ୍ୟର ସେଓ ତୁର୍କୀକୁ ଆସିଥାଏ । ସେମିତି ବାର୍ଷିକ ୩ଲକ୍ଷ ୫୦ହଜାର ପର୍ଯ୍ୟଟକ ଭାରତରୁ ତୁର୍କୀ ଯାଇଥାନ୍ତି । ବିଗତ ତିନିବର୍ଷରେ ଏମାନଙ୍କଠାରୁ ତୁର୍କୀ ୬୬୪୦ କୋଟି ଟଙ୍କା ଆୟ କରିଛି । ପର୍ଯ୍ୟଟନ ଏଜେଣ୍ଟ ଏବଂ କମ୍ପାନୀମାନେ ତୁର୍କୀ ବୁକିଂକୁ ରଦ୍ଦ କରିବାରେ ଲାଗିଛନ୍ତି । ସେମାନେ ଯାତ୍ରୀମାନଙ୍କୁ ବିକଳ୍ପ ଭାବେ ଗ୍ରୀସ ଏବଂ ଆର୍ମେନିଆ ଯିବାକୁ ସୁଯୋଗ ଦେଉଥିବାରୁ ଆଗାମୀ ଦିନରେ ୟୁରୋପର ଏହି ଦୁଇଟି ଛୋଟ ଦେଶରେ ଭାରତୀୟ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧିପାଇବ ବୋଲି କୁହାଯାଉଛି । ଆର୍ଥିକ ଦୃଷ୍ଟିରୁ ମଧ୍ୟ ଭାରତର ଏହି ଦୁଇ ବନ୍ଧୁ ରାଷ୍ଟ୍ର ଉପକୃତ ହେବେ । ଯାହା ଫଳରେ ସେମାନେ ଭାରତଠାରୁ ପ୍ରତିରକ୍ଷା ସାମଗ୍ରୀ କ୍ରୟ ପାଇଁ ଯେଉଁ ଖର୍ଚ୍ଚ କରୁଛନ୍ତି ସେଥିରେ ଭାରତୀୟଙ୍କ ସହଯୋଗ ରହିବା ସମ୍ଭବ ହେବ ।

ଅପରେସନ ସିନ୍ଦୂର ପାକ୍ ବିରୁଦ୍ଧରେ ମାତ୍ର ୪ଦିନର ସୀମିତ ଆକ୍ରମଣ ଥିଲେ ମଧ୍ୟ ଆମକୁ ବହୁତ କିଛି ଶିକ୍ଷା ଦେଇଛି । ସବା ନକବୀ, ଆକାର ପଟେଲ, ରାଣା ଅୟୁବ, ଆରଫା ଖାନମ ସେରୱାନୀ, ରବିଶ କୁମାରଙ୍କ ପରି କେତେକ ପାକ୍‌ପ୍ରେମୀ ପାକ୍ -ତୁର୍କୀର ପରାଜୟରେ ଶୋକପାଳନ କରୁଛନ୍ତି । ସାମାଜିକ ଗଣମାଧ୍ୟମରେ ସକ୍ରୀୟ ରହିଥିବା ଏହି ଗୋଷ୍ଠୀଙ୍କ ଭିତରୁ ଆକାର ପଟେଲ (ଓଡିଆ ଧରିତ୍ରୀର ସ୍ତମ୍ଭକାର) ତୁର୍କୀ ଯିବାକୁ ମନ କରିଛନ୍ତି । ଭାରତରେ ତୁର୍କୀକୁ ବିରୋଧ ହେଉଥିବାରୁ ଆକାର ପଟେଲ ଦୁଃଖିତ ଥିବା ଜଣାପଡୁଛି । କାରଣ ଇସ୍‌ଲାମିଷ୍ଟଙ୍କ ଚରଣବନ୍ଦନା କରୁଥିବା ଏବଂ ସନ୍ତ୍ରାସବାଦୀଙ୍କ ପ୍ରତି ଶ୍ରଦ୍ଧା ରଖୁଥିବା ଏହି ଗୋଷ୍ଠୀ ସେମାନଙ୍କଠାରୁ ଅନେକ ଅର୍ଥ ଭିନ୍ନ ଭିନ୍ନ ବାଟରେ ପାଉଛନ୍ତି । କିଏ ଭାରତକୁ ଖବରକାଗଜରେ ଗାଳି ଦେଇ ପାଉଛି, କିଏ ଭିଡିଓ କରି ପାଉଛି । ସେମିତି ଭିନ୍ନ ଭିନ୍ନ ରାଜ୍ୟରୁ ୧୬ ଜଣ ପାକ୍ ଗୁପ୍ତଚରଙ୍କୁ ଗିରଫ କରାଯାଇଛି । ହରିୟାଣା -ଉତ୍ତର ପ୍ରଦେଶରେ ୧୫୦ଜଣ ଲୋକଙ୍କୁ ନେଇ ଇକବାଲ ରାଣା ସହ ମିଶି ଆଇଏସ୍‌ଆଇ ପାଇଁ ଏକ ଗୋଷ୍ଠୀ କାର୍ଯ୍ୟ କରୁଥିଲେ । ଦିଲ୍ଲୀ-ଜାମ୍ମୁ ସେନାଙ୍କ ଟ୍ରେନ, ଭିନ୍ନ ଭିନ୍ନ ପ୍ରତିରକ୍ଷା ଅନୁଷ୍ଠାନର ଫଟୋ ନୋମାନ ଇଲାହୀ ନାମକ ଏକ ଗୁପ୍ତଚର ହାତରେ ୮ଟି ପାର୍ଟପୋର୍ଟ ସମେତ ଅନେକ ମୋବାଇଲ ରହିଥିଲା । ନୋମାନ ପାକ୍ ପାଇଁ ସ୍ଲିପର ସେଲ ଗଢୁଥିଲା ।

ଅପରେସନ ସିନ୍ଦୂର ଦେଶ ବାହାରେ ଭାରତ ବିରୋଧୀ ଗୋଷ୍ଠୀଗୁଡିକର କ୍ଷତିସାଧନ କରିବାକୁ ମାର୍ଗପ୍ରଶସ୍ତ କରିଥିଲାବେଳେ ଦେଶ ଭିତରେ ଥିବା ଆତ୍ମଘାତୀ, ଗୃହଶତ୍ରୁଙ୍କର ମୁଖା ଖୋଲିଦେଇଛି । ସେମିତି ଯୁଦ୍ଧକାଳରେ ରାଜସ୍ଥାନ ଗସ୍ତ କରି ସେଠାରୁ ସେନାବାହିନୀର ପ୍ରସ୍ତୁତି ସଂକ୍ରାନ୍ତରେ ଖବର ଦେଉଥିବା ଅଭିଯୋଗରେ ନୂଆଦିଲ୍ଲୀସ୍ଥିତ ପାକ୍ ହାଇକମିଶନରେ ନିଯୁକ୍ତ ଅଧିକାରୀ ୟାମିନ ମହମ୍ମଦ ଏବଂ ଗଜଲା ନାମ୍ନୀ ଜଣେ ମହିଳାଙ୍କୁ ଗିରଫ କରାଯିବା ପରେ ପାକ୍ ଅଧିକାରୀଙ୍କୁ ଭାରତରୁ ବିଦା କରି ଦିଆଯାଇଛି । ଏମାନେ ସ୍ଥାନୀୟ ଲୋକମାନଙ୍କୁ ଅର୍ଥ ପ୍ରଦାନକରି ତଥ୍ୟ ସଂଗ୍ରହ କରୁଥିଲେ । ଏମାନେ ସୋସିଆଲ ମିଡିଆ ଆକାଉଣ୍ଟ ମାଧ୍ୟମରେ ଅର୍ଥ ଏବଂ କାଗଜପତ୍ର ଦେଣନେଣ କରୁଥିଲେ । ସେମିତି ରାଜସ୍ଥାନର ଜୈସାଲମେରରୁ ୫ଜଣ ପାକିସ୍ତାନୀ ଗୁପ୍ତଚରଙ୍କୁ ଗିରଫ କରାଯାଇଛି । ମୁସଲମାନ ସଂପ୍ରଦାୟର ଏହି ପାକ୍ ଗୁପ୍ତଚରଗଣ ପୋଖରାନ ଏବଂ ଚନ୍ଦନରୁ ଭାରତୀୟ ସେନାବାହିନୀର ଗତିବିଧି ସଂକ୍ରାନ୍ତରେ ତଥ୍ୟ ସଂଗ୍ରହ କରୁଥିଲେ । ଠିକ୍ ସେମିତି ଆଇଏସ୍‌ଆଇଏସ୍ ପାଇଁ କାର୍ଯ୍ୟକରୁଥିବା ଦୁଇଜଣ ସନ୍ତ୍ରାସବାଦୀଙ୍କୁ ପୁଣେରୁ ଗିରଫ କରାଯାଇଛି । ଏହି ଦୁଇଜଣ ହେଲେ ତଲହା ଲିୟାକତ ଖାଁ ଏବଂ ଅବଦୁଲ୍ଲା ଫୟାଜ ଶେଖ । ଆଇଏସ୍ ଆଇଏସ୍ ଗୋଷ୍ଠୀ ମହାରାଷ୍ଟ୍ର ସମେତ ପଶ୍ଚିମବଙ୍ଗ, ଉତ୍ତର ପ୍ରଦେଶ, ଆସାମ ଏବଂ ବିହାରରେ ସକ୍ରୀୟ କରି କାର୍ଯ୍ୟକରୁଛି । ପଶ୍ଚିମବଙ୍ଗର ମାଲ୍‌ଦା ଏବଂ ମୁର୍ଶିଦାବାଦର ଅଲ ବଙ୍ଗାଲୀ ମିଡିଆ ଉର୍ଦ୍ଦୁ ପାମ୍ଫଲେଟ ଛାପି ଇସଲାମିକ ଷ୍ଟେଟ ଅଫ୍ ବେଙ୍ଗଲ ନାମରେ ବଣ୍ଟନ କରିଛି । ଭାରତରେ ଏହି ଗୋଷ୍ଠୀ ତିନୋଟି ଶାଖାରେ କାର୍ଯ୍ୟକରୁଛି (୧) ୟୁସୁଫ ଅଲ୍ ହିନ୍ଦ, (୨) ଅନ୍‌ସାରୁଲ ତୁହିଦ ଏବଂ (୩) ହରକତ୍ ଉଲ ହର୍ବେସ ଇସଲାମୀ । ଆଇଏସ୍‌ଆଇଏସ୍‌ର ଦୁଇଜଣଙ୍କୁ ହାଇଦ୍ରାବାଦରେ ବିସ୍ଫୋରଣ ଷଡଯନ୍ତ୍ର ପାଇଁ ଗିରଫ କରାଯାଇଛି । ୨୦୨୩ରେ ପାକ୍‌ର ଆଇଏସ୍‌ଆଇ ସହଯୋଗରେ କାଶ୍ମିରରେ ଗ୍ଲୋବାଲ ଇସଲାମିକ କାଲିଫେଟ ଖୋଲାଯାଇଥିଲା । ଏବେ ତାହା ଗ୍ଲୋବାଲ ଇସଲାମିକ କାଉନସିଲ ନାମରେ କାର୍ଯ୍ୟକରୁଛି,ଯାହା ଆଗାମୀ ଦିନରେ ଆଉ ଏକ ହୁରିୟାତ୍ ସଂଗଠନ ଭାବେ ମୁଣ୍ଡ ଟେକିବ ।

ଗୋଟିଏ ପଟେ ସୀମାନ୍ତରେ ଅପରେସନ ସିନ୍ଦୂର ଜାରିଥିଲା ବେଳେ ଏଣେ ଦେଶ ଭିତରେ ପାକ୍ ଆଇଏସ୍‌ଆଇ ସମର୍ଥକ ଜିହାଦି ଗୋଷ୍ଠୀ ବେଶ୍ ସକ୍ରୀୟ ହୋଇ ଉଠିଥିଲେ । ଉତ୍ତରପ୍ରଦେଶର ସମ୍ବଲର ବହଜୋଇର ଜଣେ ମୁସଲିମ ଯୁବକ ମହମ୍ମଦ ରିୟାଜଙ୍କୁ ନିକଟରେ ପୋଲିସ ଗିରଫ କରିଛି, ଯିଏକି ଯୁଦ୍ଧ ସମୟରେ ପ୍ରଚାର କରୁଥିଲା "ଯାହା ହେଉପଛେ ଆମେ ପାକିସ୍ତାନକୁ ସମର୍ଥନ କରିବୁ" । ସେମିତି ମୁଜାଫର ନଗର ପୋଲିସ ଦ୍ୱାରା ଅନୱଲ ଜାମିଲ ମଧ୍ୟ ପାକ୍‌କୁ ସମର୍ଥନ କରି ଗିରଫ ହୋଇଛି । ଉତ୍ତର ପ୍ରଦେଶର ସହାରନପୁରର ୧୧ଶ ଶ୍ରେଣୀର ଛାତ୍ରୀ ଜେବା ଅଫ୍‌ରୋଜ, ଶାହଜହାଁପୁରର ମହମ୍ମଦ ଜୈଦୀ ସମେତ ଭୋପାଳରେ ପାକ୍ ସମର୍ଥନରେ ବାତାବରଣ ଗଢୁଥିବା ଲୋକମାନଙ୍କୁ ଗିରଫ କରାଯାଇଛି । ହରିୟାଣାର ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରାଙ୍କ ସମେତ ୧୫ଜଣଙ୍କୁ ଆଇଏସ୍‌ଆଇ ପାଇଁ କାମକରୁଥିବା ଅଭିଯୋଗରେ ଗିରଫ କରାଯାଇଛି । ସେ 'ଟ୍ରାଭେଲ ୱିଥ୍ ଜୋ' ନାମକ ଏକ ୟୁଟ୍ୟୁବ ଚ୍ୟାନେଲ ଚଲାଉଥିଲେ । ୨୦୨୩ରେ ଜ୍ୟୋତି ପାକ୍ ଗସ୍ତ କରିଥିଲେ । ସେ ତାଙ୍କ ଭିସା ଜଣେ କମିଶନ ଏଜେଣ୍ଟ ନିକଟରୁ ସଂଗ୍ରହ କରିଥିଲେ । ଏହି ଘଟଣାରେ ପଞ୍ଜାବର ମାଲେର କୋଟଲାର ୟାମିନ ମହମ୍ମଦ, ହରିୟାଣାର କୈଥଲର ଦେବୀନ୍ଦର ସିଂହ ସଂପୃକ୍ତ ଥିଲେ । ହରିୟାଣା ନୁହର ଅର୍ମାନକୁ ଗିରଫ କରାଯାଉଛି । ସେ ୨୦୨୩ରେ ପାକ୍ ହାଇକମିଶନର ଅଫିସର କର୍ମଚାରୀ ଅହସାନ-ଉର-ରହିମ ଓରଫ ଦାନିସ ମାଧ୍ୟମରେ ଆଇଏସ୍‌ଆଇ ଏଜେଣ୍ଟର ସଂପର୍କରେ ଆସିଥିଲେ । ସେ ଅନେକଥର ପାକିସ୍ତାନକୁ ଗସ୍ତ କରିବା ସହ ଭାରତର ପ୍ରତିରକ୍ଷା ସଂସ୍ଥାଗୁଡିକ ସଂପର୍କରେ ଅନେକ ତଥ୍ୟ ଯୋଗାଇ ଆସୁଥିଲେ । ସେ ଜାଲି ନାମରେ ଆକାଉଣ୍ଟ ଖୋଲି ହ୍ୱାଟସ ଆପ୍, ଟେଲିଗ୍ରାମ, ସ୍ନାପଚାଟ ମାଧ୍ୟମରେ ଆଇଏସ୍‌ଆଇ ସଂପର୍କରେ ରହିଥିଲେ । ପାକ୍ ହାଇକମିଶନରୁ ସୁଟିଂ ନିମନ୍ତ୍ରଣ ପାଇ ଜ୍ୟୋତି ପାକିସ୍ତାନକୁ ଯାଉଥିଲେ । ଏହା କେବଳ ବାହାରକୁ ଲୁଚେଇବା ପାଇଁ ଥିଲା । ଅସଲରେ ସେ ବାରମ୍ବାର ପାକ୍ ଏଜେଣ୍ଟ ସହ ମିଶିବା ପାଇଁ ଯାଉଥିଲେ । ସେହିପରି କୈଥଲ ଜିଲ୍ଲାର ମସ୍ତଗଡଚିକାର ୨୫ ବର୍ଷୀୟ ଦେବେନ୍ଦର ଧିଲୋଁ ପାତିଆଲାର ଖାଲସା କଲେଜରେ ପଢିବାବେଳେ କର୍ତ୍ତାରପୁର ସାହିବ ଦର୍ଶନ କରିବାକୁ ପାକିସ୍ତାନକୁ ଯାଇ ଆଇଏସ୍‌ଆଇ ଏଜେଣ୍ଟର ସଂପର୍କରେ ଆସିଥିଲେ । ଦେବେନ୍ଦର ସୋସିଆଲ ମିଡିଆରେ ପାକ୍‌ର ପ୍ରଶଂସା କରୁଥିଲେ । ତାକୁ ଏନ୍‌ଏସ୍‌ଏ ଆଇନରେ ଗିରଫ କରାଯାଇଥିବା ଜଣାପଡିଛି । ଦେଶ ଭିତରେ ଏଭଳି ଗୃହଶତ୍ରୁ ଭାବେ କାର୍ଯ୍ୟ କରୁଥିବା ଅନେକ ଲୋକଙ୍କୁ ଏନ୍‌ଆଇଏ ଗିରଫ କରିବା ସତ୍ତ୍ୱେ ଦୁର୍ବଳ ଆଇନର ଗଳାବାଟ ଦେଇ ସେମାନେ ପରବର୍ତ୍ତୀ ସମୟରେ ଖସି ଆସିବାକୁ ସକ୍ଷମ ହେଉଛନ୍ତି, କିମ୍ବା ସେମାନଙ୍କୁ ଓକିଲଙ୍କ ଦ୍ୱାରା ଖସାଇ ଦିଆଯାଉଛି । ଅପରେସନ ସିନ୍ଦୂରର ପ୍ରଭାବ ଦେଶ ଭିତରେ ଯେମିତି ପଡିଛି ତେଣେ ଦେଶ ବାହାରେ ମଧ୍ୟ ପଡିଛି।

ପାକ୍‌ର ଆଣବିକ ଅସ୍ତ୍ରାଗାର ଉପରେ କ୍ଷେପଣାସ୍ତ୍ର ମାଡ ହେବାକ୍ଷଣି ଟ୍ରମ୍ପଙ୍କ ଚିନ୍ତା ଯୁଦ୍ଧବିରତି ପାଇଁ ବଢିଲା କାହିଁକି ? ତା'ର କାରଣ ହେଲା ପାକ୍‌ରେ ଥିବା ଆଣବିକ ଯୁଦ୍ଧାସ୍ତ୍ରଗୁଡିକ ମୁଖ୍ୟତଃ ଆମେରିକା ସହଯୋଗରେ ନିର୍ମିତ ଯାହାକୁ ପାକିସ୍ତାନରେ ଲୁଚାଇ ରଖାଯାଇଛି ରୁଷିଆ ଏବଂ ଭାରତକୁ ନିୟନ୍ତ୍ରଣ କରିବା ପାଇଁ । ଏପରିକି ପାକ୍‌ର ଭୂମିକା ସଂପର୍କରେ ଜାଣି ମଧ୍ୟ ଅସ୍ତ୍ରକିଣା ପାଇଁ ଆମେରିକା ଆଇଏମ୍‌ଏଫ୍ ଋଣ ମଧ୍ୟ ଦେଇଛି । ସମାନ ଢଙ୍ଗରେ ଏବେ ବଙ୍ଗଳାଦେଶକୁ ମଧ୍ୟ ଋଣ ମିଳିଛି ଭାରତର ବିକାଶକୁ ନିୟନ୍ତ୍ରିତ କରିବାପାଇଁ । ଏହା ଟ୍ରମ୍ପଙ୍କ ଆଉ ଏକ ଚାଲ । ୫କୋଟି ଟଙ୍କା ମୂଲ୍ୟର ଭାରତୀୟ ଆମ୍ବକୁ ବିକ୍ରି ପାଇଁ ଆମେରିକାରେ ପ୍ରବେଶାଧିକାର ନମିଳିବା ଏବଂ ପ୍ରବାସୀ ଭାରତୀୟଙ୍କ ଦ୍ୱାରା ଭାରତକୁ ପଠାଯାଉଥିବା ଅର୍ଥ ଉପରେ ୫ ପ୍ରତିଶତ ଟିକସ ପ୍ରସ୍ତାବ ତାର ପ୍ରମାଣ । ଅଭ୍ୟାସଗତ ମିଥ୍ୟାବାଦୀ ଭାବେ ପରିଚିତ ଆମେରିକା ରାଷ୍ଟ୍ରପତି ଏବେ ସାଉଦି ଆରବ ଗସ୍ତକରି ସିରିଆର ସନ୍ତ୍ରାସବାଦୀ ନେତାଙ୍କ ସହ ଫଟୋ ଉଠାଇବା ତାଙ୍କ ମୂର୍ଖତାର ପରିଚୟ ଦେଇଥାଏ । ଗୋଟିଏ ପଟେ ପାକ୍-ଭାରତ ସଂଘର୍ଷ ବନ୍ଦ କରିବାର ଶ୍ରେୟ ନେବା ଏବଂ ପୁଣି ଥରେ ସେଥିରୁ ଓହରିଯିବା ଟ୍ରମ୍ପଙ୍କ ବୟସାଧିକ୍ୟ ଦୃଷ୍ଟିରୁ ମାନସିକ ଅସ୍ଥିରତାକୁ ଦର୍ଶାଉଛି । ଯେମିତି ଚୀନ ଉପରେ ଆର୍ଥିକ କଟକଣା ଜାରିକରି ଏବେ ଚୀନ ସହ ବାଣିଜ୍ୟ ପାଇଁ ବୁଝାମଣା କରିବା ତାଙ୍କର ଅସ୍ଥିର ନୀତିକୁ ସ୍ପଷ୍ଟ କରିଛି ।

ଭାରତ-ପାକ୍ ମଧ୍ୟରେ ସୀମିତ ଯୁଦ୍ଧରୁ ଯାହା ଜଣାପଡିଛି ବିଦେଶୀ ରାଷ୍ଟ୍ରଗୁଡିକର ଭୂମିକା ଏ ସଂପର୍କରେ ସ୍ପଷ୍ଟ ନୁହେଁ । ଅନେକ ପାଶ୍ଚାତ୍ୟ ରାଷ୍ଟ୍ରରେ ବହୁ ମିଛ ଖବରମାନ ସେଠାକାର ଗଣମାଧ୍ୟମ ଗୁଡିକରେ ପ୍ରସାରିତ ହୋଇଛି । ସନ୍ତ୍ରାସବାଦୀଙ୍କୁ ଅନେକ ବନ୍ଧୁକଧାରୀ କିମ୍ବା ବିଦ୍ରୋହୀ ଭାବେ ମଧ୍ୟ ବର୍ଣ୍ଣନା କରିଛନ୍ତି । ଭାରତ ସଂପର୍କରେ ସେହିସବୁ ରାଷ୍ଟ୍ର ବିଶେଷ କିଛି ମନ୍ତବ୍ୟ ଦେଇନାହାନ୍ତି । ଏପରିକି ରୁଷିଆର ବିଦେଶମନ୍ତ୍ରୀ ଲାଭାରୋଭ ଇଣ୍ଡୋ-ପାସିଫିକ୍ ବଦଳରେ ଏସିଆ-ପାସିଫିକ୍ କହିବା ସହ ଆମେରିକା ଭାରତକୁ ଚୀନ ବିରୋଧରେ ଯିବାଲାଗି ଉସକାଉଥିବା ପରି ପିଲାଳିଆମୀ କଥା କହିଛନ୍ତି । ଏଥିରୁ ଯାହା ବୁଝିବାକୁ ହେବ ଯେ ଭାରତକୁ ଆଗାମୀ ଦିନରେ ଏକାକୀ ଯୁଦ୍ଧ ଲଢିବାକୁ ହେବ । ଭାରତର ଦ୍ରୁତ ବିକାଶ, ସ୍ୱଦେଶୀ ଜ୍ଞାନ କୌଶଳ, ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତାର ବୃଦ୍ଧି, ନିଜସ୍ୱ ଅସ୍ତ୍ରଶସ୍ତ୍ର, ଆମେରିକା ଓ ଚୀନଠାରୁ ଅଧିକ ସଫଳ ହେବା ଅନେକଙ୍କର ହଜମ ହୋଇନାହିଁ । ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର କୁଶଳୀ ନେତୃତ୍ୱ ମଧ୍ୟ ଅନେକ ବଡରାଷ୍ଟ୍ରଙ୍କ ପାଇଁ ଗାତ୍ରଦାହର କାରଣ ହୋଇଛି । ତା ନହୋଇଥିଲେ ଭାରତରେ ଆଇଫୋନ୍ ନିର୍ମାଣ ବନ୍ଦକରି ଆମେରିକାରେ ନିର୍ମାଣ କରିବାକୁ କମ୍ପାନୀର ମୁଖ୍ୟଙ୍କୁ ଟ୍ରମ୍ପ କହିନଥାନ୍ତେ । ଅତୀତରେ ଭାରତର ଆଣବିକ ବିକାଶକୁ କ୍ଷତିଗ୍ରସ୍ତ କରିବାକୁ ଆମେରିକା ଭାରତର ବୈଜ୍ଞାନିକ ବିକ୍ରମ ସରାଭାଇ ଏବଂ ପ୍ରଧାନମନ୍ତ୍ରୀ ଶାସ୍ତ୍ରୀଜୀଙ୍କୁ ହତ୍ୟା କରିଥିଲା । କ୍ରାୟୋଜେନିକ ଇଞ୍ଜିନ ଲାଭ କରିବାଲାଗି ଭାରତ ଉଦ୍ୟମ କଲାବେଳେ ରୁଷିଆ ଉପରେ ସେଥିପାଇଁ କଟକଣା ଲଗାଇଥିଲା ଆମେରିକା । ଏସବୁ ସତ୍ତ୍ୱେ ବିଳମ୍ବ ହେଲେ ମଧ୍ୟ ଭାରତ ସେଥିରେ ନିଜ ଜ୍ଞାନକୌଶଳକୁ ନେଇ ସଫଳ ହେଲା । ପାକିସ୍ତାନକୁ ଯୁଦ୍ଧରେ ଚକ୍‌ମା ଦେଖାଇ ଯୁଦ୍ଧବିମାନର ମଡେଲକୁ ଉଡାଇ ପାକ୍‌ସେନାର ଦୃଷ୍ଟିକୁ ସେ ଆଡକୁ ନେଇଯିବା ପରେ ଆବଶ୍ୟକ ଟାର୍ଗେଟଗୁଡିକ ଉପରେ କ୍ଷେପଣାସ୍ତ୍ର ମାଡ କରି ସଫଳ ହୋଇଥିଲା । ଭାରତ ସରକାରଙ୍କୁ ଆଗାମୀ ଦିନରେ ଚାପଗ୍ରସ୍ତ କରି ରଖିବାଲାଗି ବିଦେଶୀ ରାଷ୍ଟ୍ରମାନେ ଚାହିଁବେ । କିନ୍ତୁ ପ୍ରଧାନମନ୍ତ୍ରୀ ମୋଦି ୨୦୨୫ରେ ୨୦୫୦ର ବିକଶିତ ଭାରତ ଗଠନକୁ ଲକ୍ଷ୍ୟ ରଖି କାର୍ଯ୍ୟ କରୁଥିବା ଜଣାପଡିବ । ତେଣୁ ଅନ୍ତରୀଣ ବଜେଟରେ ୫୦ହଜାର କୋଟିର ଅଧିକ ବଜେଟ ଯୁଦ୍ଧାସ୍ତ୍ରକ୍ରୟ ପାଇଁ ସେନାବାହିନୀକୁ ଦେବାଲାଗି ସରକାର କହିବା ସଶକ୍ତ ଭାରତର ପ୍ରତିଶ୍ରୁତି ବୋଲି ଗ୍ରହଣ କରିବାକୁ ହେବ। ଭାରତର ପ୍ରତିରକ୍ଷା କମ୍ପାନୀଗୁଡିକର ସେୟାର ଦର ଆଶାତୀତ ଭାବେ ବୃଦ୍ଧିପାଇବା, ଅନେକ ରାଷ୍ଟ୍ର ଭାରତର କ୍ଷୁଦ୍ର କ୍ଷମତା ଉପରେ ବିଶ୍ୱାସ ରଖିବା, ଯୁଦ୍ଧାସ୍ତ୍ର ପ୍ରତି ଆଗ୍ରହ ଦେଖାଇବା ଏହାର ପ୍ରମାଣ । ତୁର୍କୀ, ଚୀନ, ଆଜରବୈଜାନ ପରି ରାଷ୍ଟ୍ରଙ୍କ ଚିନ୍ତା ବୃଦ୍ଧି ଏହା ଦର୍ଶାଇଥାଏ । ଅପରେସନ ସିନ୍ଦୂରର ବ୍ୟାପକ ପ୍ରଭାବ ଅନେକ ଦେଶରେ ଦେଖାଦେବ, ଏହା ନିଶ୍ଚିତ। ସାଂସଦ ମଣ୍ଡଳୀଙ୍କ ବିଶ୍ୱଗସ୍ତ ବେଳେ ଏହା ଦେଖିବାକୁ ମିଳିବ।

*ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*




# ସମ୍ବାଦପତ୍ର, ସାମ୍ବାଦିକ ଓ ମହାତ୍ମା


ଅକ୍ଷୟ କୁମାର ରାଉତ


*(ପୂର୍ବପ୍ରକାଶ ଉତ୍ତାରୁ)*

ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମର ଉତ୍ତର ଦାୟିତ୍ୱ ସବୁଠାରୁ ବେଶୀ। ବର୍ତ୍ତମାନ ଯୁଗରେ ସମ୍ବାଦ ଓ ସାମ୍ବାଦିକତାର ଗୁରୁତ୍ୱ ଯଥେଷ୍ଟ। ସମୟ ଥିଲା ପ୍ରସ୍ତର ଯୁଗରେ ମନୁଷ୍ୟ ତାର ଲିପି ପଥର ଉପରେ ଖୋଦିତ କରୁଥିଲା, କ୍ରମେ ତାଳପତ୍ର ଓ ଭୂଜପତ୍ରରେ ସାହିତ୍ୟ ଓ ସଂସ୍କୃତି ସଂରକ୍ଷଣର ଏକମାତ୍ର ମାଧ୍ୟମ ପାଲଟିଥିଲା। ମୁଦ୍ରଣ ଯନ୍ତ୍ରର ପରିକଳ୍ପନା ପରେ ଭାରତବର୍ଷରେ ଛାପା କାର୍ଯ୍ୟ ଆରମ୍ଭ ହେଲା। ପ୍ରଥମ ସମ୍ବାଦପତ୍ର ଭାବେ ୧୭୮୦ ଖ୍ରୀ.ଅ.ରେ 'ଦି ବେଙ୍ଗଲ ଗେଜେଟ' ପ୍ରକାଶ ପାଇଲା। ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଅୟଆରମ୍ଭରେ ସମ୍ବାଦପତ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ୧୯୧୯ରୁ ୧୯୪୭ ମଧ୍ୟବର୍ତ୍ତୀ ସମୟରେ ଭାରତୀୟ ସମ୍ବାଦପତ୍ର ମହାତ୍ମା ଗାନ୍ଧିଙ୍କ ଲେଖନି ଦ୍ୱାରା ସମୃଦ୍ଧ ହୋଇ ସମାଜରେ ଏକ ପରିବର୍ତ୍ତନ ଆଣିଦେଲା। ଗାନ୍ଧିଙ୍କ ଦ୍ୱାରା ଲୋକମାନେ ପ୍ରଭାବିତ ହେଲେ ଫଳରେ ରାଜନୈତିକ ଓ ସାମାଜିକ କ୍ଷେତ୍ରରେ ଯୁଗାନ୍ତକାରୀ ପରିବର୍ତ୍ତନ ଘଟିଲା। ଗାନ୍ଧୀଜୀ ପାଞ୍ଚଟି ସମ୍ବାଦପତ୍ର ବା ପତ୍ରିକାର ପ୍ରତିଷ୍ଠାତା ସମ୍ପାଦକ ଥିଲେ। ପରୋକ୍ଷ ଭାବରେ ଗାନ୍ଧୀଜୀ ଅଧିକାଂଶ ଭାରତୀୟ ସମ୍ବାଦପତ୍ର ସହ ଜଡିତ ଥିଲେ। 'ଇଣ୍ଡିଆନ୍ ଓପିନିୟନ' ଖବରକାଗଜ ଓ 'ୟଙ୍ଗ୍ ଇଣ୍ଡିଆ' ଏବଂ ନବଜୀବନ ପତ୍ରିକାର ପରିଚାଳନାର ଭାର ଗ୍ରହଣ କଲାପରେ ଗାନ୍ଧୀଜୀ ଲୋକମାନଙ୍କୁ ସତ୍ୟାଗ୍ରହ ବିଷୟରେ ଶିକ୍ଷା ଦେଲେ। ୟଙ୍ଗ ଇଣ୍ଡିଆରେ ପ୍ରକାଶିତ କେତୋଟି ପ୍ରବନ୍ଧ ସରକାର ବିରୋଧୀ ଥିବାରୁ ଗାନ୍ଧୀଜୀଙ୍କୁ ୬ ବର୍ଷ ଜେଲ୍ ଯିବାକୁ ପଡିଥିଲା। ଗାନ୍ଧୀଙ୍କର ଲେଖା ପ୍ରକାଶ କରିବା ପାଇଁ ବିଦେଶୀ ଓ ଦେଶୀୟ ସମ୍ବାଦପତ୍ର ଗୁଡିକ ମଧ୍ୟରେ ପ୍ରତିଯୋଗିତା ଲାଗୁଥିଲା। ଗାନ୍ଧୀଜୀ ସର୍ବଦା କହୁଥିଲେ ସମ୍ବାଦପତ୍ର ଗୁଡିକ ସର୍ବଦା ନିର୍ଭୀକ ଓ ସତ୍ୟ ସମ୍ବାଦ ପରିବେଷଣ କରିବା ଉଚିତ୍। ୧୯୩୨ରେ ସେ ଜେଲ୍‌ରେ ଥିବା ସମୟରେ 'ହରିଜନ' ପତ୍ରିକାର ଆରମ୍ଭ କରିଥିଲେ। ଦଳିତମାନଙ୍କର ଅଧିକାର ଓ ସାମାଜିକ ସଂସ୍କାର ପାଇଁ ଏହି 'ହରିଜନ' ପତ୍ରିକାକୁ ଆୟୁଦ୍ଧ ରୂପେ ବ୍ୟବହାର କରିଥିଲେ। ଗାନ୍ଧୀଜୀ ଯେଉଁ ନିତୀ ନିୟମରେ ସାମ୍ବାଦିକତା ଓ ସମ୍ପାଦନା କରୁଥିଲେ ତାହା ବର୍ତ୍ତମାନ ଯୁଗରେ ସମ୍ଭବ ନୁହେଁ। ସମ୍ବାଦପତ୍ର ଏକ ମଙ୍ଗଳକାରୀ ଶକ୍ତି। ତାହା ସର୍ବଦା ଜୀବଜଗତର ହିତ ପାଇଁ। ଯଦି ସମ୍ବାଦପତ୍ର ଅଯୋଗ୍ୟ ହାତରେ ନିୟନ୍ତ୍ରିତ ହୁଏ, ତାହା ସମାଜର କ୍ଷତିସାଧନ କରେ।

ଓଡିଆ ଭାଷାର ପ୍ରଥମ ପତ୍ରିକା 'ଜ୍ଞାନରୁଣ' ତାପରେ 'ସରକାରୀ ଗେଜେଟ୍'। ୧୮୫୬ରେ ପ୍ରକାଶ ପାଇଲା ପ୍ରବୋଧ ଚନ୍ଦ୍ରିକା। ତାହା ପ୍ରକୃତରେ ଥିଲା ଓଡିଆ ଭାଷାର ପ୍ରଥମ ସାହିତ୍ୟ ପତ୍ରିକା। ୧୮୬୬ ମସିହାରେ ନଅଙ୍କ ଦୁର୍ଭିକ୍ଷ ସମୟରେ ଜନ୍ମ ନେଲା ସ୍ୱଦେଶୀ ପତ୍ରିକା 'ଉତ୍କଳ ଦୀପିକା'। ଯାହାର ପ୍ରତିଷ୍ଠାତା ସଂପାଦକ ଥିଲେ କର୍ମବୀର ଗୌରୀଶଙ୍କର ରାୟ। ଏହି ଠାରୁ ଆରମ୍ଭ ହେଲା ଓଡିଆ ଭାଷା ସାହିତ୍ୟ ସଂସ୍କୃତିର ଅଗ୍ରଗତି ପାଇଁ ପ୍ରାଥମିକ ଉଦ୍ୟମ। ବଙ୍ଗଳା ଭାଷାର ପ୍ରାବଲ୍ୟ ଯୋଗୁ ଆରମ୍ଭ ହୋଇଗଲା ଓଡିଆ ଭାଷାକୁ ସଂପୂର୍ଣ୍ଣ ବିଲୋପ କରିଦେବାର ଜଘନ୍ୟ ଷଡଯନ୍ତ୍ର। ଏହି ସମୟରେ ଫକୀର ମୋହନଙ୍କ 'ବୋଧଦାୟିନୀ' ଓ 'ବାଲେଶ୍ୱର ସମ୍ବାଦ ବାହିକା'। ଓଡିଆ ଭାଷାର ସୁରକ୍ଷା ପାଇଁ ଏହି ପତ୍ରିକା ଥିଲା ଆଲୋକ ବର୍ତ୍ତିକା।

ସମ୍ବାଦପତ୍ର ହେଉଛି ଦେଶ ଓ ସମାଜ ଗଢ଼ିବାର ଏକ ଦୁର୍ବାର ଅମୋଘ ଅସ୍ତ୍ର। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ତାର ଯଥାର୍ଥ ଉପଯୋଗିତାକୁ ବିନିଯୋଗ କଲେ ଦେଶ, ଜାତି ଓ ବିଶ୍ୱର ସମାଜ କଲ୍ୟାଣ ସାଧିତ ହେବ। ସୁସ୍ଥ ସମାଜ ତଥା ଉନ୍ନତ ରାଷ୍ଟ୍ର ଗଠନରେ ସମ୍ବାଦପତ୍ର ଓ ସାମ୍ବାଦିକଙ୍କ ଭୂମିକା ଯେ ସ୍ୱତନ୍ତ୍ର ଏହା ସ୍ୱୀକାର୍ଯ୍ୟ।


*ପାରାଦ୍ୱୀପଗଡ, କୁଜଙ୍ଗ, ଜଗତ୍‌ସିଂହପୁର*
*ଦୂରଭାଷ: ୯୯୩୭୬୯୧୪୭୫*

ଧାରାବାହିକ ଉପନ୍ୟାସ

# ମହାନାୟକ

## କ୍ଷୀରୋଦ ଦାସ



ସମକାଳୀନ ଓଡ଼ିଆ କଥା ସାହିତ୍ୟର ଏକ ଦମ୍‌ଦାର ସ୍ୱର କ୍ଷୀରୋଦ ଦାସ। କେତେବେଳେ ସୁଦୂର ଅତୀତର ଅଭୁଲା ସ୍ମୃତି ତ କେତେବେଳେ ଆମ ସମୟର ଯନ୍ତ୍ରଣା, ଜଞ୍ଜାଳ, ସଂପର୍କ ଓ ସଂଘାତିକୁ ନିଜ କାହାଣୀ ତଥା ଉପନ୍ୟାସରେ ବିଶ୍ୱସ୍ତ ଭାବେ ପରଷି ଦେବାରେ ସେ ସିଦ୍ଧହସ୍ତ। ତାଙ୍କ କାହାଣୀ ଭିତରେ କେଉଁ କଳ୍ପଲୋକର ରୂପକଥା ନଥାଏ, ଥାଏ ଆମ ଆଖପାଖର ଚିତ୍ର, ଥାଆନ୍ତି ଆମ ଆଖପାଖର ମଣିଷମାନେ। ଓଡ଼ିଆ ଘରର ରୀତିନୀତି, ହାନିଲାଭ, ପ୍ରେମ ପ୍ରଣୟ, ସୁଖଦୁଃଖକୁ ବେଶ୍ ରୁଚିପୂର୍ଣ୍ଣ ଢଙ୍ଗରେ ଉପସ୍ଥାପିତ କରିବାରେ ସେ ଅନେକ ସଫଳତାର ଅଧିକାରୀ।

ଭାଗ-୧୦

*(ପୂର୍ବପ୍ରକାଶ ଉତ୍ତାରୁ*

ରାଜ୍ୟର ନମ୍ବର ୱାନ୍ ଯାତ୍ରାପାର୍ଟି ଭାବରେ 'ରଙ୍ଗ-ମହଲ' ଯେ ଦିନକୁ ଦିନ ସଫଳତାର ଶିଡି ଚଢୁଥିଲା, ତାହା କେବଳ ସମ୍ଭବ ହେଉଥିଲା ଘନଦାଦାଙ୍କ ନିଖୁଣ ଅଭିୟନ ଏବଂ ଆନ୍ତରିକ ନିଷ୍ଠା ପାଇଁ। ଗମ୍ଭୀର ଦୃଶ୍ୟ ହେଉ ଅବା କରୁଣ ଦୃଶ୍ୟ, ସବୁ ଭୂମିକାକୁ ସେ ଅତ୍ୟନ୍ତ ନିଷ୍ଠାପର ସହିତ କରୁଥିବାରୁ ତାହା ଦର୍ଶକଙ୍କୁ ଜୀବନ୍ତ ଲାଗୁଥିଲା। ତାଙ୍କ ଅଭିନୟମରେ ଦର୍ଶକ ଦେଖିପାରୁଥିଲେ ନିଜର ପ୍ରତିବିମ୍ୱ। 'ରଙ୍ଗ-ମହଲ' ହୀରୋଙ୍କ ଅଭିନୟ ଦେଖିବାକୁ ଯାତ୍ରା ପ୍ରେମୀମାନେ ହଜାର ହଜାର ସଂଖ୍ୟାରେ ପହଞ୍ଚି ଯାଉଥିଲେ ଯାତ୍ରାସ୍ଥଳୀରେ।

ପୂଜା ସିଜିନ୍ ପୂର୍ବରୁ ବର୍ଷାଦିନମାନଙ୍କରେ ନୂଆ ବହିର ଜୋର୍‌ସୋରରେ ରିହରସାଲ୍ ହୁ,। ଏବେକୁ ଘନଦାଦା ତିନୋଟି ଭୂମିକାରେ ଅବତୀର୍ଣ୍ଣ। ହୀରୋ ରୋଲ ସାଙ୍ଗକୁ ନିର୍ଦ୍ଦେଶନା ଏବଂ ପରିଚାଳନା। ତାଙ୍କୁ ନିଃଶ୍ୱାସ ମାରିବାକୁ ଫୁର୍‌ସତ୍ ନଥାଏ। ତାଙ୍କର ଅକ୍ଳାନ୍ତ ପରିଶ୍ରମ ଓ ଯାତ୍ରାପାର୍ଟି ପ୍ରତି ନିଷ୍ଠା ଓ ଆନ୍ତରିକତା ଦେଖି ବିଚଳିତ ହୋଇଯାଆନ୍ତି ମାଲିକ ଗଦାବାବୁ। ମାସର ଆରମ୍ଭରୁ ତାଙ୍କର ବର୍ଷକର ଦରମା ଗଣ୍ଡାକ ସହିତ ଆଉ କିଛି ଟଙ୍କା ମିଶାଇ ତାଙ୍କ ହାତରେ ଗୁଞ୍ଜିଦେଇ କୁହନ୍ତି -

'ଘନ, ଅନେକ ଦିନ ହେବ ତୁମେ ଯାଇନ ଘରକୁ। ଯାତ୍ରା ଆରମ୍ଭ ହେବାକୁ ଅଛି ଆଉ ଦେଢ଼ମାସ। ଯାଅ, ଦୁଇଚାରିଦିନ ଘର ଆଡେ ବୁଲିଆସ। ସେତକ ଦିନ ମୁଁ ଏପଟେ ମ୍ୟାନେଜ କରିନେବି...।

: ଏବେ ଏବେ ଦି'ଟା ନୂଆବହିର ରିହରସାଲ୍ ଚାଲିଛି। ଛାଡ଼ିକି ଯିବା ସମ୍ଭବ ନୁହେଁ। ଦେଖିବା, ବିଶ୍ୱକର୍ମା ପୂଜା, ଦଶହରା ଯାଉ ... ଘନଦାଦା କୁହନ୍ତି।

ଟିକେ ସୁଯୋଗ ଓ ଫୁରସତ୍ ମିଳିଲେ ଯାତ୍ରା କଳାକାରମାନେ ଘରକୁ ଚମ୍ପଟ ମାରନ୍ତି। ଦୁଇଦିନ ପାଇଁ ଯାଇ ପନ୍ଦରଦିନ ପରେ ଫେରନ୍ତି। ହେଲେ ଘନଦାଦାଙ୍କ କଥା ପୁରା ଓଲଟା। ଅପେରା ପାର୍ଟିର ଦାୟିତ୍ୱକୁ ଛାଡି ସେ ଘରକୁ ଯିବାକୁ ଆଦୌ ମଙ୍ଗନ୍ତି ନାହିଁ।

ସେ ବର୍ଷ ମୌସୁମୀ ବର୍ଷାର ପରିଣାମ ବହୁତ କମ ଥିଲା। ଯେଉଁ ସମୟରେ ଯେତିକି ବର୍ଷା ହେବା କଥା, ତା'ଠାରୁ ବାଇଶ ପ୍ରତିଶତ କମ ବର୍ଷା ହୋଇଥିଲା। 'ରଙ୍ଗ-ମହାଲ'ର ପାଞ୍ଚଟି ନୂଆ ସାମାଜିକ ବହିର ରିହରସାଲ ମାଲିକର ଗୋଦାମ ଘରେ ଚାଲିଥିଲା ଖୁବ୍ ଜୋରରେ। ହିରୋଇନ୍ ଭୂମିକା କରୁଥିବା ମେଘନାର ମା'ଙ୍କର ପରଲୋକ ହୋଇଯିବାରୁ ସେ ପନ୍ଦରଦିନ ଛୁଟି ନେଇ ଚାଲିଯାଇଥିଲା ତା' ଗାଁ'କୁ। ମୁଖ୍ୟ ହିରୋଇନ୍‌କୁ ବାଦ୍ ଦେଇ କି ରିହରସାଲ ?

ଗଦାବାବୁ ସେଦିନ ସଂଜବେଳେ ଏକ ସଭା ଡାକି ସବୁ କଳାକାରମାନଙ୍କୁ ଏକାଠି କରି କହିଲେ - "ଯେଉଁମାନେ ଚାହୁଁଛନ୍ତି ଘରକୁ ଯିବା ପାଇଁ ଯାଆନ୍ତୁ ଏବଂ ଗୋଟିଏ ସପ୍ତାହ ଭିତରେ ଫେରିଲେ ରିହରସାଲ ଆରମ୍ଭ କରିଦେବା। ଆଗକୁ ପୂଜା ସିଜିନ୍। ପରେପରେ ମାଘ ସପ୍ତମୀ। ଖଣ୍ଡଗିରି ଯାତ୍ରା!'



ଖଣ୍ଡଗିରି ଯାତ୍ରା ହିଁ ସବୁ ଯାତ୍ରାପାର୍ଟି ମାନଙ୍କର ଅସଲ ରୋଜଗାର ସମୟ। ସେହି ମେଳାର ପେଣ୍ଡାଲ ହିଁ କଳାକାରଙ୍କ କଳାକୌଶଳ ପ୍ରଦର୍ଶନ କରିବାର ପ୍ରକୃଷ୍ଟ ସ୍ଥାନ ଓ ସମୟ। ଯାତ୍ରାପ୍ରେମୀ ଦର୍ଶକମାନଙ୍କ ପାଇଁ ତାହା ହିଁ ନିଜର ମନସ୍କାମନା ପୂରଣ କରିବାର ମହାର୍ଘ ଅବସର। ଖଣ୍ଡଗିରି ପେଣ୍ଡାଲ ଉପରେ ଠିଆ ହେବା ସବୁ କଳାକାରଙ୍କର ଏକ ବିରାଟ ସ୍ୱପ୍ନ।

ମାଲିକଙ୍କ ପାଖରୁ ସପ୍ତାହେ ଛୁଟି ପାଇ ସମସ୍ତେ ଖୁସି ହୋଇଗଲେ। ମାଲିକଙ୍କ ଏପରି ପ୍ରସ୍ତାବକୁ ବିରୋଧ କଲେ ଘନଦାଦା-

'ଯେମିତି ଆପଣ ସମ୍ପୂର୍ଣ୍ଣ ଫୁଲା ଫାଙ୍କିଆ ହୋଇ ସମସ୍ତଙ୍କୁ ମିଳିତ ଛୁଟି ଦେଇଦେଲେ, ତାହା କ'ଣ ଠିକ୍ ହେଲା। ଏଣେ କାମ କେମିତି ହେ ? ହଁ, ହେଲା ଏବେ ହିରୋଇନ୍ ମେଘନାର ଅସୁବିଧା ହେଲା, ସେ ଗଲା। ଅନ୍ୟମାନେ ଏପରି ସମୟରେ ଯିବେ କାହିଁକି ? ମେଘନାର ଅନୁପସ୍ଥିତିରେ ବି ରିହରସାଲ୍ ଚାଲିପାରେ। ସେ ସ୍ଥାନ ସାମୟିକ ଭାବରେ ସାଇଡ୍ ହିରୋଇନ୍ ଟାନା ନେଇପାରେ...

କଥାଟା ଗଦାବାବୁଙ୍କ ମନକୁ ପାଇଲା। ତଥାପି ସେ ଆଗତୁରା ଯେତେବେଳେ କହିଦେଇଛନ୍ତି, ସେକଥାକୁ ସମ୍ପୂର୍ଣ୍ଣ ଫେରାଇ ନନେଇ ଆଂଶିକ ସଂଶୋଧନ କରି କହିଲେ-

"ଘନ ଠିକ୍ କଥା କହୁଛି। ସମସ୍ତେ ଏକା ସାଙ୍ଗରେ ଚାଲିଯିବାଟା ଗୋଟାଏ ନକରାତ୍ମକ ପ୍ରଭାବ ପକାଇବ ପାର୍ଟି ଉପରେ। ତମେମାନେ ଯିଏ ଚାହୁଁଛ ବା ଯାହାର କାମ ଅଛି, ଯାଅ ! ଦୁଇ ଚାରିଦିନ ଭିତରେ ନିଶ୍ଚୟ ଫେରିଆସିବ।"

ଘନଦାଦା ନିଜ କମରାକୁ ଉଠୁଥିବା ବେଳେ ଗଦାବାବୁ ପଚାରିଲେ - "ଆଚ୍ଛା ଘନ, ତୁ ଆଜି ରାତିରେ ଯିବୁ ନା କାଲି ସକାଳେ ?

: ମୁଁ ଯିବି ନାହିଁ - ଘନଦାଦା କହିଲେ।

: କାହିଁକି ?

: ଏତେଣ ବହୁତ କାମ ବାକି ପଡିଛି। ଦୁଇ ଚାରିଦିନ ଭିତରେ ସେସବୁ ସାରିଲେ ରିହରସାଲ ଆରମ୍ଭ ହେବ। - ଘନଦାଦା ବୁଝାଇଦେଲେ।

: ତୁ ଆଉ ବେଶି କାମିକା ଦେଖାନା। ମୁଁ କହୁଛି, ତୁ ଘରକୁ ଯାଇ ଚାରି ଛ' ଦିନ ରହି, ଘର କାମଦାମ ସାରି ଫେରିଆ। - ଆଦେଶ ଦେବା ସ୍ୱରରେ କହିଲେ ଗଦାବାବୁ।

ତାଙ୍କ ସ୍ୱରରେ ଆଦେଶ ଅପେକ୍ଷା ଶ୍ରଦ୍ଧାଭାବ ବେଶି ବାରିହୋଇ ପଡୁଥିଲା।

: ଦେଖିବା। - ଘନଦାଦା ଧୀରସ୍ୱରରେ କହିଲେ।

*(କ୍ରମଶଃ)*

## ବିଭୋଷା କବିତା



### ମାୟାର କୁଞ୍ଜବନ

**ଡଃ ମୌସୁମୀ ପରିଡ଼ା**



ଜୀବନର ସଞ୍ଜ
ଭାବନାର ମଞ୍ଜି
ଅସହାୟ ଏ ଜୀବନ..!
ଏ ଘନ କାନନ,
ମାୟା ଆସ୍ତରଣ
କୁହୁଡ଼ିର କୁଞ୍ଜବନ !!
ସେ କୁଞ୍ଜବନରେ
ଆମ୍ର ପୀରତିରେ
ନିଜକୁ ଠକୁଚି ନୀତି,
ଅମା ରାତି ଧୀରେ
ଘନେଇ ଆସୁଛି
ଲୁହରେ ଜଳୁଚି ବତୀ !

ଜୀବନ ସଙ୍ଗୀତ
ଆରମ୍ଭ ହୋଇନି
ଲେଖା ହେଉଛି ମୋ ଇତି,
ବେଳ କାଳ ସିନା
ସରି ସରି ଯାଏ
ଅଧା ରହେ ପ୍ରେମ-ଗୀତି !

*ଜଗତସିଂହପୁର*

### ବୋଉ

**ସୁଧୀର ମେହେର**




ଅଧରାତି ଯାଏ
ଯିଏ ମୋ ପାଦ ଶବ୍ଦକୁ
କାନ ଡେରି ଉଜାଗର ରହୁଥିଲା,
ଯିଏ , ଘରକୁ ପାଦ ଦେଉ ଦେଉ କାନିରେ
ମୁହଁ ପୋଛି ଦେଇ କହୁଥିଲା-ଯା'
ଗୋଡ ହାତ ଧୋଇ ଆ,
ଭାତ ବାଢି ଦେଉଛି ଖାଇନେବୁ
ଏତେ ରାତି ଯାଏ କୋଉଠି ଥିଲୁ ଯେ !
କ'ଣ ଖାଇଛୁ ,ନ ଖାଇଛୁ.....
ଆଜିକାଲି
ମୁଁ ସହଳ ଫେରେ ଘରକୁ,
ଅଥଚ କେହି ଅପେକ୍ଷାରେ ନ ଥା'ନ୍ତି....
କିଏ ଯମ୍ପା ବ୍ୟସ୍ତ ବି ହୁଅନ୍ତିନି ବୋଉ ପରି
ପଚାରନ୍ତି ନାହିଁ କୋଉଠି ଯାଇଥିଲି,
କ'ଣ ଖାଇଚି ନ ଖାଇଚି
ପଚାରନ୍ତି କାମ ହେଲା ନା ନାଇ ?
ହଠାତ୍ ଅନୁଭବ କରେ....
ଅଂଧାର ଭିତରେ କିଏ ଜଣେ ମୋ
ମୁଣ୍ଡ ପାଖରେ ବସିଚି,
ମୁଣ୍ଡବାଳ ସାଉଁଳି ସାଉଁଳି କହୁଚି
ମୋ ପୁଅ
କେତେ ଜଞ୍ଜାଳଗ୍ରସ୍ତ ହୋଇଗଲାଣି ସତରେ !

*ଚିଟୈଗୁଡା, ଜୁନାଗଡ,*
*କଳାହାଣ୍ଡି,ପିନ୍-୭୬୬୦୧୪*
*ସଂପର୍କ :୯୫୮୩୫୮୮୮୮୭*

### ଧରଣୀ ଧନ୍ୟା

**ଅନୀତା ପାଣି**



ଝଡ଼ ଗଲାପରେ
ଆଉ କାନ୍ଦିବୁନି ଗୁମୁରି ଗୁମୁରି
ଏଥର ତୁ ଚାଲିବୁ ଅଣ୍ଟାଭିଡି
ଆଉ ଠିଆ ହେବୁନି କରପତ୍ର ଯୋଡି।

କୋଳାହଳକୁ କିଏ ପଚାରେ
କାହା ନିଶାପ ଲୋଡାନାହିଁ ତୋତେ
କାହାର ଆହାପଦ
ତୋତେ ବେଶୀ କଷ୍ଟ ଦେଇପାରେ।

ତୁ ଆଜିର ନାରୀ
ଶିଖିଯା' ସବୁ କଳା କୌଶଳ
ଏପରିକି ଲାଞ୍ଛନା ତୁ ସହିବୁନି ଆଜିଠୁ।
ନିଜଠି ଦୋଷ ନ ଥିଲେ
ତୋତେ ନିଆଁ ବି ଅକ୍ଷତ ରଖିବ।

ଏବେ ଆଇନ୍,ଅଦାଲତ
ସବୁ ତୋ ସପକ୍ଷରେ
ହେଲେ ପାଶୋରି ଦେବୁନି
ତୋ ନାରୀ ସୁଲଭ ନମ୍ର ଆଚରଣ।

ତୁ ଏକା ଧରଣୀ ବୁକୁରେ
ତୋଳି ପାରିବୁ ସୁନାର ସଂସାର
ପ୍ରାଣ ଭରି ପାରିବୁ ମାଟି ପିତୁଳାରେ।

ତୁ ଚାଲୁଥିଲେ
ପାଦେ ପାଦେ ଫୁଟୁଥିବ ପଦ୍ମ
ଦରୋଟି ଓଠରେ ଝରାଇ ହସ
ନିତିଦିନ ଲାଗୁଥିବ ମଗୁଶିର ମାସ।

*ସଂପାଦିକା -ଶ୍ୱେତପଦ୍ମା*
*ପଦ୍ମେଶୟ,ସୌଭାଗ୍ୟ ନଗର,ଅନୁଗୋଳ*
*ଦୂରଭାଷ : ୮୩୨୭୭୦୫୯୭୦*

### ଆଚରଣ

**ସଦାଶିବ ବିଶ୍ୱାଳ**




ଜୀବନରେ ଆମେ ସବୁବେଳେ ଭାବୁ
ଲୋକେ କ'ଣ କହିବେ
ସାଧାରଣ ଜନତା ପ୍ରତ୍ୟେକ ଅନନ୍ୟ
ନିଜ ବିଚାର ଲଦିବେ।
ତୁଣ୍ଡ ବାଇଦ ଏ କାନୁ ସେ କାନ
ପ୍ରଖରେ ବ୍ୟାପି ଚାଲିବ
ସତ କଥା ଏଇ ଏ କଥା ଗୁରୁତ୍ୱ
ଦିନୁ ଦିନ କମିଯିବ।
ପ୍ରଥମ ଦିନରେ ତୁମ କଥା ନେଇ
କଣେଇଁ ଚାହିଁ ହସିବେ
ଦ୍ୱିତୀୟ ଦିନରେ ଟାହି ଟାପରା କରି
ତୃତୀୟ ଦିନେ ଭୁଲିବେ।
ଲୋକଙ୍କ କଥାରେ ଯାଏ ଆସେ କେତେ
ଉଚିତ କର୍ମ କରିବ
କର୍ମ କରିଚାଲ ଯେଉଁ କାମ ତୁମକୁ
ପ୍ରକୃତ ଆନନ୍ଦ ଦେବ।
ଲୋକଙ୍କ କାମ କହିବା କହନ୍ତୁ
କେବେ ପ୍ରଶଂସା, କେବେ ଅପବାଦ
ସ୍ୱଚ୍ଛ ଆଚରଣ, ଉଚ୍ଚାରଣ ରଖି
ଏଡାଇ ଯିବା ଜୀବନେ ବିବାଦ।

*କଷ୍ଟ ଏଣ୍ଡ ମ୍ୟାନେଜମେଣ୍ଟ ଆକାଉଟାଣ୍ଟ*
*ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜର*
*ଅଙ୍ଗାରୁଆ, କେଉଁଝର*

### ବିଶ୍ୱାସର ସ୍ୱାକ୍ଷର

**ଅନସୂୟା ପଣ୍ଡା**



ଏମିତି ମଞ୍ଜିଟିଏ ବିଶ୍ୱାସ
ଯେଉଁଠି ପୋତିଲେ କଅଁଳି ଉଠେ
ଫର୍ଦ୍ଦାରେ ସବୁଜ ଦୁଇପତ୍ର
ସମ୍ପର୍କର କଥା ଆଉ ଗାଥା ହୋଇ।
ଦମ୍ଭ କରି ମନକୁ ଜାବୁଡି ଧରି
ଆକାଶକୁ ଆଲିଙ୍ଗନ ଦ୍ରୁମଟିଏ ହୋଇ
ବାନ୍ଧି ହୋଇଯାଏ ଖୁଣ୍ଟିରେ କାହାର
ବିନା ଦ୍ୱିଧାରେ ହୋଇ ଆପଣାର
ବିଶ୍ୱାସରେ ଜଡ଼ିତ ଜୀବନ ହୁଏ ଜୀବନ୍ତ।
ସୁଖକୁ ଉପେକ୍ଷା କରି
ଅଭାବରେ ତୋଳା ଯାଇପାରେ
ବିଶ୍ୱାସର ପବିତ୍ର ନଅର
ଭିନ୍ନ ଏକ ଅନୁଦାନର ଶିଙ୍ଗାରରେ
ଅନୁପମ ସ୍ୱାକ୍ଷର ହୋଇ।
ବିଶ୍ୱାସର ବନ୍ଧଟିଏ ବନ୍ଧେଇ ଦେଲେ
ତାରି ଭିତରେ ଖୁସିରେ
ଖେଳା ଯାଇପାରେ
ସମର୍ପିତ ସମ୍ପର୍କଟେ ହୋଇ।
ଶ୍ୱାସରୁଦ୍ଧ ଲାଗେନି ସମ୍ପର୍କ ସବୁ
ବିଶ୍ୱାସର ଅମ୍ଳଜାନ ଛୁଇଁ
ମଧୁର ଜଳର ହ୍ରଦଟିଏ ହୋଇଯାଏ
ବିଶ୍ୱାସର ବର୍ଷାରେ।
ବିଶ୍ୱାସ ଏକ ମାନବ୍ୟ ପ୍ରୀତି
ଲୋଡା ନିଆଁରେ ଚାଲି
କଣ୍ଟାରେ ଗଡିବାକୁ ପାଟୁଆଙ୍କ ପରି
ପାହାଡ ଚଢି ଇନ୍ଦୁକୁ ଛୁଇଁବା ପାଇଁ।
ବିଶ୍ୱାସ ଏକ ଫିଲୋସଫି
ବିଶ୍ୱାସରେ ବଶୀଭୂତ
ଅଝଟ ପାଦ ଅଟକିଯାଏ
ଛିଣ୍ଡେଇ ପାରେନି
ଅଦୃଶ୍ୟରେ ବନ୍ଧା ସମ୍ପର୍କ ରସି।

*ବୁର୍ଲା, ସମ୍ବଲପୁର*
*ଦୂରଭାଷ : ୮୩୨୮୯୪୫୮୮୫*

## ବୁଦ୍ଧିବାନ୍ ଧୀରେନ୍

**ବିଶ୍ୱ ରଞ୍ଜନ ସାହୁ**



*(ପୂର୍ବପ୍ରକାଶ ଉତ୍ତାରୁ)*

ତମେ କିଛି କର।"

ଧିରେନ୍ ଜବାବ୍ ଦେଲା "ଲୋକେ କ'ଣ କହିଲେ ବୋଲି ମୁଁ କିଛି କରିବି ? କାହିଁକି ? ଲୋକେ ତ ଯାହା ମନ ତାହା କହି ଦିଅନ୍ତି। ସେସବୁ ପ୍ରତି ମୁଁ କେବେବି ଖାତିର୍ କରେ ନାହିଁ।"

ଗୋବିନ୍ଦବାବୁ ବୁଝାଇ କହିଲେ "ପୁଅ, ସେକଥା ନୁହେଁ। ମୁଁ ଜାଣେ ତମର ବୁଦ୍ଧି ଅତି ପ୍ରଖର। ତମେ ତା'ର ସଦୁପଯୋଗ କାହିଁକି ନ କରିବ ? ତମେ ତ ବାରାନ୍ଦାରେ ବସି ବସି ଅନେକ ସମୟ କଟାଇ ଦିଅ। ସେମିତି ବସିବ। ଖଣ୍ଡିଏ ପଟା ଖାଲି କାନ୍ଥରେ ଝୁଲିବ। ସେଥିରେ ତମ ନାମ ଲେଖା ରହିବ ଏବଂ ତାହା ପୁଣି ତଳେ ରହିବ: 'ସର୍ବସାଧାରଣ ଉପଦେଷ୍ଟା'। ଲୋକେ ସେମାନଙ୍କ ସମସ୍ୟା ବିଷୟ ତମକୁ କହିବେ। ତମେ ସେମାନଙ୍କୁ ସମାଧାନ ବିଷୟରେ ପରାମର୍ଶ ଦେବ। ଏଥିରେ କିଛି ପରିଶ୍ରମ ନାହିଁ। ବସି ରହି କିଛି ଉପାର୍ଜନ ବି ହେବ, ତମ ବୁଦ୍ଧି ବି କାମ କରିବ ଓ ତମକୁ ଆନନ୍ଦ ଦେବ। କଥା କ'ଣ କି, ଅଳସୁଆ ହୋଇ ବସି ରହିଲେ ତା'ର ଶେଷ ପରିଣତି ବିଷାଦ ଓ ହତାଶା ହୁଏ।"

ଧିରେନ୍ ନୀରବ ରହିବାର ଦେଖି ଗୋବିନ୍ଦବାବୁ ଉତ୍ସାହ ଅନୁଭବ କଲେ ଓ ପୁଣି ସେ କହିଲେ, "ମାତ୍ର ମାସଟିଏ ପରୀକ୍ଷା କରାଯାଉ। ଯଦି ଭଲ ନ ଲାଗିବ, ତେବେ କାମ ବନ୍ଦ କରିଦେବା । ପଟା ଖଣ୍ଡିକ ଖାଲି ଆଣିଲେ ଗଲା !"

ଧୀରେନ୍ କୁଣ୍ଠିତ ଭାବରେ କହିଲା "ହେଉ !"

ସେହିଦିନ ଉପରଓଳି ଗୋବିନ୍ଦବାବୁ ପଟାରେ ଯାହା ଲେଖା ହେବା କଥା ଲେଖି ଆଣିଲେ ଓ ତାହା ଟଙ୍ଗାଇ ଦେଲେ। ଧୀରେନ୍ ପାଖରେ ସିଏ ବି ବସିଲେ। ଦୁଇ ତିନିଦିନ ଗଲା। କେହି କୌଣସି ଉପଦେଶ ପାଇଁ ଆସିଲେ ନାହିଁ। ତା'ପରେ ଦିନେ ସକାଳେ ଜଣେ ମେଷପାଳକ ସେବାଟେ ଯାଉଥିବା ବେଳେ ପଟାଟି ପଢି ରହିଗଲା ଓ କହିଲା, "ହଇହୋ ବାବୁ, ମୋତେ ଗୋଟାଏ ଉପଦେଶ ଦେଇ ପାରିବ ?"

ଗୋବିନ୍ଦବାବୁ ପଚାରିଲେ "କ'ଣ ତମ ସମସ୍ୟା ?"

ଆମେ ଆମ ମେଣ୍ଢା ପଲ ଓ ଛେଳି ପଲ ଚରାଇବା ପାଇଁ ପାହାଡ ସେପଟେ ଚାଳିମାନ କରି ରହିଥାଉ। ଆମେ ଆଠଜଣ ଅଛୁ। ସମସ୍ତେ ସାରା ରାତି ପହରା ଦେବା ସତ୍ତ୍ୱେ ହେଟା ବାଘ ଆସି ଆମର ଗୋଟାଏ ଦୁଇଟା ଛେଳିଛୁଆ ବା ମେଣ୍ଢାଛୁଆ ଚୋରାଇ ନେଇ ଯାଉଛନ୍ତି। ଆମେ ବି ଭୋର ଆଡକୁ କ୍ଳାନ୍ତ ହୋଇ ଶୋଇ ପଡିବାରୁ ସେମାନେ ଏ ସାହସ କରୁଛନ୍ତି। କ'ଣ କରାଯିବ କହିଲ ?"

ଧୀରେନ୍ ଧୀର ଭାବରେ କହିଲା, "ଦେଖ ଭାଇ, ତମେ ଆଠଜଣଯାକ ରାତି ଅନିଦ୍ରା ରହି ଭୋର ଆଡକୁ ଶୋଇ ପଡୁଛ। ଏହାର କୌଣସି ଯୁକ୍ତି ନାହିଁ। ପ୍ରତି ରାତିରେ ପାଳି କରି ଦୁଇଜଣ ଲେଖାଏଁ ଚେଇଁଲେ ଚଳିବ। ତମେ ଭାବୁଥିବ, ଦୁଇଜଣ କିପରି ଏଡେ ବ୍ୟାପକ ଅଞ୍ଚଳକୁ ଓଗାଳିବ। ଓଗାଳିବା ଲୋଡା ନାହିଁ। ରାତିଯାକ ମଝେ ମଝେ ଢୋଲ ପିଟୁଥିବ ! ଆଉ ଯେଉଁ ପାଖରୁ ସାଧାରଣତଃ ହେଟାମାନେ ଆସନ୍ତି, ସେଠି ନିଆଁ ଜଳାଇ ରଖିବ।"

ଲୋକଟି ଚାଲିଗଲା। ଦୁଇଦିନ ପରେ ଆସି ଅତି ଆନନ୍ଦରେ କିଛି ପଇସା ଦେଇଗଲା ଓ କହିଗଲା କି ଧୀରେନ୍ ଦେଇଥିବା ପରାମର୍ଶ ଖୁବ୍ କାମ ଦେଇଛି।

ଏକଥା ଗ୍ରାମଯାକ ରାଷ୍ଟ୍ର ହୋଇଗଲା। ଲୋକେ ସେମାନଙ୍କ ସମସ୍ୟା ବିଷୟରେ ଏଣିକି ପରାମର୍ଶ କରିବାକୁ ଆସିଲେ। ଧିରେନ୍ ବୁଦ୍ଧିର ତାରିଫ୍ କରିବା ସଙ୍ଗେ ସଙ୍ଗେ ସେମାନେ ପଇସା ବି ଦେଲେ।



ଜମିଦାର ଏକଥା ଶୁଣିଲେ। ସେ ଧୀରେନ୍‌କୁ ଡକାଇ ତାଙ୍କ ସମସ୍ୟା ଥୋଇଲେ। ତାଙ୍କ ଜୁଆଇଁ ମଦ୍ୟପ ହୋଇଯାଇଥାଏ। ଶତ ପରାମର୍ଶରେ ସେ ନିଶା ଛାଡିବାକୁ ରାଜି ହେଉ ନଥାଏ। ଧୀରେନ୍ ର ପରାମର୍ଶ ଅନୁସାରେ ଜମିଦାର ଗାଁ କବିରାଜଙ୍କୁ ଡକାଇ ଗୋଟିଏ ଗୁଣ୍ଡ ପ୍ରସ୍ତୁତ କଲେ। ଝିଅ ଦ୍ୱାରା ମଦ ସହ ସେ ଗୁଣ୍ଡ ମିଶାଇ ଦିଆଗଲା। ତା'ପରେ ମଦ ପିଇବା ପରେ ଜୁଆଇଁ ଅଚେତ୍ ହୋଇଯାନ୍ତି। କବିରାଜ ଆସି କହିଲେ, "ଏଣିକି ବାବୁସାଆନ୍ତଙ୍କ ଅବସ୍ଥା ଏମିତି ହେଲାଣି ଯେ ଆଉ ମଦ ପିଇଲେ ଚେତା ମୋଟେ ଫେରିବ ନାହିଁ, ଅର୍ଥାତ୍ ସେ ଆମକୁ ଛାଡି ଚାଲିଯିବେ !"

ଜୁଆଇଁଙ୍କ ହୋସ୍ ଫେରିଲା। ସେ ମଦ ପିଆ ଛାଡିଦେଲେ।

ଏତିକି ବେଳେ ରାଜ୍ୟରେ ଗୋଟାଏ ଗୁରୁତର ସଙ୍କଟ ଦେଖାଦେଲା। ରାଜା ଅନେକ ଦିନ ହେବ ଅସୁସ୍ଥ ରହିଥିଲେ। ଏହି ଦୁର୍ଭାଗ୍ୟଜନକ ଅବସ୍ଥାର ସୁଯୋଗ ନେଇ ପଡୋଶୀ ରାଜ୍ୟର ରାଜା ଗୋଟିଏ ଦକ୍ଷ ସୈନ୍ୟଦଳ ଧରି ହଠାତ୍ ଆସି ଏ ରାଜ୍ୟର ରାଜଧାନୀରେ ପହଁଚିଗଲେ ଏବଂ ଅସୁସ୍ଥ ରାଜାଙ୍କୁ କହିଲେ, "ତମେ ତ ଆଉ ଭଲ ହୋଇ ପାରିବ ନାହିଁ। ଅତଏବ ରାଜ୍ୟ ମୋତେ ଦେଇ ଦିଅ । ନହେଲେ ଯୁଦ୍ଧ ହେବ ।"

ସମସ୍ତେ ତଟସ୍ଥ !

ରାଜା ଧୀରେନ୍‌କୁ ଡକାଇ ତା'ର ପରାମର୍ଶ ଲୋଡିଲେ। ଧୀରେନ୍ ର ଯାହା କହିଲା, ତାହା ରାଜାଙ୍କ ମନକୁ ବେଶ୍ ପାଇଲା।

ପରଦିନ ଅତି କୌଶଳରେ ରାଜ୍ୟଯାକ ଗୁପ୍ତଚରମାନେ ଏହା ପ୍ରଚାର କରିଦେଲେ ଯେ ରାଜା ମିଛରେ ଅସୁସ୍ଥ ବୋଲି କୁହାଯାଇ ଶତ୍ରୁ ରାଜାକୁ ପ୍ରଲୁବ୍ଧ କରି ଏଠାକୁ ଅଣାଯାଇଛି। ବିଚରା ଶତ୍ରୁରାଜା ବର୍ତ୍ତମାନ ଏଠି ଜାଲରେ ପଡିଛି। ଏଠାକାର ସୈନ୍ୟମାନେ ଯାଇ ତା ରାଜ୍ୟ ଆକ୍ରମଣ କରିବାକୁ ପ୍ରସ୍ତୁତ ହେଉଛନ୍ତି।

ଏକଥା ଶତ୍ରୁ ପକ୍ଷର ଗୁପ୍ତଚରମାନେ ଶୁଣିଲେ ଓ ଛାଉଣି ପକାଇ ରହିଥିବା ଶତ୍ରୁ ରାଜାଙ୍କୁ କହିଲେ। ରାତାରାତି ସେ ଓ ତାଙ୍କ ସୈନ୍ୟଦଳ ସେଠାରୁ ପଳାଇଗଲେ।

ଏ ଘଟଣା ଏ ରାଜାଙ୍କୁ ଏତେ ଖୁସି ଦେଲା ଯେ ସେ ତାଙ୍କ ଅସୁସ୍ଥତା କଥା ସମ୍ପୂର୍ଣ୍ଣ ରୂପେ ଭୁଲିଗଲେ ଓ କ୍ରମେ ସୁସ୍ଥ ହେଲେ। ଧୀରେନ୍ କୁ ସେ ନିଜର ଜଣେ ମନ୍ତ୍ରୀ ଭାବରେ ନିଯୁକ୍ତ କଲେ। ଧିରେନ୍ ର କ୍ରମେ ବହୁ ଭଲ କାମରେ ରାଜାଙ୍କ ସହାୟତା କଲା।

*ସଭାପତି, ଭାରତୀୟ ପ୍ରବାସୀ ପରିଷଦ-*
*(ଓଡ଼ିଶା ୱିଙ୍ଗସ୍) ସଙ୍ଘ, କୁଏତ*
*ସଭାପତି, ଆନ୍ତର୍ଜାତୀୟ ମାନବାଧିକାର*
*ରକ୍ଷକ ଏନ୍‌ଜିଓ, ସଂସ୍ଥା*
*ଦୂରଭାଷ : #(+୯୬୫)-୫୫୫୬୮୯୯୦*



## ୯୫ତମ ଲବଣ ସତ୍ୟାଗ୍ରହ ସ୍ମାରକୀ ସମାରୋହ

# ଭିନ୍ନ ଭିନ୍ନ ସ୍ଥାନରେ ଉପମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କଲେ ବିଜେପିର ଦୁଇ ଗୋଷ୍ଠୀ

**ଅସ୍ତରଙ୍ଗ :** ଅସ୍ତରଙ୍ଗ ବ୍ଲକ କୁଜୁଡି ଠାରେ ପ୍ରତି ବର୍ଷ ମେ' ୨୧ ଆଜିର ଦିନରେ ଲବଣ ସତ୍ୟାଗ୍ରହ ସ୍ମାରକୀ ଦିବସ ଭାବେ ପାଳନ ହୋଇଥିଲା। ଏହି ଉତ୍ସବକୁ ଜିଲ୍ଲା ପ୍ରଶାସନ, ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଉତ୍କଳ ସଂଗ୍ରାମୀ ସ୍ମୃତି ସମିତି ପକ୍ଷରୁ ଆୟୋଜନ କରାଯାଇଥିଲା। କିନ୍ତୁ ଚଳିତ ବର୍ଷ ୯୫ ତମ ଲବଣ ସତ୍ୟଗ୍ରହ ସ୍ମାରକୀ ଦିବସ ଉତ୍ସବ କୁ ଉତ୍କଳ ସଂଗ୍ରାମୀ ସ୍ମୃତି ସମିତି ସଭାପତି ଅମିୟ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଯୋଗ ଦେଇଥିବା ବେଳେ, ମୁଖ୍ୟବକ୍ତା ଭାବେ ଗାନ୍ଧୀ ବିଚାରକ ଓ ସ୍ତମ୍ଭକାର ପ୍ରହଲ୍ଲାଦ ସିଂହ ଯୋଗ ଦେଇ ଲବଣ ସତ୍ୟାଗ୍ରହୀ ମାନଙ୍କ ପ୍ରତିମୂର୍ତ୍ତି ଓ ସ୍ମୃତି ସ୍ତମ୍ଭରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲା। ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ମାନଙ୍କ ଦ୍ୱାରା ପଣ୍ଡିତ ନୀଳକଣ୍ଠ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଥିଲା। ସଭା କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ମାନ୍ୟବର ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପଠନ କରାଯାଇଥିଲା ତତ୍ ପରେ ସହିଦ୍ ଓ ସଂଗ୍ରାମୀ ଏବଂ



ସ୍ଥାନୀୟ ସଂଗ୍ରାମୀ ମାନଙ୍କ ଉଦ୍ଦେଶ୍ୟରେ ୨ ମିନିଟି ନିରବ ପ୍ରାର୍ଥନା କରାଯାଇଥିଲା। ସଂଗ୍ରାମୀ ମାନଙ୍କୁ ଉଚିତ ସମ୍ମାନ ଓ ଶ୍ରଦ୍ଧାଞ୍ଜଳି ଦେବାର ଏହା ଏକ ଶୁଭ ଅବସର। ଆମ ଆଗାମୀ ପିଢି ଏହି ସମ୍ପର୍କରେ ଅବଗତ ହେବା, ସଂଗ୍ରାମୀ ମାନଙ୍କ ତ୍ୟାଗ, ସଂଘର୍ଷ ଓ ବଳିଦାନ ସମ୍ପର୍କରେ ଅତିଥି ମାନେ ବକ୍ତବ୍ୟ ରଖିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପୁରୀଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶରତ ଚନ୍ଦ୍ର ବେହେରା, ସ୍ଥାନୀୟ ବିଧାୟକ ତୁଷାରକାନ୍ତି ବେହେରା, ଜଗତସିଂହପୁର ସାଂସଦ ବିଭୂପ୍ରସାଦ ତରାଇ, ପୁରୀ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, କାକଟପୁର ବ୍ଲକ ଅଧକ୍ଷ ଶ୍ରୀଧର ନାୟକ, ଅସ୍ତରଙ୍ଗ ବ୍ଲକ୍‌ଅଧକ୍ଷା ଆରତୀ ନାଏକ ପ୍ରମୁଖ ମଞ୍ଚାସୀନ ଥିବା ବେଳେ ସ୍ୱାଗତ ଭାଷଣ ଦେଇଥିଲେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ। ଶେଷରେ ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀ, ପୂର୍ବତନ ବିଧାୟକ ବାଇଧର ମଲ୍ଲିକ୍, ୧ ନଂ ଜିଲ୍ଲାପରିଷଦ ସଭ୍ୟା ସରସ୍ୱତୀ ସ୍ୱାଇଁ, ବରିଷ୍ଠ ବିଜେପି ନେତା ଈଶ୍ୱର ବେହେରା, ପ୍ରଶାନ୍ତ କୁମାର ଭୋଳ, ସରପଞ୍ଚ ଖିରୋଦ କାଣ୍ଡି, ରାମଚନ୍ଦ୍ର କାଣ୍ଡି, ଅଧିକାରୀ ବେହେରା ଓ ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶନୀ ପତି, ମଣ୍ଡଳ ଉନ୍ନୟନ ଅଧିକାରିଣୀ ସସ୍ମିତା ବେହେରା, ଉପାଧକ୍ଷ ଦୁର୍ଜୟ ମିଶ୍ର, ଜଗତସିଂହପୁର ଲୋକସଭା ସାଂସଦଙ୍କ ପ୍ରତିନିଧି ସୁଦର୍ଶନ ସ୍ୱାଇଁ, ପର୍ଯ୍ୟଟନ ଅଧିକାରୀ ଅମୀୟ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏଥିରେ ସଂଗ୍ରାମୀ ସ୍ମୃତି ସମିତି ପକ୍ଷରୁ ସତ୍ୟବ୍ରତ ଲେଙ୍କା, ପବିତ୍ର ସ୍ୱାଇଁ ଓ କର୍ମକର୍ତ୍ତା, ବିଭିନ୍ନ ବିଭାଗର ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ। ସବୁଠାରୁ ଗୁରୁତ୍ୱ ପୂର୍ଣ୍ଣ କଥା ହେଲା ଉପମୁଖ୍ୟମନ୍ତ୍ରୀ କାକଟପୁରରୁ ଅସ୍ତରଙ୍ଗ ଆସୁଥିବା ରାସ୍ତାରେ ଅସ୍ତରଙ୍ଗ ବିଜେପି ପକ୍ଷରୁ ଦୁଇ ଗୋଷ୍ଠୀ ହୋଇ ଭିନ୍ନ ଭିନ୍ନ ସ୍ଥାନରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଶେଷରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଅସ୍ତରଙ୍ଗ ଥାନା ପରିସରରେ ପୋଲିସ ରହଣି ପାଇଁ ନବନିର୍ମିତ ଗୃହକୁ ଉଦ୍‌ଘାଟନ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିସ୍ଥାପିତ ...

ଆକ୍ସେସ୍ ରୋଡ୍ ନିର୍ମାଣର ଯୋଜନା ରଖାଯାଇଛି। ଏହା ସହିତ ଏକ ଇନର୍ ରିଙ୍ଗ୍ ରୋଡ୍ ମଧ୍ୟ ନିର୍ମାଣ କରାଯିବ। ଏହି ସମସ୍ତ ନିର୍ମାଣ ଦ୍ୱାରା ଭୁବନେଶ୍ୱରରେ ଦିନ ପ୍ରତିଦିନ ବଢୁଥିବା ଟ୍ରାଫିକ ସମସ୍ୟାର ସମାଧାନ ହୋଇପାରିବ ଏବଂ ଭୁବନେଶ୍ୱର ସହରର ସୌନ୍ଦର୍ଯ୍ୟକରଣରେ ବିଶେଷ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଥିଲେ। ଏହି ନିର୍ମାଣ ଯୋଗୁଁ ବିସ୍ଥାପିତ ହେବାକୁ ଥିବା ପ୍ରାୟ ୩୬୨ଟି ପରିବାରକୁ ଥଇଥାନ କରାଯିବା ସହିତ ସେମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢୀ, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ପୋଲିସ କମିଶନର ଏସ୍. ଦେବଦତ୍ତ ସିଂହ ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ।

### ଭିଜିଲାନ୍ସ ...

ସବୁବେଳେ କଡ଼ା ଆଭିମୁଖ୍ୟ ଗ୍ରହଣ କରି ଆସିଛନ୍ତି। ଖଣି ଦୁର୍ନୀତିର ମୁଲୋତ୍ପାଟନ କରାଯିବ ବୋଲି ସେ ବାରମ୍ବାର କହି ଆସିଛନ୍ତି। ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରି ମୁଖ୍ୟମନ୍ତ୍ରୀ ସୁନ୍ଦରଗଡ଼ର ଏହି ଖଣି ଦୁର୍ନୀତିର ପର୍ଦ୍ଦାଫାସ କରିବା ପାଇଁ ଭିଜିଲାନ୍ସକୁ ନିର୍ଦ୍ଦେଶ ଦେଇଛନ୍ତି। ଇସ୍ପାତ ଓ ଖଣି ମନ୍ତ୍ରୀ ଶ୍ରୀ ଜେନା ମଧ୍ୟ ଏହି ଘଟଣାକୁ ଗୁରୁତ୍ୱର ସହ ଗ୍ରହଣ କରିବା ସହ ଦୋଷୀ ଯେ କେହିବି ହୋଇ ଥାନ୍ତୁ ନା କାହିଁକି ସମସ୍ତଙ୍କୁ ଖୋଜି ବାହାର କରାଯିବା ସହିତ ଆଇନ ଅନୁସାରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ସୂଚନାଯୋଗ୍ୟ ଯେ ସୁନ୍ଦରଗଡ଼ ଜିଲ୍ଲା ହେମଗିରି ତହସିଲରେ ୨୨ଟି ଖଣିରୁ ବେଆଇନ ଭାବେ ୯୮୪୩ ମେଟ୍ରିକ ଟନ୍‌ରୁ ଉର୍ଦ୍ଧ୍ୱ ପରିମାଣର କୋଇଲା ଉତ୍ତୋଳନ କରାଯାଇଥିବା ନଜରକୁ ଆସିଛି। ଯାହାର ଆନୁମାନିକ ମୂଲ୍ୟ ୨ କୋଟି ଟଙ୍କାରୁ ଅଧିକ ହେବ। ଏହି ଖଣିଗୁଡ଼ିକ ମଧ୍ୟରୁ ୧୪ଟି ଖଣି ଗୋପାଳପୁର ଗ୍ରାମରେ, ୩ଟି ରନ୍‌ସୋରା ଗ୍ରାମରେ ଏବଂ ୫ଟି ଭୋଗରାକଚର ଗ୍ରାମରେ ଅବସ୍ଥିତ। ଏଗୁଡ଼ିକ ମୁଖ୍ୟତଃ ଜଙ୍ଗଲ କିସମର ଜମି। ଏହାସହିତ ହେମଗିରିର ଢାବାଖାଡି ସଂରକ୍ଷିତ ଜଙ୍ଗଲ ଏବଂ ଭୋଗରାକଚର ଗ୍ରାମରେ ବେଆଇନ ଭାବେ କୋଇଲା ଗଚ୍ଛିତ କରାଯିବା ସୂଚନା ମିଳିଛି। ସେହିପରି କୋଇଡା ତହସିଲ ଅନ୍ତର୍ଗତ ମାଲଦା, ପଟାବେଡ଼ା ସାନପୁଟୁଳି, କୋଲମଙ୍ଗ ଏବଂ ରୁସିବେଣୁଆ ଠାରେ ୫୦ଟି ବେଆଇନ ମାଙ୍ଗାନିଜ୍ ଏବଂ ଲୌହ ଉତ୍ତୋଳନ ଖଣିରୁ ବେଆଇନ ଭାବେ ମାଙ୍ଗାନିଜ୍ ଓ ଲୁହା ପଥର ଉତ୍ତୋଳନ କରାଯାଉଥିବାର ନଜରକୁ ଆସିଛି। ଏହି ୫୦ଟି ଖଣି ମଧ୍ୟରୁ ୧୬ଟି ପଟାବେଡା ଗ୍ରାମରେ, ୧୦ଟି ମାଲଦା ଗ୍ରାମରେ, ୨୦ଟି କୋଲମଙ୍ଗ ଗ୍ରାମରେ ଏବଂ ଅବଶିଷ୍ଟ ୪ଟି ସାନପୁଟୁଳି ଓ ରୁସିବେଣୁଆ ଗ୍ରାମରେ। ଏସବୁ ଖଣି ଗୁଡ଼ିକରୁ ୨୦ ହଜାର ମେଟ୍ରିକ ଟନରୁ ଉର୍ଦ୍ଧ୍ୱ ମାଙ୍ଗାନିଜ ଓର ଏବଂ ୧୨୦୦ ମେଟ୍ରିକ ଟନ୍‌ରୁ ଉର୍ଦ୍ଧ୍ୱ ପରିମାଣର ଆଇରନ ଓର ବେଆଇନ ଭାବେ ଉତ୍ତୋଳନ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୩୭ କୋଟିରୁ ଅଧିକ ଟଙ୍କା ହେବ।

### 'ସୁପ୍ରିମ୍‌କୋର୍ଟ ...

ସୁପ୍ରିମକୋର୍ଟରେ ଦେଶର ବିଭିନ୍ନ ଅଞ୍ଚଳରୁ ୩୪ ଜଣ ବିଚାରପତି ରହିଛନ୍ତି। ଏପରି ସ୍ଥିତିରେ ସୁପ୍ରିମକୋର୍ଟଙ୍କ ଛବି ସିଜେଆଇ କୈନ୍ଦ୍ରିକ ରହିବା ଠିକ ନୁହେଁ। ଏଥିରେ ପରିବର୍ତ୍ତନ ଆବଶ୍ୟକ। ଆପଣମାନେ ନୂଆ ସିଜେଆଇଙ୍କ ସମୟରେ ଏଥିରେ ପରିବର୍ତ୍ତନ ଦେଖିପାରିବେ। ମୁଁ ବହୁତ ଖୁସି ଯେ ଜଷ୍ଟିସ ସଞ୍ଜୀବ ଖାନ୍ନା(ମେ' ୧୩ରେ ଅବସର ନେଇ ସାରିଛନ୍ତି) ଆମକୁ ସ୍ୱଚ୍ଛତା ପଥରେ ଆଗକୁ ନେଇଥିଲେ। ସେ ପ୍ରତିଟି ନିଷ୍ପତ୍ତି ସୁପ୍ରିମକୋର୍ଟର ସମସ୍ତ ବିଚାରପତିଙ୍କୁ ବିଶ୍ୱାସକୁ ନେଇ ନେଉଥିଲେ। ଜଷ୍ଟିସ ଗବାଇଙ୍କ ପାଖରେ ଗଣତାନ୍ତ୍ରିକ ମୂଲ୍ୟବୋଧର ରକ୍ତ ରହିଛି। ଆମକୁ ଟ୍ରାଏଲ କୋର୍ଟ ଓ ସାଧାରଣ ଲୋକଙ୍କ କଥା ଚିନ୍ତା କରିବାକୁ ପଡ଼ିବ। ଆମର ଟ୍ରାଏଲ କୋର୍ଟ ଓ ଜିଲ୍ଲା କୋର୍ଟରେ ଅନେକ ମାମଲା ପଡ଼ି ରହିଛି। ଟ୍ରାଏଲ କୋର୍ଟଗୁଡ଼ିକୁ କେବେ ହେଲେ ଅଧିନସ୍ଥ କୋର୍ଟ କୁହନ୍ତୁ ନାହିଁ। ଏହା ସାମ୍ବିଧାନିକ ମୂଲ୍ୟବୋଧର ବିରୋଧୀ। ଜଣଙ୍କୁ ୨୦ ବର୍ଷ ପରେ ଦଣ୍ଡିତ କରିବା ବେଶ କଷ୍ଟକର ବ୍ୟାପାର। ମାମଲାଗୁଡ଼ିକର ଲିଷ୍ଟିଂ ପ୍ରସଙ୍ଗରେ ଆମକୁ କିଛି କରିବାକୁ ପଡ଼ିବ। ଲୋକମାନେ କହୁଛନ୍ତି ଯେ କିଛି ମାମଲା ଆବେଦନର ଦିନକ ପରେ ଶୁଣାଣି ପାଇଁ ଧାର୍ଯ୍ୟ ହୋଇଯାଉଛି। ଅନ୍ୟ ଆବେଦନ ଗୁଡ଼ିକ ଦିନ ଦିନ ଧରି ପଡ଼ି ରହୁଛି। ନିଜର ନ୍ୟାୟିକ ଯାତ୍ରା ସମ୍ପର୍କରେ ମନେପକାଇ ଜଷ୍ଟିସ ଓକା କହିଛନ୍ତି ଯେ ତାଙ୍କୁ ଅନେକ ଲୋକ ଅଫିସ ଛାଡ଼ିବାର ଅନୁଭୂତି କେମିତି ବୋଲି ପ୍ରଶ୍ନ କରୁଛନ୍ତି। ସେ କହିଛନ୍ତି, ବିଚାରପତିଙ୍କ ପାଖରେ ନ୍ୟାୟ ପ୍ରଦାନର ସ୍ୱାଧୀନତା ରହିଛି। ଆପଣ ଜଜ ପଦରୁ ଯିବା ପରେ ଆଉ ସେହି ସ୍ୱାଧୀନତା ଆପଣଙ୍କ ପାଖରେ ରହିବ ନାହିଁ। ୨୧ ବର୍ଷ ଓ ୯ ମାସ ଧରି ୩ଟି ସାମ୍ବିଧାନିକ କୋର୍ଟରେ ଜଣେ ବିଚାରପତି ରହିବା ପରେ ଜଜଶିପ ଜୀବନ ପାଲଟି ଯାଏ ଓ ଜୀବନ ଜଜଶିପ ହୋଇଯାଏ। ସେ ଆହୁରି କହିଛନ୍ତି, ଯେତେବେଳେ ଜଣେ ସଫଳ ଓକିଲ ବିଚାରପତି ବନନ୍ତି ସେତେବେଳେ ଲୋକମାନେ କୁହନ୍ତି ତାଙ୍କୁ ତ୍ୟାଗ କରିବାକୁ ପଡ଼ିଲା। କିନ୍ତୁ ମୁଁ ଏହାକୁ ଗ୍ରହଣ କରୁନାହିଁ। ଆପଣ ଯେତେବେଳେ ନ୍ୟାୟାଳୟରେ ଯୋଗ ଦିଅନ୍ତି ସମ୍ଭବତଃ ଆପଣ ସେହି ପରିମାଣର ଟଙ୍କା ମିଳେ ନାହିଁ କିନ୍ତୁ ଆପଣଙ୍କୁ କାମରୁ ଯେଉଁ ସନ୍ତୁଷ୍ଟି ମିଳେ ତା'କୁ ଓକିଲଙ୍କ ଆୟ ସହ ତୁଳନା କରାଯାଇ ପାରିବ ନାହିଁ। ଆପଣ ଯେତେବେଳେ ଜଣେ ବିଚାରପତି ହୋଇଯାଆନ୍ତି ସେତେବେଳେ କେବଳ ସମ୍ବିଧାନ ଓ ବିବେକ ଆପଣଙ୍କୁ ଶାସନ କରିଥାଏ। ବିଚାରପତି ଭାବେ ମୋର ଲମ୍ବା ଇନିଂସରେ ମୁଁ କେବେ ହେଲେ ଅସହମତିପୂର୍ଣ୍ଣ ରାୟ ଦେଇ ନାହିଁ।

### ଖୁବ୍‌ଶୀଘ୍ର ...

ବେଆଇନ ମାଦକ ଦ୍ରବ୍ୟ ସେବନ ଓ କାରବାର ବିରୋଧରେ ସାରା ରାଜ୍ୟରେ ହେବାକୁ ଥିବା କାର୍ଯ୍ୟକ୍ରମରେ ପ୍ରତ୍ୟେକ ବିଭାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ବିଦ୍ୟାଳୟ ସ୍ତରରୁ ଆରମ୍ଭ କରି ଗ୍ରାମପଞ୍ଚାୟତ ପର୍ଯ୍ୟନ୍ତ ରାଜ୍ୟର କୋଣ ଅନୁକୋଣରେ ସଚେତନତାର ବାର୍ତ୍ତାକୁ ପହଞ୍ଚାଇବାକୁ ପଡ଼ିବ। ପାଲା, ଦାସକାଠିଆ, ଘୋଡ଼ାନାଚ ଆଦି ସହ ବିଭିନ୍ନ ହାଟବଜାର ଅଞ୍ଚଳରେ ପଥପ୍ରାନ୍ତ ନାଟକ ଜରିଆରେ ବେଆଇନ ନିଶା ସେବନ କାରବାରର କୁପରିଣତି ନେଇ ସଚେତନତା ସୃଷ୍ଟି କାର୍ଯ୍ୟକ୍ରମକୁ ସଫଳ କରିବାକୁ ହେବ। ଏଥି ସହ ଜିଲ୍ଲା, ଉପଖଣ୍ଡ ଓ ବ୍ଲକ୍ ସ୍ତରରେ ସଚେତନତା ରଥ ଜରିଆରେ ସବୁବର୍ଗଙ୍କୁ ସଚେତନ କରାଇବା ନେଇ ଉପସ୍ଥିତ ସମସ୍ତ ବିଭାଗର ବରିଷ୍ଠ ଅଧିକାରୀମାନଙ୍କୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ପରାମର୍ଶ ଦେଇଥିଲେ। ଏଥିସହ ପ୍ରତ୍ୟେକ ଦିନ କ'ଣ ସବୁ କାର୍ଯ୍ୟକ୍ରମ କରାଯିବ ସେଥିନେଇ ତାଲିକା ପ୍ରସ୍ତୁତ କରିବାକୁ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୂଜା ଗ୍ରାମାଞ୍ଚଳରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସାମିଲ କରି ବିଦ୍ୟାଳୟ ସ୍ତରରେ ବେଆଇନ ନିଶା ସେବନ ସମ୍ବନ୍ଧରେ ପ୍ରବନ୍ଧ ପ୍ରତିଯୋଗିତା ଆୟୋଜନ କରିବା ସହ ବେଆଇନ ମାଦକ ଦ୍ରବ୍ୟ କାରବାର ଓ ସେବନ ବିରୁଦ୍ଧରେ ନିୟମିତ ସଚେତନତା କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅବକାରୀ ବିଭାଗ କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର ଆୟୋଜିତ ହେବାକୁ ଥିବା ଏହି ସଚେତନତା କାର୍ଯ୍ୟକ୍ରମର ଆଭିମୁଖ୍ୟ ସହ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ଏବଂ ବିଭିନ୍ନ ବିଭାଗର ସମ୍ପୃକ୍ତି ବିଷୟରେ ବୈଠକରେ ମାନ୍ୟବର ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉଚ୍ଚଶିକ୍ଷା ବିଭାଗର ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ, ଗୃହ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଆର.କେ. ଶର୍ମା, ପୋଲିସ ଡିଆଇଜି(ଏସ୍‌ଟିଏଫ୍) ପିନାକ ମିଶ୍ରଙ୍କ ସମେତ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ବାଣିଜ୍ୟ ଓ ପରିବହନ, କ୍ରୀଡ଼ା ଓ ଯୁବସେବା, ବିଦ୍ୟାଳୟ ଓ ଗଣଶିକ୍ଷା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ପଞ୍ଚାୟତିରାଜ ଓ ପାନୀୟ ଜଳ, ମିଶନ ଶକ୍ତି, ଓରସାକ୍, ଏନ୍‌ସିବି, ଭୁବନେଶ୍ୱର, ଓଡ଼ିଶା ରାଜ୍ୟ ପାନୀୟ ନିଗମ ଲିଃର ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଅବକାରୀ କମିଶନର ଧର୍ମେନ୍ଦ୍ର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

### 'ଶିଳ୍ପ ବିକାଶର ...

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, କଳିଙ୍ଗ ନଗର ଠାରେ ୨୦ଟି ଶିଳ୍ପର ଶିଳାନ୍ୟାସ କରାଗଲା। ଏହା ସମ୍ଭବ ହୋଇଛି, ଆମ ସରକାରଙ୍କ ଦୃଢ଼ ଇଚ୍ଛାଶକ୍ତି ଯୋଗୁଁ। କାରଣ, ଯଦି ଇଚ୍ଛାଶକ୍ତି ନାହିଁ ତେବେ ପାଦେ ଆଗେଇବାକୁ ମଧ୍ୟ ମଣିଷ ସକ୍ଷମ ହୋଇପାରେ ନାହିଁ। ଆମ ସରକାର ନିଜର ଦୃଢ଼ ଇଚ୍ଛା ଶକ୍ତିର ନିଦର୍ଶନ ଦେଖାଇଛନ୍ତି। ସେ କହିଥିଲେ ଯେ, ମାତ୍ର ୧୧୩ ଦିନ ମଧ୍ୟରେ ଦେଇଥିବା ପ୍ରତିଶ୍ରୁତି ଆମ ସରକାର ପୂରଣ କରିଛନ୍ତି। ଏହି ଯେଉଁ ସବୁ ପ୍ରକଳ୍ପ ଆପଣମାନଙ୍କ ସମ୍ମୁଖରେ ଭିତ୍ତିପ୍ରସ୍ତର ସ୍ଥାପନ ହେଲା, ଏହି ସମସ୍ତ ପ୍ରକଳ୍ପର ମେକ୍-ଇନ୍-ଓଡିଶା କନ୍‌କ୍ଲେଭରେ ସ୍ୱାକ୍ଷରିତ ହୋଇଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ପ୍ରକଳ୍ପ ସବୁ ମାଧ୍ୟମରେ ଲକ୍ଷାଧିକ ଓଡ଼ିଆ ଯୁବକ ଓ ଯୁବତୀ ନିଜ ରାଜ୍ୟର ମାଟିରେ ନିଜ ସ୍ୱପ୍ନ ପୂରଣ କରିପାରିବେ। ଏହା କେବଳ ଚାକିରି ନୁହେଁ, ଯୁବବର୍ଗଙ୍କ ପାଇଁ ଏହା ସ୍ୱାଭିମାନ, ଏହା ନୂଆ ଓଡ଼ିଶାର ନୂଆ ପରିଚୟ। ଏହା ସମୃଦ୍ଧ ଓଡିଶାର ଅୟମାରମ୍ଭ। ସେ ପୁଣି କହିଥିଲେ, ରାଜ୍ୟର ଶିଳ୍ପ ବିକାଶର ଏନ୍ତୁଡିଶାଳ ହେଉଛି ଶିଳ୍ପ ସମୃଦ୍ଧ କଳିଙ୍ଗ ନଗର। ଶିଳ୍ପ ବିକାଶରେ ଅଗ୍ରଣୀ ଭୂମିକା ଗ୍ରହଣ କରି ରାଜ୍ୟ ପାଇଁ ଏହି ଅଞ୍ଚଳ ଏକ ଦୃଷ୍ଟାନ୍ତ ପାଲଟିଛି। ମେକ୍ ଇନ୍ ଓଡ଼ିଶା କନକ୍ଲେଭ-ଉତ୍କର୍ଷ ଓଡ଼ିଶାର ଚମତ୍କାର ସଫଳତା ବଳରେ ୧୭ ଲକ୍ଷ କୋଟି ଟଙ୍କାର ନିବେଶ ଆମେ ପାଇଥିଲୁ। ଆଉ ଆଜି, ବାସ୍ତବତା ଭୂମିରେ ଦୃଶ୍ୟମାନ ହେଉଛି ଯେ ଓଡ଼ିଶା ଆଉ କେବଳ ସମ୍ଭାବନାର ଭୂମି ନୁହେଁ, ଏହା ହେଉଛି ସୀମାହୀନ ସୁଯୋଗର ଭୂମି। ଏହି ଅବସରରେ ସମବାୟ ଓ ହସ୍ତତନ୍ତ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କହିଥିଲେ ଯେ, ଓଡ଼ିଶାବାସୀଙ୍କ ବିଶ୍ୱାସକୁ ସାଥି କରି ଆମ ସରକାର କାର୍ଯ୍ୟ କରୁଛି ଏବଂ ଓଡ଼ିଶା ବିକାଶ ପଥରେ ଆଗେଇ ଚାଲିଛି। ଶିଳ୍ପର ବିକାଶ ଆମ ପ୍ରଥମ ଉଦ୍ଦେଶ୍ୟ ଥିଲା ଆଉ ସେହି ଉଦ୍ଦେଶ୍ୟକୁ ଆମ ସରକାର ସଫଳ କରୁଛନ୍ତି ବୋଲି ସେ କହିଥିଲେ। ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ ଯେ, ରାଜ୍ୟର ଆର୍ଥିକ ପ୍ରଗତିର ମେରୁଦଣ୍ଡ ହେଉଛନ୍ତି ଯୁବଶକ୍ତି ଏବଂ ଯୁବଶକ୍ତିର ବିକାଶ ପାଇଁ ରୋଜଗାର ଆବଶ୍ୟକ। ଏହି ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆଜି ଆମ ସରକାରଙ୍କ ଉଦ୍ୟମ ସଫଳ ହେଉଛି। ଶିଳ୍ପର ବିକାଶ ହେଉଛି ଏବଂ ଏହା ଦ୍ୱାରା ଆମ ରାଜ୍ୟର ବିକାଶ ହେଉଛି।

### ବ୍ୟୁରୋକ୍ରାଟ୍‌ଙ୍କ ...

ଅନୁମତିରେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସଂସଦୀୟ ବ୍ୟାପାର ବିଭାଗ ପାଖରେ ମେମୋରାଣ୍ଡମ ଦାଖଲ କରିବାକୁ ପଡ଼ିବ। ସେହିପରି ରୁଲସ ଅଫ ବିଜିନେସ୍ ତୃତୀୟ ଖଣ୍ଡର ନିୟମ-୨୧ ଅନୁଯାୟୀ କ୍ୟାବିନେଟ୍ ଆଗରେ କୌଣସି ପ୍ରସ୍ତାବ ଉପସ୍ଥାପନ ପାଇଁ ନିଷ୍ପତ୍ତି ନିଆଗଲେ, ସମ୍ପୃକ୍ତ ବିଭାଗ ଏକ ମେମୋରାଣ୍ଡମ ପ୍ରସ୍ତୁତ କରିବ, ଯେଉଁଥିରେ ବିଷୟର ମୁଖ୍ୟ ତଥ୍ୟ ଓ ନିଷ୍ପତ୍ତି ବିନ୍ଦୁ ସ୍ପଷ୍ଟ ଭାବେ ଉଲ୍ଲେଖ ରହିବ। ଏହି ମେମୋରାଣ୍ଡମ ଓ ଆବଶ୍ୟକୀୟ ଦସ୍ତାବିଜକୁ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନଙ୍କ ସମେତ କ୍ୟାବିନେଟ୍ ସଚିବ (ମୁଖ୍ୟସଚିବ)ଙ୍କୁ ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପରେ ହିଁ କ୍ୟାବିନେଟ୍ ଏଜେଣ୍ଡା ଓ ମେମୋରାଣ୍ଡମର କପିକୁ ବୈଠକ ବସିବାର ଦୁଇଟି କାର୍ଯ୍ୟଦିବସ ପୂର୍ବରୁ(ସକାଳ ସାଢ଼େ ୧୦ଟା ସୁଦ୍ଧା) ସମସ୍ତ ମନ୍ତ୍ରୀମାନଙ୍କ ନିକଟକୁ ପଠାଯିବ। ଏସବୁ ବ୍ୟତୀତ ରୁଲସ୍ ଅଫ ବିଜିନେସର ନିୟମ ୨୧ ଅନୁଯାୟୀ ମୁଖ୍ୟମନ୍ତ୍ରୀଙ୍କ ଅନୁମତି ବିନା ସର୍କୁଲାରରେ ସ୍ଥାନ ପାଇନଥିବା କୌଣସି ବିଷୟ ଏଜେଣ୍ଡାରେ ସ୍ଥାନ ପାଇବ ନାହିଁ। ମୁଖ୍ୟମନ୍ତ୍ରୀଙ୍କ ଅଧକ୍ଷତାରେ ହିଁ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହେବାର ପରମ୍ପରା ରହିଛି। ବୈଠକରେ ସାମିଲ ମନ୍ତ୍ରୀମାନଙ୍କୁ ନିଜର ମତ ରଖିବା ମୁଖ୍ୟମନ୍ତ୍ରୀ ପରାମର୍ଶ ଦେବେ। ଆଉ ବିଭାଗୀୟ ସଚିବମାନେ କେବଳ ନିଜ ବିଭାଗ ସମ୍ପର୍କିତ ଏଜେଣ୍ଡା ଉପରେ ମତ ରଖିବା ପାଇଁ କ୍ୟାବିନେଟ୍ ବୈଠକ ବସିଥିବା ହଲକୁ ଆସି ନିଜର ମତ ରଖି ସେଠାରୁ ପ୍ରସ୍ଥାନ କରିବେ। ଅବଶ୍ୟ ବୈଠକ ନସରିବା ପର୍ଯ୍ୟନ୍ତ ତାଙ୍କୁ ନିକଟସ୍ଥ ଅଲଗା କକ୍ଷରେ ଅପେକ୍ଷା କରିବାକୁ ପଡ଼ିବ। ଏସବୁ ବ୍ୟବସ୍ଥା ଯଦିଓ ପୁରୁଣା ଓ ରୁଲସ୍ ଅଫ ବିଜିନେସରେ ରହିଛି ତଥାପି ବିଜେଡି ସରକାର ସମୟରେ ଏହା ପାଳନ କରାଯିବାରେ ବ୍ୟତିକ୍ରମ ରହିଥିଲା। ଯେଉଁଥିପାଇଁ ମନ୍ତ୍ରୀମାନଙ୍କ ଉପରେ ସଚିବମାନେ ଅଧିକ ପ୍ରଭାବ ବିସ୍ତାର କରୁଥିଲେ ଓ କ୍ୟାବିନେଟ୍ ଏଜେଣ୍ଡାକୁ ବୁଝିବା ଅବା ଜାଣିବା ମଧ୍ୟ ମନ୍ତ୍ରୀମାନଙ୍କ ପକ୍ଷେ ସମ୍ଭବପର ହୋଇପାରୁନଥିଲା।

### ଦୁର୍ଗମ ଅଞ୍ଚଳର ...

୭୪ଟି ବହୁମୁଖୀ କେନ୍ଦ୍ର ନିର୍ମାଣ ପାଇଁ ଲକ୍ଷ୍ୟ ରଖାଯାଇଛି। ସମସ୍ତ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ୧୪ଟି ଜିଲ୍ଲାର ଯେଉଁ ଜନ ବସତିର ୫ କିଲୋମିଟର ମଧ୍ୟରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନାହିଁ, ସେହିପରି ସମସ୍ତ ଅଞ୍ଚଳରେ ମୋବାଇଲ ମେଡିକାଲ ୟୁନିଟର ବ୍ୟବସ୍ଥା କରିବା ପାଇଁ ଲକ୍ଷ୍ୟ ରଖାଯାଇଥିଲା। ଏହିପରି ସମସ୍ତ ୧,୦୫୫ଟି ଜନ ବସତିକୁ ମୋବାଇଲ ମେଡିକାଲ ୟୁନିଟ ଯୋଗାଇ ଦିଆଯାଇଛି ଏବଂ ଏ କ୍ଷେତ୍ରରେ ଶତ ପ୍ରତିଶତ ସଫଳତା ହାସଲ ହୋଇଛି ବୋଲି ବୈଠକରୁ ଜଣାଯାଇଛି। ଏଥିରେ ମୁଖ୍ୟମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଥିଲେ। ବିଶେଷତଃ ପିଭିଟିଜି ଅଂଚଳରେ ବସବାସ କରୁଥିବା ଆଦିବାସୀଙ୍କ ନିମନ୍ତେ ଜଳ ଯୋଗାଣ, ବିଦ୍ୟୁତ ଯୋଗାଣ, ମୋବାଇଲ କନେକ୍ସନ, ଆଦି କାର୍ଯ୍ୟ ଗୁଡିକୁ ଯଥାଶୀଘ୍ର ସମାପନ କରିବା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତ ସଚିବ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ଏବଂ ଯୋଗାଯୋଗ ହୋଇପାରୁନଥିବା କିମ୍ବା ଦୁର୍ଗମ ଅଂଚଳ ଗୁଡିକୁ ମୁଖ୍ୟ ଶାସନ ସଚିବଙ୍କ ସମେତ ଅନ୍ୟ ସଚିବ ମାନେ ପରିଦର୍ଶନରେ ଯାଇ ସେଠାକାର କାମ କିଭଳି ନିର୍ଦ୍ଧାରିତ ସମୟ ମଧ୍ୟରେ ସମାପ୍ତ ହେବ ସେ ବିଷୟରେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ବୈଠକରେ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ ଏବଂ ବିଭିନ୍ନ ବିଭାଗର ଶାସନ ସଚିବମାନେ ଉପସ୍ଥିତ ଥିଲେ।

# ପାରମ୍ପରିକ ପଟ୍ଟଚିତ୍ରରେ ଜାତୀୟ ମେଧାବୃତ୍ତି ପାଇଁ ଶିଶୁ ଚିତ୍ରଶିଳ୍ପୀ ମଧୁଛନ୍ଦା ମନୋନୀତ



**ଭୁବନେଶ୍ୱର :** ଆମ ରାଜ୍ୟର ପାରମ୍ପରିକ କଳା ପଟ୍ଟଚିତ୍ର ପ୍ରତ୍ୟେକ ବର୍ଗର ଦକ୍ଷତା ସମ୍ପନ୍ନ ଚିତ୍ରଶିଳ୍ପୀଙ୍କୁ ରାଜ୍ୟ ତଥା ଜାତୀୟ ସ୍ତରରେ ପ୍ରତିଷ୍ଠିତ କରାଇଥାଏ କେବଳ ଶିଳ୍ପୀର ସୃଜନାତ୍ମକ ଚିନ୍ତାଧାରା ଓ କଳା ପ୍ରତିଭା ପାଇଁ। ସିସିଆରଟିର ପ୍ରତିଭା ଅନ୍ୱେଷଣ ମେଧା ବୃତ୍ତି ଯୋଜନାରେ ପାରମ୍ପରିକ ପଟ୍ଟଚିତ୍ର ଅବା ସୁକ୍ଷ୍ମ ଚିତ୍ରକଳା, ସଂଗୀତ ଅବା ନୃତ୍ୟ ସବୁ ବର୍ଗର ଶିଶୁଚିତ୍ରଶିଳ୍ପୀ ମାନଙ୍କୁ ଜାତୀୟ ସ୍ତରରେ ସୁଖ୍ୟାତି ଅର୍ଜନ କରିବାର ରାହା ଓ ସାହା ସାଜିଛି କେବଳ ଉପଯୁକ୍ତ ଗୁରୁଙ୍କ ମାର୍ଗଦର୍ଶନ ଯୋଗୁଁ। ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଅଧିନସ୍ଥ ସାଂସ୍କୃତିକ ସମ୍ବଳ ଓ ପ୍ରଶିକ୍ଷଣ କେନ୍ଦ୍ର (ସିସିଆରଟି), ନୂଆଦିଲ୍ଲୀ ତରଫରୁ ପ୍ରଦତ୍ତ ସାଂସ୍କୃତିକ ପ୍ରତିଭା ଅନ୍ୱେଷଣ ମେଧା ବୃତ୍ତି ଯୋଜନା ମାଧ୍ୟମରେ ଭୁବନେଶ୍ୱର ଉପକଣ୍ଠ ସତ୍ୟଭାମାପୁର ସ୍ଥିତ ବକ୍ସି ଜଗବନ୍ଧୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟ-୨ର ସପ୍ତମ ଶ୍ରେଣୀ ଛାତ୍ରୀ ମଧୁଛନ୍ଦା ଧଳସାମନ୍ତ କଳାଶିକ୍ଷକ ତଥା ପାରମ୍ପରିକ ପଟ୍ଟଚିତ୍ର ଶିଳ୍ପୀ ରବୀନ୍ଦ୍ର କୁମାର ମହାରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପଟ୍ଟଚିତ୍ର ପ୍ରଶିକ୍ଷଣ ପାଇଁ ୨୦୨୪-୨୫ ଶିକ୍ଷା ବର୍ଷ ଠାରୁ ସ୍ନାତକ ପର୍ଯ୍ୟନ୍ତ ମେଧା ବୃତ୍ତି ପାଇବା ପାଇଁ ସିସିଆରଟିର ନିର୍ଦ୍ଦେଶକ ମହୋଦୟ ରାଜୀବ କୁମାର ସ୍ୱୀକୃତି ପ୍ରଦାନ କରିଛନ୍ତି। କଟକ ଜିଲ୍ଲା ଆଠଗଡ ନିକଟସ୍ଥ ବିରୁଡା ଗ୍ରାମରେ ଜନ୍ମିତ ମଧୁଛନ୍ଦା ପାଠପଢା ସହ ପଟ୍ଟଚିତ୍ରରେ ଅଭିରୁଚି, ମାତାପିତାଙ୍କ ପ୍ରେରଣା ଓ ଗୁରୁ ରବୀନ୍ଦ୍ରଙ୍କ ମାର୍ଗଦର୍ଶନ ଯୋଗୁଁ ସେ ଜାତୀୟ ସ୍ତରରେ ସଫଳତା ପାଇ ପାରିଛନ୍ତି ବୋଲି ମତବ୍ୟକ୍ତ କରିଛନ୍ତି। ମଧୁଛନ୍ଦା ଅନେକ ଚିତ୍ର ପ୍ରତିଯୋଗିତା, କର୍ମଶାଳା ଯଥା ପିକକ୍, କଳାମିତ୍ର ଫାଉଣ୍ଡେସନ, ଆଜାଦ କଳାରତ୍ନମ୍ ଫାଉଣ୍ଡେସନ ଅଫ୍ ଆର୍ଟ ସୋସାଇଟି, ୬ଷ୍ଠ ଅର୍ନ୍ତଜାତୀୟ କଳା ମହୋତ୍ସବ ପରି ବହୁ କଳା ଅନୁଷ୍ଠାନ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଚିତ୍ରକଳା ପ୍ରତିଯୋଗିତା ରେ ଅଂଶଗ୍ରହଣ କରି ଓଡ଼ିଶା ଏବଂ ବିଦ୍ୟାଳୟ ପାଇଁ ଗୌରବ ସାଉଁଟିଛନ୍ତି। ମଧୁଛନ୍ଦାଙ୍କ ସଫଳତା ପାଇଁ ବିଦ୍ୟାଳୟର ଅଧକ୍ଷ, ଉପାଧକ୍ଷ, କଳାଶିକ୍ଷକ, ଶିକ୍ଷକଶିକ୍ଷୟିତ୍ରୀ ଏବଂ ଗୁରୁଜନ ମାନଙ୍କ ଆର୍ଶୀବାଦର ଶ୍ରେୟ ବୋଲି ପିତା ଦିଲୀପ କୁମାର ଧଳସାମନ୍ତ ଓ ମାତା ପ୍ରଜ୍ଞା ପ୍ରିୟବାଦିନୀ ମତପ୍ରକାଶ କରିଛନ୍ତି। ଆଗାମୀ ଭବିଷ୍ୟତରେ ମଧୁଛନ୍ଦାଙ୍କ କଳାମୟ ଜୀବନ ମଧୁମୟ ହେଉ ଏହାହିଁ ନିର୍ଭୟ ପରିବାର ତରଫରୁ ସ୍ନେହାଶ୍ରୀବାଦ।

# ବିଶ୍ୱ କଇଁଛ ଦିବସ ଅବସରରେ ସଚେତନତା କାର୍ଯ୍ୟକ୍ରମ




**କୋଣାର୍କ :** କୋଣାର୍କ ନିକଟସ୍ଥ କାମତ ହୋଟେଲସର ଲୋଟସ ରିସୋର୍ଟ ପକ୍ଷରୁ କୋଣାର୍କ ବନ ବିଭାଗ ସହଯୋଗରେ ଓଲିଭ ରିଡ଼ଲେ ସୁରକ୍ଷା କେନ୍ଦ୍ରର କର୍ମଚାରୀ ମାନଙ୍କୁ ନେଇ ଫଳକ ପ୍ରଦର୍ଶନ ପୂର୍ବକ ଏକ ଶୋଭାଯାତ୍ରା କରାଯାଇ ଥିଲା। ଏହି କାର୍ଯ୍ୟକ୍ରମ ଲୋଟସ ରିସୋର୍ଟର ପ୍ରାୟ ୪୦ ଜଣ କର୍ମଚାରୀ ମାନଙ୍କୁ ନେଇ ଏହି ଶୋଭାଯାତ୍ରା କରାଯାଇ ଥିଲା। ଏଥିରେ ଅନେକ ପର୍ଯ୍ୟଟକ ତଥା ସ୍ଥାନୀୟ ଜନସାଧାରଣ ମଧ୍ୟ ଯୋଗଦାନ କରି ଜନ ସାଧାରଣଙ୍କୁ ବିଲୁପ୍ତ ହୋଇଯାଉଥିବା ଓଲିଭ ରିଡ଼ଲେ କଇଁଛର ସୁରକ୍ଷାକୁ ସମସ୍ତଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ବୋଲି ସଚେତନ କରାଇବା ସହ ବିଶ୍ୱକୁ ଫଳକ ପ୍ରଦର୍ଶନ ପୂର୍ବକ ବାର୍ତ୍ତା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ବିଶ୍ୱ କଇଁଛ ସୁରକ୍ଷା ଅଭିଯାନକୁ ଅଧିକ ତ୍ୱରାନିତ୍ୱ କରାଯିବ ବୋଲି ମତପ୍ରକାଶ ପାଇଥିଲା। ପରେ କାମତ୍ ହୋଟେଲସ୍ ର ଲୋଟସ୍ ରିସୋର୍ଟ ଗ୍ରୀନ ଟିମର କର୍ମଚାରୀ ଓ ବନ ବିଭାଗ କର୍ମଚାରୀ ମାନେ ମିଳିତ ଭାବେ ବେଳାଭୂମି ସଫେଇ କରିଥିଲେ। କାମତ ହୋଟେଲସର ଲୋଟସ ରିସୋର୍ଟ ପରିସରରେ କଇଁଛ ସୁରକ୍ଷା ଉପରେ ଏକ ସଭା ଆୟୋଜନ କରାଯାଇଥିଲା। କଇଁଛ ସୁରକ୍ଷା କାର୍ଯ୍ୟରେ କାର୍ଯ୍ୟାରତ କର୍ମଚାରୀ ମାନଙ୍କୁ ଉତ୍ସାହିତ କରିବା ପାଇଁ ଉପହାର ପ୍ରଦାନ ପୂର୍ବକ ସମ୍ମାନିତ କରାଯିବା ସହ ସୁସ୍ୱାଦୁ ଖାଦ୍ୟ ପ୍ରଦାନ କରାଯାଇ ଆପ୍ୟାୟିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କୋଣାର୍କ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ସୁଦର୍ଶନ ଦେହୁରୀ, କାମତ ହୋଟେଲସର ଆଞ୍ଚଳିକ ପରିଚାଳକ ଭାରତ ଭୂଷଣ ବିଶ୍ୱାଳ ଯୋଗ ଦେଇଥିବା ବେଳେ ବରିଷ୍ଠ ସାମ୍ବାଦିକ ସଞ୍ଜୟ ପତି ସାଭା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏତଦବ୍ୟତୀତ ଅନେକ ବରିଷ୍ଠ ସାମ୍ବାଦିକ ଓ ବନ ବିଭାଗ କର୍ମଚାରୀ ମାନେ ଯୋଗଦେଇ ଥିଲେ। କାମତ ହୋଟେଲସର ସି. ଏମ. ଡି. ଡ. ଭିଠଲ ଭେଙ୍କଟେଶ କାମତ ଓ ନିର୍ଦ୍ଦେଶକ ବିଶାଲ କାମତ ସମଗ୍ର ଦେଶରେ ପରିବେଶ ସୁରକ୍ଷା ଓ ସ୍ୱଚ୍ଛତା ପାଇଁ ଅଭିଯାନ ଜାରି ରଖିଛନ୍ତି। ଏହି କାର୍ଯ୍ୟକ୍ରମକୁ ଲୋଟସ ରିସୋର୍ଟର ପରିଚାଳକ ସୁନୀଲ କୁମାର ପାଣିଗ୍ରାହୀ, ପ୍ରଭୁଦତ୍ତ ଦାଶ, ଧିରେନ କୁମାର ଆଚାର୍ଯ୍ୟ, ରାଜୀବ କୁମାର ନାୟକ, ଜିତେନ୍ଦ୍ର ଜେନା, ପ୍ରଦୀପ ମଣ୍ଡଳ, ଅଭିମନ୍ୟୁ ମାନ୍ୟଲୁ, ସରାଫର୍ଜ କୋରସିନ ଓ ନିର୍ମାଲ୍ୟ ରାଉତ ପ୍ରମୁଖ ପରିଚାଳନା କରିଥିଲେ।

# ପୁରୁଣା ବଜାର ପୁରୁଣା ପୋଖରୀର ହେବ ନବକଳେବର



**ଲକ୍ଷ୍ମୀପୁର :** ଲକ୍ଷ୍ମୀପୁର ପୁରୁଣା ବଜାର ସ୍ଥିତତଥା ଜଗନ୍ନାଥ ମନ୍ଦିର ପଛପଟ ଥିବା ବହୁ ପୁରୁଣା ପୋଖରୀର ଏବେ ନବକଳେବର ହେବାକୁ ଯାଉଛି। ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା ଏଥି ପ୍ରତି ଦୃଷ୍ଟି ଦେଇଛନ୍ତି। ବେଦାନ୍ତ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଉକ୍ତ ପୋଖରୀର ଭାଗ୍ୟ ବଦଳେଇବା ପାଇଁ ପ୍ରଚେଷ୍ଟା ଆରମ୍ଭ କରିଛନ୍ତି। ବେଦାନ୍ତ କମ୍ପାନୀ ପାରିପାର୍ଶ୍ୱିକ ପାଣ୍ଠି ଦ୍ୱାରା ଲକ୍ଷାଧିକ ଟଙ୍କା ବେୟରେ ପୋଖରୀର ଚତୁର୍ପାର୍ଶ୍ୱ ସୁନ୍ଦର ସୁନ୍ଦର ଆଲୋକ ସଜା ସହ ଏକ ଅତ୍ୟାଧୁନିକ ପାର୍କ ନିର୍ମାଣ ପାଇଁ ଲକ୍ଷ୍ୟ ରଖାଯାଇଛି। ଏନେଇ ବିଧାୟକ ଶ୍ରୀ ସାଉନ୍ତା ବେଦାନ୍ତ କମ୍ପାନୀ ଅଧିକାରୀ ଓ ଅତିରିକ୍ତ ତହସିଲଦାର ମାଧବ ଭତ୍ରା, ଲକ୍ଷ୍ମୀପୁର ରାଜସ୍ୱ ନିରୀକ୍ଷକ ବିନାୟକ ସିର୍କାଙ୍କ ଉପସ୍ଥିତିରେ ଜାଗା ଚିହ୍ନଟ ସହ ବିସ୍ତୃତ ଆଲୋଚନା କରିଛନ୍ତି। ଅତି ଶୀଘ୍ର କାମ ଆରମ୍ଭ ହେବ ବୋଲି ବିଧାୟକ ପ୍ରକାଶ କରିଛନ୍ତି।

# ଚିତ୍ରଶିଳ୍ପୀ ରାଜବଲ୍ଲଭ ସାହୁଙ୍କ ପରଲୋକରେ ଶୋକ



**ଭୁବନେଶ୍ୱର :** ବର୍ଷୀୟାନ ଚିତ୍ରଶିଳ୍ପୀ ରାଜବଲ୍ଲଭ ସାହୁଙ୍କ ତାଙ୍କ ସୋର ସ୍ଥିତ ବାସଭବନରେ ହୃଦଘାତରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୦ ବର୍ଷ ବୟସ ହୋଇଥିଲା। ତାଙ୍କ ମୃତ୍ୟୁ ଖବର ପାଇ ବହୁ ଚିତ୍ରଶିଳ୍ପୀ, ସମାଜସେବୀ, ଛାତ୍ରଛାତ୍ରୀ, ପୁତ୍ର ଔରୋଷିଶ ସାହୁ, ଝିଅ ଡ. ସୁଚିସ୍ମିତା ସାହୁ, ଜ୍ୱାଇଁ ଲୋହିତ ମହାନ୍ତି, ଚିତ୍ରଶିଳ୍ପୀ ଦୀପକ ସାହୁ, ଚିତ୍ରଶିଳ୍ପୀ ପ୍ରିୟ ବଲ୍ଲଭ ସାହୁ ପ୍ରମୁଖ ଉପସ୍ଥିତ ହୋଇଥିଲେ। ଖଲିକୋଟ ସରକାରୀ ଚାରୁକଳା ମହାବିଦ୍ୟାଳୟରୁ କଳାରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇ ଭଦ୍ରକ ସ୍ଥିତ ଅଗରପଡ଼ା ବାଳିକା ବିଦ୍ୟାଳୟରେ କଳା ଶିକ୍ଷକ ଭାବେ କଳାରେ ଶିକ୍ଷାଦାନ ଆରମ୍ଭ କରିଥିଲେ। ପରେପରେ ବାଗୁଡ଼ି ସିଟି ସ୍କୁଲରେ ଦୀର୍ଘ ଦିନ ଶିକ୍ଷକତା କରିଥିଲେ। ଶିକ୍ଷକତା ସହିତ ସେ ଏକାଧାରରେ ଚିତ୍ରକଳା, ମୂର୍ତ୍ତି କଳା ଓ ସମାଜ ସେବାକୁ ନିଜ ଜୀବନର ବ୍ରତ ବୋଲି ମାନି କାମ କରୁଥିଲେ। ସେ ଅନେକ ଜାତୀୟ ଓ ରାଜ୍ୟ ପୁରସ୍କାର ପାଇ ଓଡ଼ିଶା ପାଇଁ ଗର୍ବ ସାଉଁଟିଛନ୍ତି। ତାଙ୍କ ବିୟୋଗରେ ଓଡ଼ିଶା ଜଣେ ଦରଦୀ ଶିଳ୍ପୀ, ମିଷ୍ଟଭାଷୀ ସମାଜ ସେବୀଙ୍କୁ ହରାଇ ଥିବା ଧଉଳି ଚାରୁକଳା ମହାବିଦ୍ୟାଳୟର ଅଧକ୍ଷ ଡ. ପଞ୍ଚାନନ ସାମଲ କହିବା ସହ ଶିଳ୍ପୀଙ୍କ ଅମର ଆତ୍ମାର ସଦ୍ଗତି ସହ ପରିବାର ବର୍ଗଙ୍କୁ ପ୍ରଭୁ ଜଗନ୍ନାଥ ଅସୀମ ଧୈର୍ଯ୍ୟ ପ୍ରଦାନ ପାଇଁ ପ୍ରାର୍ଥନା କରିଛନ୍ତି। ତାଙ୍କ ପାର୍ଥିବ ଶରୀରରେ ତାଙ୍କ ଗାଁ ଜଳେଶ୍ୱର, ବାଗୁଡ଼ି ସିଟି ସ୍କୁଲ, ବାଲେଶ୍ୱର ଓ ରେମୁଣାଠାରେ ବହୁଲୋକ ପୁଷ୍ପାଞ୍ଜଳି ପ୍ରଦାନ ପୂର୍ବକ ଗଭୀର ଶୋକ ବ୍ୟକ୍ତ କରିଥିଲେ। ବରିଷ୍ଠ ଶିଳ୍ପୀଙ୍କ ହଠାତ୍ ବିୟୋଗରେ ଭୁବନେଶ୍ୱରର ଶିଳ୍ପୀ ଜୟନ୍ତ କୁମାର ଦାସ, ଚନ୍ଦନ କୁମାର ସାମଲ, ରବୀନ୍ଦ୍ର କୁମାର ମହାରଣା, ଅବନ୍ତୀ ମହାରଣା, ଭୂପତି ପଣ୍ଡା ଏବଂ ଅନେକ ଶିଳ୍ପୀ ମ୍ରିୟମାଣ ହେବାସହ ଶୋକ ବ୍ୟକ୍ତ କରିଛନ୍ତି।



# ଆଦିବାସୀପଡାରୁ ସ୍ୱପ୍ନର ଉଡାଣ

**ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଉପଖଣ୍ଡର କଙ୍କଡାହାଡ ବ୍ଲକ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିଲେ ମଧ୍ୟ ସ୍ୱାଧୀନତା ପରବର୍ତ୍ତୀ ସମୟରେ ଏହି ବ୍ଲକର ବିରାଶାଳରେ ପ୍ରତିଷ୍ଠା ହୋଇଥିଲା ଏକ ବିମାନ ବନ୍ଦର । ଯାହାକି ଏବେ କଙ୍କଡାହାଡ ବ୍ଲକ୍‌କୁ ବିଶ୍ୱ ଦରବାରରେ ପରିଚୟ ଦେଇଛି । ୧୯୬୭-୬୮ ମସିହାରେ ସ୍ଥାପନ ହୋଇଥିବା ଏହି ବିମାନ ବନ୍ଦରକୁ ରାଜ୍ୟ ସରକାର ଆନ୍ତର୍ଜାତିକ ବିମାନ ପ୍ରଶିକ୍ଷଣ କେନ୍ଦ୍ରରେ ପରିଣତ କରିବା ପାଇଁ ପ୍ରୟାସ କରିଛନ୍ତି। ପୂର୍ବ ସରକାର ବିରାଶାଳ ଏୟାରଷ୍ଟ୍ରିପ୍‌କୁ ୨୦୨୩ ମସିହା ଫେବୃଆରୀ ୨୫ରେ ବିଜୁ ପଟ୍ଟନାୟକ ଏରୋସ୍ପେସ୍ ଏକାଡେମୀ ନାମରେ ନାମିତ କରିବା ସହ ବିଶ୍ୱସ୍ତରୀୟ ପାଇଲଟ ଟ୍ରେନିଂ ସେଣ୍ଟର ଭାବରେ ଗଢି ତୋଳିଥିଲେ।**



ପ୍ରେମାନନ୍ଦ ପାଣିଗ୍ରାହୀ

ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଉପଖଣ୍ଡର କଙ୍କଡାହାଡ ବ୍ଲକ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିଲେ ମଧ୍ୟ ସ୍ୱାଧୀନତା ପରବର୍ତ୍ତୀ ସମୟରେ ଏହି ବ୍ଲକର ବିରାଶାଳରେ ପ୍ରତିଷ୍ଠା ହୋଇଥିଲା ଏକ ବିମାନ ବନ୍ଦର । ଯାହାକି ଏବେ କଙ୍କଡାହାଡ ବ୍ଲକ୍‌କୁ ବିଶ୍ୱ ଦରବାରରେ ପରିଚୟ ଦେଇଛି । ୧୯୬୭-୬୮ ମସିହାରେ ସ୍ଥାପନ ହୋଇଥିବା ଏହି ବିମାନ ବନ୍ଦରକୁ ରାଜ୍ୟ ସରକାର ଆନ୍ତର୍ଜାତିକ ବିମାନ ପ୍ରଶିକ୍ଷଣ କେନ୍ଦ୍ରରେ ପରିଣତ କରିବା ପାଇଁ ପ୍ରୟାସ କରିଛନ୍ତି। ପୂର୍ବ ସରକାର ବିରାଶାଳ ଏୟାରଷ୍ଟ୍ରିପ୍‌କୁ ୨୦୨୩ ମସିହା ଫେବୃଆରୀ ୨୫ରେ ବିଜୁ ପଟ୍ଟନାୟକ ଏରୋସ୍ପେସ୍ ଏକାଡେମୀ ନାମରେ ନାମିତ କରିବା ସହ ବିଶ୍ୱସ୍ତରୀୟ ପାଇଲଟ ଟ୍ରେନିଂ ସେଣ୍ଟର ଭାବରେ ଗଢି ତୋଳିଥିଲେ। ଏହି ବିମାନ ବନ୍ଦର ନିର୍ମାଣର ପ୍ରଚ୍ଛଦ ପଟ୍ଟରେ ରହିଛନ୍ତି ବିରାଶାଳ ଗ୍ରାମର ପାଇଲଟ ରାଜ କିଶୋର ମିଶ୍ର। ବିରାଶାଳ ଗ୍ରାମର ଏକ ସମ୍ଭ୍ରାନ୍ତ ପରିବାରର ପିତା ଦାଶରଥି ମିଶ୍ର ଓ ମାତା ହରପ୍ରିୟା ମିଶ୍ରଙ୍କ ଦ୍ୱିତୀୟ ପୁତ୍ର ରାଜ କିଶୋର ୧୯୨୯ ମସିହା ଜୁନ ୨୯ ତାରିଖରେ ଜନ୍ମ ଗ୍ରହଣ କରିଥିଲେ। ଗ୍ରାମ ପ୍ରାଥମିକ ବିଦ୍ୟାଳୟରେ ପ୍ରାଥମିକ ଶିକ୍ଷା ସମାପ୍ତି ପରେ କିଛି ଦିନ ଢେଙ୍କାନାଳ ବ୍ରଜନାଥ ବଡଜେନା ଉଚ୍ଚ ବିଦ୍ୟାଳୟ ଓ ପରେ ଯାଜପୁରର ବିରଜା ହାଇସ୍କୁଲରେ ମାଟ୍ରିକ ପାଶ୍ କରିଥିଲେ। ଆକାଶରେ ଉଡିବାର ଇଚ୍ଛା ଥିବାରୁ ସେତେବେଳେ ଘରୁ ୩ ହଜାର ଟଙ୍କା ନେଇ ଭୁବନେଶ୍ୱର ଫ୍ଲାଇଂ କ୍ଲବ୍‌ରେ ନାମ ଲେଖାଇଥିଲେ। ପ୍ରଚଣ୍ଡ ଧୀ ଶକ୍ତି ଓ ଉପସ୍ଥିତ ବୁଦ୍ଧିସମ୍ପନ୍ନ ଏହି ଯୁବକ ପାଇଲଟ ଭଳି ବିପଦପୂର୍ଣ୍ଣ ଓ କଷ୍ଟସାଧ୍ୟ କାମରେ ଆଗ୍ରହ ଦେଖାଇଥିଲେ। ଗଛ, ପର୍ବତ, ବରଫ,ସମୁଦ୍ର ଓ ପ୍ରାନ୍ତର ଆଦି ଉପରେ ଉଡିବାକୁ ଇଚ୍ଛା ରଖିଥିଲେ। ସେଠାରେ ଏକ ବର୍ଷ ପଢିବା ପରେ ହରେକୃଷ୍ଣ ମହତାବଙ୍କ ସହାୟତାରେ ଚଣ୍ଡିଗଡସ୍ଥିତ ଫ୍ଲାଇଂ କ୍ଲବରେ ତାଲିମ ଗ୍ରହଣ କରିଥିଲେ। ତାଲିମ ସମାପ୍ତ ପରେ ରାଜକିଶୋର ବିଜୁ ପଟ୍ଟନାୟକଙ୍କ ଦୃଷ୍ଟିକୁ ଆସିଥିଲେ। ତାଙ୍କର ହୃଦବୋଧ ଓ ଆତ୍ମ ବିଶ୍ୱାସ ଥିଲା ଯେ ରାଜ କିଶୋର ଦିନେ ଭଲ ବୈମାନିକ ହୋଇପାରିବେ। ବିଜୁ ପଟ୍ଟନାୟକଙ୍କ କଳିଙ୍ଗ ଏୟାରଲାଇନ୍ସରେ ସେ ପାଇଲଟ ଭାବେ ଯୋଗ ଦେଇଥିଲେ । ସେତେବେଳେ କଳିଙ୍ଗ ଏୟାର ଲାଇନ୍ସରେ ଏକ ଡଜନ ଡାକୋଡା ବିମାନ ରହିଥିଲା। ୧୯୬୩ ମସିହା ବେଳକୁ ରାଜ କିଶୋର ବିଜୁ ପଟ୍ଟନାୟକଙ୍କ ସହକାରୀ ପାଇଲଟ ହୋଇ ପାରିଥିଲେ। କିଛିଦିନ ପରେ ବିଜୁ ବାବୁଙ୍କ ନିର୍ଦ୍ଦେଶରେ ରାଜ କିଶୋର ଇଣ୍ଡିଆନ ଏୟାରଲାଇନ୍ସର ପ୍ରଥମ ଓଡିଆ ପାଇଲଟ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିଲେ। କିଛି ବର୍ଷ ପୂର୍ବତନ ପ୍ରଧାମନ୍ତ୍ରୀ ରାଜୀବ ଗାନ୍ଧିଙ୍କ କୋ-ପାଇଲଟ ଥିଲେ। ୧୯୬୫ ରୁ ୧୯୬୮ ପର୍ଯ୍ୟନ୍ତ ଭୁବନେଶ୍ୱର ବିମାନ ବନ୍ଦରର ଅତିରିକ୍ତ ପରିଚାଳକ ଭାବେ କାର୍ଯ୍ୟ ତୁଲାଇଥିଲେ। ସେହି ସମୟରେ ଢେଙ୍କାନାଳ ଜିଲ୍ଲା ରେ ବେସାମରିକ ବିମାନ ଚଳାଚଳ ବିଭାଗ ପକ୍ଷରୁ ଏକ ଏୟାରଷ୍ଟ୍ରିପ ନିର୍ମାଣ ପାଇଁ ଯୋଜନା କରାଯାଉଥିଲା। ତେବେ ନିଜେ ପାଇଲଟ ହୋଇଥିବାରୁ କଙ୍କଡାହାଡ ପରି ଆଦିବାସୀବହୁଳ ଅଞ୍ଚଳରେ ଏହି ବିମାନ ବନ୍ଦର ସ୍ଥାପନ ପାଇଁ ବିଜୁବାବୁଙ୍କ ନିକଟରେ ପ୍ରସ୍ତାବ ରଖିଥିଲେ। ନିଜ ଜନ୍ମ ମାଟି ବିରାଶାଳରେ ଏହି ଏୟାରଷ୍ଟ୍ରିପ ନିର୍ମାଣ କରାଇବାରେ ସଫଳ ହୋଇଥିଲେ। ବିମାନ ବନ୍ଦର ନିର୍ମାଣ ମାଧ୍ୟମରେ ସେ ବିରାଶାଳ ମାଟିର ଅସ୍ମିତା ଓ ନିଜର ସ୍ୱାଭିମାନକୁ ପ୍ରତିପାଦିତ କରିଥିଲେ।

୫୬ ଏକର ପରିମିତ ଏହି ଏୟାରଷ୍ଟ୍ରିପ ଚାରି ପାଖରେ ଟ୍ରେଞ୍ଚ ଖୋଳା ଯାଇ ଥିବା ବେଳେ ରନେୱେ, ବିଶ୍ରାମ ଗୃହ,ଗେଟ ନିର୍ମାଣ କରାଯାଇଥିଲା। ସେତେବେଳେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏହି ବିମାନ ବନ୍ଦରରେ ଅବତରଣ କରି ଜିଲ୍ଲାର ଐତିହ୍ୟ ଓ ପରମ୍ପରାକୁ ଋଦ୍ଧିମନ୍ତ କରିଥିଲେ। ସେମାନଙ୍କ ମଧ୍ୟରୁ ୧୯୮୨ ରେ ରାଜୀବ ଗାନ୍ଧୀ ପ୍ରଥମ ଥର ପାଇଁ ବିରାଶାଳ ଏୟାରଷ୍ଟ୍ରିପ୍‌ରେ ଅବତରଣ କରି ଡଙ୍ଗାପାଳରେ ଥିବା ମକା ଫାର୍ମ ପରିଦର୍ଶନ କରିଥିଲେ। ୧୯୯୧ ମସିହାରେ ଦ୍ୱିତୀୟ ଥର ପାଇଁ ସେ ବିରାଶାଳ ଏୟାରଷ୍ଟ୍ରିପ୍ ରେ ଅବତରଣ କରି ଡଙ୍ଗାପାଳ ଗ୍ରାମରେ ଇନ୍ଦିରା ଆବାସ ଗୃହ ଉଦ୍‌ଘାଟନ କରିଥିଲେ। ୧୯୮୨ ମସିହାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ତୃତୀୟ ଥର ପାଇଁ ଏଠାରେ ଅବତରଣ କରି କଙ୍କଡାହାଡର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ୧୯୯୩ ମସିହା ନଭେମ୍ବର ୨୪ ତାରିଖରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଏଠାରେ ଅବତରଣ କରି ବିରାଶାଳ ମେଡିକାଲ ଓ ଆଞ୍ଚଳିକ ମହାବିଦ୍ୟାଳୟ ଉଦ୍‌ଘାଟନ କରିଥିଲେ। ପରବର୍ତ୍ତି ସମୟରେ ରକ୍ଷଣାବେକ୍ଷଣ ଅଭାବରୁ ଏହି ବିମାନ ବନ୍ଦର ଚାରଣ ଭୂମି ପାଲଟିଥିଲା।

ଅବ୍ୟବହୃତ ହୋଇ ପଡି ରହିଥିବା ବିରାଶାଳ ବିମାନ ବନ୍ଦରକୁ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ସବୁ ସ୍ତରରୁ ବହୁ ଦାବୀ ପରେ ୨୦୧୩ ମସିହାରେ ରାଜ୍ୟ ସରକାରଙ୍କ ସାଧରଣ ପ୍ରଶାସନ ବିଭାଗ ଏହାକୁ ନୂତନ ପାଇଲଟଙ୍କ ପ୍ରଶିକ୍ଷଣ ପାଇଁ ବ୍ୟବହାର କରିବାକୁ ନିଷ୍ପତ୍ତି ନେଇଥିଲେ। ୨୦୧୩ ମସିହା ମେ ୧୪ ତାରିଖ ସକାଳେ ବେସାମରିକ ବିମାନ ଚଳାଚଳ ବିଭାଗର ଅଧିକାରୀମାନେ ଏକ ସ୍ୱତନ୍ତ୍ର ଚାଟାର୍ଡ ବିମାନରେ ବିରାଶାଳରେ ଅବତରଣ କରି ଭିତ୍ତିଭୂମି ଓ ପୁନରୁଦ୍ଧାର କାର୍ଯ୍ୟ ଯାଞ୍ଚ କରିଥିଲେ । ପୁଣି ୧୬ ତାରିଖରେ ଏକ ଉଚ୍ଚ କ୍ଷମତା ସମ୍ପନ୍ନ ଦଳ ବିରାଶାଳ ଏୟାରଷ୍ଟ୍ରିପ ପରିଦର୍ଶନ କରି ଚୂଡାନ୍ତ ରିପୋର୍ଟ ପ୍ରସ୍ତୁତ କରି ସରକାରଙ୍କୁ ହସ୍ତାନ୍ତର କରିଥିଲେ। ସେହି ଅନୁସାରେ ପୂର୍ତ୍ତ ବିଭାଗ ଜରିଆରେ ବିରାଶାଳ ଏୟାରଷ୍ଟ୍ରିପର ପୁନରୁଦ୍ଧାର ଓ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଥିଲା। ୯ କୋଟି ୧୮ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ବିଶ୍ରାମ ଗୃହ, ସିଗନାଲ, ଡ୍ରେନ, ପାଚେରୀ ଆଦି ନବୀକରଣ କରାଯାଇଥିଲା। ୪ହଜାର ଫୁଟ ଦୀର୍ଘ ଓ ୮୦ଫୁଟ ପ୍ରସ୍ତ ବିଶିଷ୍ଟ ରନୱେ ନିର୍ମାଣ କରାଯାଇଥିଲା। ୨୦୧୯ ମସିହା ନଭେମ୍ବର ୨୭ ତାରିଖରେ ଏହି ଏୟାରଷ୍ଟ୍ରିପରୁ ପରୀକ୍ଷାମୂଳକ ତାଲିମ ଆରମ୍ଭ ହୋଇଥିଲା। ଏକ ବେସରକାରୀ ବିମାନ ପରିଚାଳନା ପ୍ରତିଷ୍ଠାନ ଗଭର୍ଣ୍ଣମେଣ୍ଟ ଆଭିଏସନ୍ ଟ୍ରେନିଂ ଇନଷ୍ଟିଚ୍ୟୁଟ (ଜି.ଏ.ଆଇ.ଟି) ଭୁବନେଶ୍ୱର ପକ୍ଷରୁ ପାଇଲଟ ପ୍ରଶିକ୍ଷଣ ଆରମ୍ଭ ହୋଇଥିଲା। ପ୍ରଥମେ ଦୁଇ ସିଟ୍ ବିଶିଷ୍ଟ ଗୋଟିଏ ଓ ଚାରି ସିଟ୍ ବିଶିଷ୍ଟ ଦୁଇଟି ବିମାନ ସେସ୍ନା -୧୧୨,୧୭୨ ଆର୍,ସେସନା ୧୫୨ ଭି.ଟି-ଇଏନ୍.ଏଫ ବିମାନରେ ୧୫ ଜଣ ଛାତ୍ରଛାତ୍ରୀଙ୍କୁ ତାଲିମ ଆରମ୍ଭ ହୋଇଥିଲା। ଭୁବନେଶ୍ୱର ଟ୍ରାଫିକ କଣ୍ଟ୍ରୋଲରୁ ନିୟନ୍ତ୍ରଣ କରାଯାଇ ୧ କି.ମି ପରିସୀମା ମଧ୍ୟରେ ବିମାନ ଉଡାଣ କରାଯାଉଥିଲା। ଆକାଶରେ ଏକକାଳୀନ ତିନୋଟି ବିମାନ ଉଡାଣକୁ ଦେଖି ସେତେବେଳେ କାମାକ୍ଷାନଗର ଉପଖଣ୍ଡବାସୀଙ୍କ ମଧ୍ୟରେ ଖୁସୀର ଲହରୀ ଖେଳି ଯାଇଥିଲା। ତେବେ ୨୦୦୦ମସିହା ଜୁନ୍ ୮ତାରିଖ ସକାଳେ ସେସନା ୧୫୨ ଭି.ଟି-ଇଏନ.ଏଫ୍ ବିମାନଟି ଅବତରଣ ବେଳେ ନିୟନ୍ତ୍ରଣ ହରାଇବାରୁ ୧୦୦ ଫୁଟ ଉପରୁ ରନ ୱେ ଉପରେ ଖସି ପଡିଥିଲା। ବିମାନରେ ଥିବା ମହିଳା ଟ୍ରେନି ପାଇଲଟ ତାମିଲନାଡୁର ଅନିଶା ଫାତିମା ଏବଂ ପ୍ରଶିକ୍ଷଣ କେନ୍ଦ୍ରର ମୁଖ୍ୟ ପ୍ରଶିକ୍ଷକ ଝାଡଖଣ୍ଡର କ୍ୟାପଟେନ ସଞ୍ଜିବ କୁମାର ଝାଙ୍କର ଶୋଚନୀୟ ମୃତ୍ୟୁ ହୋଇଥିଲା।

ବିରାଶାଳ ଏୟାରଷ୍ଟ୍ରିପରେ ବର୍ତ୍ତମାନ ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ବିହାର, ରାଜସ୍ଥାନ, ପଞ୍ଜାବ, ଉତ୍ତରପ୍ରଦେଶ, କର୍ଣ୍ଣାଟକ ଓ ଓଡିଶାର ଛାତ୍ରଛାତ୍ରୀ ବିମାନ ଚାଳନା ତାଲିମ ନେଉଛନ୍ତି। ବିମାନ ଚାଳନା ପାଇଁ ନାମ ଲେଖାଇବାକୁ ଆଶାୟୀ ଛାତ୍ରଛାତ୍ରୀ ଅନ୍ୟୁନ ଯୁକ୍ତ ୨ ବିଜ୍ଞାନରେ ପଦାର୍ଥ ବିଜ୍ଞାନ ଓ ଗଣିତ ବିଷୟ ଥାଇ ୬୦ ଶତକଡା ନମ୍ବର ରଖିବାକୁ ପଡିଥାଏ। ଛାତ୍ରଛାତ୍ରୀଙ୍କ ମାନସିକ ସ୍ଥିତି ପରୀକ୍ଷା, କାଉନସେଲିଂ ଓ ଡାକ୍ତରୀ ପରୀକ୍ଷା ମାଧ୍ୟମରେ କରାଯାଇଥାଏ । ଛାତ୍ରଛାତ୍ରୀମାନେ ୧୮ ମାସ ତାଲିମ ନେବା ପରେ ପାଇଲଟ ଲାଇସେନ୍ସ ପ୍ରାପ୍ତି ହୋଇଥାନ୍ତି । ବର୍ତ୍ତମାନ ବର୍ଷକୁ ଏଠାରୁ ଦଶ ଜଣ ବିମାନ ଚାଳକ ତାଲିମ ପାଇ ଜାତୀୟ ଓ ଆର୍ନ୍ତଜାତୀକ ସ୍ତରରେ ବିମାନ ଚାଳନା କରି ପାରୁଛନ୍ତି।

ଆଞ୍ଚଳିକ ସ୍ତରରେ ଆକାଶ ମାର୍ଗରେ ଗମନାଗମନକୁ ସୁଗମ କରିବା ପାଇଁ ଭାରତ ସରକାର ରିଜିଓନାଲ କନେକ୍ଟିଭିଟି ସ୍କିମ୍ (ଆର.ସି.ଏସ୍) ଉଡେ ଦେଶକା ଆମ ନାଗରିକ (ଉଡାନ୍) ଯୋଜନା ୨୦୧୬ ମସିହା ଅକ୍ଟୋବର ୨୧ ତାରିଖରୁ ଆରମ୍ଭ କରିଛନ୍ତି । ଏହି ଯୋଜନାରେ ରାଜ୍ୟର ପୁରୁଣା ୧୯ଟି ଏୟାରଷ୍ଟ୍ରିପକୁ ବିମାନ ବନ୍ଦରରେ ପରିଣତ କରିବା ଓ ଏହାର ଭିତ୍ତିଭୂମି ସଜାଡିବାକୁ ରାଜ୍ୟ ସରକାର କେନ୍ଦ୍ର ପାଖରେ ପ୍ରସ୍ତାବ ଦେଇଥିଲେ। ୨୦୨୩-୨୪ ବଜେଟରେ ଦେଶର ୧୦୦ଟି ବିମାନ ବନ୍ଦରକୁ ବିକାଶ କରିବା ଏବଂ ୧୦୦୦ ଟି ବିମାନ ବନ୍ଦରକୁ କାର୍ଯ୍ୟକ୍ଷମ କରିବା ପାଇଁ ବଜେଟରେ ବ୍ୟବସ୍ଥା କରିଥିଲେ। ଏଥିରେ ଢେଙ୍କାନାଳର ବିରାଶାଳ ଏୟାରଷ୍ଟ୍ରିପ୍ ଉଡାନ ଯୋଜନାରେ ସାମିଲ ହୋଇଛି। ଉଡାନ ଯୋଜନାରେ କେନ୍ଦ୍ର ସରକାରଙ୍କ ପ୍ରସ୍ତାବ କ୍ରମେ ରାଜ୍ୟ ସରକାର ଜମି ଅଧିଗ୍ରହଣ କରି ମାଗଣାରେ ଏ.ଆଇ.ଇକୁ ଦେଇଥାନ୍ତି । କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ କ୍ରମେ ପୂର୍ତ୍ତ ବିଭାଗ ବିମାନ ବନ୍ଦର ଚତୁଃପାର୍ଶ୍ୱରେ ଆନୁସଙ୍ଗିକ ଭିତ୍ତିଭୂମି, ଉନ୍ନୟନ,ଜଳ ଓ ବିଦ୍ୟୁତ ଯୋଗାଣ, ସୁରକ୍ଷା ବ୍ୟବସ୍ଥା,ଅଗ୍ନି ନିର୍ବାପନ ବ୍ୟବସ୍ଥା ଆଦି କରିଥାନ୍ତି । ରାଜ୍ୟରେ ବିମାନ ଯୋଗାଯୋଗ ବ୍ୟବସ୍ଥା ଯେପରି ସବୁ କୋଣରେ ଉପଲବ୍ଧ ହୋଇପାରିବ ସେନେଇ ରାଜ୍ୟ ସରକାର ନିଜର ଉଦ୍ୟମ ଜାରି ରଖିଛନ୍ତି । ବିରାଶାଳ ଏୟାରଷ୍ଟ୍ରିପକୁ ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଜଣେ ଦକ୍ଷ ବୈମାନିକ ବିଜୁ ପଟ୍ଟନାୟକଙ୍କ ନାମରେ ନାମିତ କରି ଏହାର ନାମ ବିଜୁ ପଟ୍ଟନାୟକ ଏରୋସ୍ପେଶ୍ ଏକାଡେମୀ ଭାବରେ ନାମକରଣ କରିଛନ୍ତି। ଯଦ୍ୱାରା ଓଡିଶାର ବେସାମରିକ ବିମାନ ଚଳାଚଳ ଇତିହାସରେ ଏକ ନୂଆ ଫର୍ଦ୍ଦ ଯୋଡି ହୋଇଛି। ଏହାକୁ ଏକ ଆର୍ନ୍ତଜାତୀୟ ବିମାନ ଉଡାଣ ପ୍ରଶିକ୍ଷଣ କେନ୍ଦ୍ର ଭାବରେ ପ୍ରସ୍ତୁତ କରିବା ପାଇଁ ରାଜ୍ୟ ସରକାର ଭିତ୍ତିଭୂମି ପ୍ରସ୍ତୁତ କରିଛନ୍ତି। ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ ୨ ତାରିଖରେ ବିମାନ ଚଳାଚଳ ଓ ନେଟଓାର୍କ ନିର୍ମାଣ ପରିଚାଳନା ସମ୍ବନ୍ଧରେ ଆଲୋଚନା କରି ଏହି ବିମାନ ବନ୍ଦର ବିକାଶ ନେଇ ଆଲୋଚନା କରିବା ସହ ପୂର୍ତ୍ତ ବିଭାଗକୁ ନୋଡାଲ ଏଜେନ୍ସି ଭାବେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଠାରେ ୪ହଜାର ଫୁଟ୍ ଲମ୍ବା ରନ୍ ୱେ ଥିବାବେଳେ ୧୦ଟି ପ୍ରଶିକ୍ଷଣ ବିମାନ ରହିବାକୁ ହ୍ୟାଙ୍ଗର ନିର୍ମାଣ ହୋଇଛି। ୨୦୨୩-୨୪ ଆର୍ଥିକ ବଜେଟରେ ପ୍ରଥମ ପର୍ଯ୍ୟାୟରେ ଏଥିପାଇଁ ୨୭୫ କୋଟି ଟଙ୍କା ଆର୍ଥିକ ଅନୁଦାନ ବ୍ୟବସ୍ଥା ହୋଇଥିଲା। ବିମାନ ବନ୍ଦରର ପରିସୀମା ବଢାଇବା ପାଇଁ ପ୍ରାୟ ୨୫୦ ଏକର ଜମି ଆବଶ୍ୟକ ରହିଛି। ଯେଉଁଥିରେ ୧୯୯ ଏକର ଜଙ୍ଗଲ ଜମି,୨.୨୦ ଏକର ଅଣଜଙ୍ଗଲ ଜମି ଓ ୨୮ ଏକର ବ୍ୟକ୍ତିଗତ ଜମି ରହିଛି । ଜମି ଅଧିଗ୍ରହଣ ପରେ ଏଠାରେ ଏକାଡେମିକ ବ୍ଲକ୍,ପ୍ରଶାସନିକ କୋଠା,ଶ୍ରେଣୀ ଗୃହ,ହଷ୍ଟେଲ,ରନେୱ୍ୟ ଆଦି ନିର୍ମାଣ କରାଯିବ। ଏହି ବିମାନ ଷ୍ଟ୍ରିପ୍ କାର୍ଯ୍ୟକ୍ଷମ ହେଲେ ବର୍ଷକୁ ପାଞ୍ଚ ଶହ ଦକ୍ଷ ପାଇଲଟ ସୃଷ୍ଟି ହେବେ। ବିମାନ ଚାଳନା ଠାରୁ ଆରମ୍ଭ କରି ଏରୋନେଟିକାଲ ଇଞ୍ଜିନିୟରିଂ, ଏୟାରହୋଷ୍ଟେସ, ଏରୋସାଟେଲାଇଟ ଆଦି ପାଠ୍ୟକ୍ରମ ଏଠାରେ ଆରମ୍ଭ କରାଯିବ। ଏଠାରୁ ଶିକ୍ଷାଗ୍ରହଣ ପରେ ଛାତ୍ରଛାତ୍ରୀମାନେ ଓଡିଶା ସମେତ ଦେଶବିଦେଶରେ ବିମାନ ଚଳାଚଳ କ୍ଷେତ୍ରରେ କର୍ମନିଯୁକ୍ତି ପାଇବେ। ବିମାନ ସେବା ପରିଚାଳନା ଠାରୁ ଆରମ୍ଭ କରି ବୈଷୟିକ ମାନବସମ୍ବଳର ଆବଶ୍ୟକତା ପୂରଣ ପାଇଁ ଏହି ଏକାଡେମୀ ବେଶ୍ ସହାୟକ ହେବ। ସରକାରୀ ବିମାନ ଉଡାଣ ପ୍ରଶିକ୍ଷଣ କେନ୍ଦ୍ର (ଗତି) ଦ୍ୱାରା ପରିଚାଳିତ ଉକ୍ତ ପ୍ରଶିକ୍ଷଣ କେନ୍ଦ୍ରରେ ବର୍ତ୍ତମାନ ୪ଟି ଏୟାରକ୍ରାଫ୍ଟ ରହିଛି। ସେଥିମଧ୍ୟରୁ ସ୍ଲୋଭେନିଆରୁ ଏକ ଅତ୍ୟାଧୁନିକ ପିପିଷ୍ଟ୍ରିଲ ଭାଇରସ୍ ବିମାନ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଦୁଇ ସିଟ୍ ବିଶିଷ୍ଟ ଏହି ଏୟାରକ୍ରାଫ୍ଟରେ ପ୍ରଶିକ୍ଷାର୍ଥୀମାନେ ଅଭିଜ୍ଞ ପ୍ରଶିକ୍ଷାର୍ଥୀଙ୍କ ଦ୍ୱାରା ବିମାନ ଚାଳନା ପ୍ରଶିକ୍ଷଣ ନେଉଛନ୍ତି । ଆକାଶ ମାର୍ଗରେ ତାଲିମ ସମୟରେ ବିମାନରେ କିଛି ଯାନ୍ତ୍ରିକ ତୃଟି ଦେଖାଦେଲେ ପ୍ରଶିକ୍ଷକ ଓ ପ୍ରଶିକ୍ଷାର୍ଥୀ ଆକାଶ ଛତା ସାହାଯ୍ୟରେ ନିରାପଦରେ ଅବତରଣ କରି ପାରିବେ। ଏହିଏରୋସ୍ପେସ୍ କାର୍ଯ୍ୟ ସରିଲେ ୧୨ ଆସନ ବିଶିଷ୍ଟ ବିମାନ ଏଠାରେ ଅବତରଣ କରି ପାରିବ। ଦେଶବିଦେଶର ଛାତ୍ରଛାତ୍ରୀ ଏଠାରେ ବିମାନ ଚାଳନା ତାଲିମ ନେଇ ଆତ୍ମନିର୍ଭରଶୀଳ ହୋପାରିବେ।

*ଭୁବନ, ଢେଙ୍କାନାଳ*
*ଦୂରଭାଷ : ୯୪୩୭୭୨୯୩୮୪*














## ଅନାବାଦୀରେ ଆଲିସାନ ଅଟ୍ଟାଳିକା

# ମାଡ଼ି ବସିଛନ୍ତି ମାଷ୍ଟର, ଡାକ୍ତର, ମାଇନିଂ ଅଫିସର

**କାକଟପୁର :** ଦିନକୁ ଦିନ କାକଟପୁର ତହସିଲ ବିରୁଦ୍ଧରେ ସଙ୍ଗୀନ ସାଂଘାତିକ ଅଭିଯୋଗ ସାମ୍ନାକୁ ଆସୁଛି। କଥାରେ ଅଛି 'ମୁଁ ଗୁହାରି କରିବି ଯାହାକୁ ସିଏ ଗଡଫାଦର କରିଛି ତାହାକୁ' ନେଇ ଏବେ କାକଟପୁରରେ ଚର୍ଚ୍ଚା ଜୋର୍ ଧରିଛି। ଦୀର୍ଘ ଦିନ ହେବ ଜମି ମାଫିଆଙ୍କ କବଜାରେ କାକଟପୁର ତହସିଲ ଅଫିସ ଥିବା ବେଳେ ମଧ୍ୟସ୍ଥତା କରୁଛନ୍ତି ସବରେଜିଷ୍ଟାରଙ୍କ ଅଫିସରେ କାର୍ଯ୍ୟରତ ମୋହରିର, ତହସିଲ ଅଫିସର କାର୍ଯ୍ୟରତ କିଛି କର୍ମଚାରୀ, କିଛି ରାଜନୈତିକ ବ୍ୟକ୍ତିବିଶେଷ ମାନେ ରାଧେ ରାଧେ ତମର ଅଧା ମୋର ଅଧା ନ୍ୟାୟରେ ଦାଖଲ ଖାରଜ ମୋକଦ୍ଦମାକୁ ପ୍ରଥମେ ଖାରଜ କରାଯାଇ ପରବର୍ତ୍ତୀ ମୁହୂର୍ତ୍ତରେ ଡିଲ ହୋଇ ରେକର୍ଡ କରାଯାଉଛି। କାକଟପୁର ତହସିଲ ଅଫିସରେ କାର୍ଯ୍ୟରତ ହଟ କିଶୋର ବାରିକ ଗତ କିଛି ବର୍ଷ ତଳେ ମଧ୍ୟସ୍ଥତାକୁ ପ୍ରମାଣ କରି ତହସିଲ ଅଫିସରେ କାର୍ଯ୍ୟରତ ଅଫିସର ଦ୍ୱାରିକାନାଥ ଦାସ ଭିଜିଲାନ୍ସ ଦ୍ୱାରା ଗିରଫ ହେବା ଘଟଣା ସେତେବେଳେ ଚର୍ଚ୍ଚା ଜୋର ଧରିଥିଲା। ପୁର୍ନବାର ଉକ୍ତ କର୍ମଚାରୀଙ୍କୁ କେଉଁ ନିୟମ ଆଧାରରେ କିଏ ସେ ଗଡଫାଦର କାହା ନିର୍ଦ୍ଦେଶରେ କାହା ସ୍ୱାର୍ଥରେ ନିଯୁକ୍ତି ହେଲେ ଚିନ୍ତା ପ୍ରକଟ କଲେଣି ପ୍ରଜା। ପୁରୀ ଜିଲ୍ଲା ଅଫିସରେ କାର୍ଯ୍ୟରତ କାକଟପୁର ଅଞ୍ଚଳର ବରିଷ୍ଠ ପ୍ରଶାସନିକ ଅଧିକାରୀ ନିଜ ନାମ ଗୋପନ ରଖି କହିଥିଲେ ଏଠି ମାଟି, ବାଲି, କାଠ ଚୋରାଚାଲାଣ, ମାଳ ମାଳ ଇଟାଭାଟି, ଚକ ସମ୍ପତ୍ତି ରେକର୍ଡ ହେବା, ପାର୍ଟ ପ୍ଲଟ ଘରବାରି ହେବା, ବିନା ଅନୁମତିରେ ବହୁତଳ ପ୍ରାସାଦ ଆଦି ଘଟଣାଠୁ ବଳିଗଲାଣି ଅନାବାଦୀରେ ଆଲିସାନ ଅଟ୍ଟାଳିକା। ତଦନ୍ତରେ ବାଧା ସୃଷ୍ଟି ହେବା ଆଶଙ୍କାକୁ ଦୃଷ୍ଟିରେ ରଖି ଖାତା ପ୍ଲଟ ପ୍ରକାଶ ନକରି କହିଥିଲେ ସମସ୍ତ ରାଜସ୍ୱ ନିରୀକ୍ଷକ ଭଲସେ ଜାଣିଛନ୍ତି କେଉଁ ପ୍ଲଟ ସଂରକ୍ଷିତ, ରକ୍ଷିତ ଆଦି କିସମ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥଲେ। ଆହୁରି ମଧ୍ୟ କହିଥିଲେ ଆମ ତହସିଲରେ ଅଧିକାରୀ ବଦଳିଲେ ରେକର୍ଡ, ଚିଠି ମିଳିନଥାଏ ବୋଲି ପ୍ରମାଣ ଦେଇଥିଲେ ଯେ ମିସ୍ ଦାଖଲ ଖାରଜ ମକଦ୍ଦମା ନମ୍ବର ୧୫/୦୭ର ରେକର୍ଡ ତହସିଲ ଅଫିସରେ ମିଳୁନଥିବା ବେଳେ ତହସିଲ ଅଫିସର କାର୍ଯ୍ୟରତ ଅଫିସରମାନେ ପାଳି କରି ଏସି କାରରେ ଭଡ଼ା କରି ଉପସ୍ଥିତ ଅଧିକାରୀ କୋର୍ଟରେ ହାଜର ହୋଇ ଦିନ ପରେ ଦିନ ଗଡ଼େଇ ଚାଲିବା କେତେ ଦୂର ଆଇନ ସମ୍ମତ ତାହା ତଦନ୍ତର ଆବଶ୍ୟକତା ରହିଛି। ପୂର୍ବତନ ତହସିଲଦାର ବିରଞ୍ଚି ନାରାୟଣ ବେହେରା କାକଟପୁର ବସଷ୍ଟାଣ୍ଡକୁ ଅନୁମତି ଦେବା, ବେଆଇନ ଭାବେ ସରକାରୀ ସମ୍ପତ୍ତି ରେ ଗଛ କଟାକୁ ସମୟ ନଦେଇ ଫାଇନ କରିବା ଘଟଣାଠୁ ବଳିଗଲା ତହସିଲଦାର ଅଙ୍କିତା ଅନନ୍ଦିତା ଟ୍ରେନିଂରେ ଥିବା ବେଳେ ଯୁବ ନୂତନ ଭାବେ ଅତିରିକ୍ତ ତହସିଲଦାର ହେମାଙ୍ଗିନୀ ମାଝି ଚାର୍ଜରେ ରହିଥିବା ସମୟରେ ଏଭଳି ସଙ୍ଗୀନ ସାଂଘାତିକ ଅଭିଯୋଗ ଆସିବା ନିର୍ଦ୍ଦିଷ୍ଟ କର୍ମଚାରୀଙ୍କ ମଧ୍ୟସ୍ଥତାକୁ ନେଇ ନାମ ଉଠିବାକୁ ନେଇ ଟୁପୁରୁ ଟାଠୁରୁ ହେଲେଣି କାକଟପୁରବାସୀ ସୋମନାଥପୁର ପରି କେବେ କ୍ଲିନ୍ ହେବ କାକଟପୁର ତହସିଲ।



## ଓଏଏସ ସ୍ତରରେ ବଡଧରଣର ଅଦଳବଦଳ

# ଅନୁଜ ଦାସପଟ୍ଟନାୟକ ହେଲେ ସୂଚନା ଓ ଲୋକସମ୍ପର୍କ ନିର୍ଦ୍ଦେଶକ


**ଭୁବନେଶ୍ୱର :** ରାଜ୍ୟ ସରକାର ବରିଷ୍ଠ ଓଏଏସ୍ ଅଫିସରସ୍ତରରେ ବଡ଼ଧରଣର ଅଦଳବଦଳ କରିଛନ୍ତି। ସୂଚନା ଓ ଲୋକସମ୍ପର୍କ ନିର୍ଦ୍ଦେଶକ ଦେବପ୍ରସାଦ ଦାଶଙ୍କୁ ହଟାଇ ବରିଷ୍ଠ ଓଏଏସ୍ ଅନୁଜ କୁମାର ଦାସପଟ୍ଟନାୟକଙ୍କୁ ଅବସ୍ଥାପିତ କରାଯାଇଛି। ଶ୍ରୀ ଦାଶଙ୍କୁ ଗତ ଏପ୍ରିଲ ୨୨ତାରିଖରେ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଥିଲା। ମାତ୍ର ମାସେ ନପୁରୁଣୁ ସରକାର ତାଙ୍କୁ ହଟାଇ ଜଣେ ପୂର୍ଣ୍ଣକାଳୀନ ନିର୍ଦ୍ଦେଶକଙ୍କୁ ନିଯୁକ୍ତି ଦେଇଛନ୍ତି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ପିଏମ୍ ପୋଷଣ (ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମ)ର ରାଜ୍ୟ ନୋଡାଲ ଅଫିସର ଭାବେ କାର୍ଯ୍ୟରତ ଓଏଏସ୍ ଅନୁଜ କୁମାର ଦାସଙ୍କୁ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ସେହିପରି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସ୍ୱତନ୍ତ୍ର ସଚିବ ଓଏଏସ୍ ସୁରେନ୍ଦ୍ର କୁମାର ପଣ୍ଡାଙ୍କୁ ପିଏମ ପୋଷଣ କାର୍ଯ୍ୟକ୍ରମର ରାଜ୍ୟ ନୋଡାଲ ଅଫିସର ଭାବେ ବଦଳି ହୋଇଛି। ଓୟୁଏଟିର ପୂର୍ବତନ ରେଜିଷ୍ଟ୍ରାର ବରିଷ୍ଠ ଓଏଏସ୍ ଲୋପାମୁଦ୍ରା ମହାନ୍ତିଙ୍କୁ ସ୍କୁଲ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ, ଖଲ୍ଲିକୋଟ ମହାବିଦ୍ୟାଳୟର ପୂର୍ବତନ ରେଜିଷ୍ଟ୍ରାର ଶାନ୍ତିସୁଧା ପାତ୍ରଙ୍କୁ ଉଚ୍ଚଶିକ୍ଷା ବିଭାଗର ଯୁଗ୍ମ ସଚିବ, ମାନେଶ୍ୱରର ପୂର୍ବତନ ତହସିଲଦାର ଜ୍ୟୋତ୍ସ୍ନାରାଣୀ ସାହୁଙ୍କୁ ସୁନ୍ଦରଗଡ଼ ଡିୟୁଡିଏ ପ୍ରକଳ୍ପ ନିର୍ଦ୍ଦେଶକ, ବୀରମହାରାଜପୁର ଉପଜିଲ୍ଲାପାଳ ଲଲାଟେନ୍ଦୁ ସିଙ୍କୁ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ସ୍ୱତନ୍ତ୍ର ଭୂଅଧିଗ୍ରହଣ ଅଧିକାରୀ ଏବଂ ସୁବର୍ଣ୍ଣପୁର ଅତିରିକ୍ତ ଉପଜିଲ୍ଲାପାଳ ସୁରେନ୍ଦ୍ର ମେହେରଙ୍କୁ ବୀରମହାରାଜପୁର ଉପଜିଲ୍ଲାପାଳ ଭାବେ ବଦଳି ହୋଇଛି। କଟକସ୍ଥିତ ବୋର୍ଡ ଅଫ ରେଭେନ୍ୟୁର ଉପସଚିବ ଏଲିଜା ମିଶ୍ରଙ୍କୁ କଟକ ଶିଶୁଭବନର ପ୍ରଶାସନିକ ଅଧିକାରୀ ଭାବେ ଅବସ୍ଥାପିତ କରାଯାଇଛି। ଟାଙ୍ଗୀର ପୂର୍ବତନ ତହସିଲଦାର ଓଏଏସ୍ ମିତାଲି ପାତ୍ରଙ୍କୁ ବାରିପଦା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପ୍ରଶାସନିକ ଅଫିସର ଭାବେ ଅବସ୍ଥାପିତ କରାଯାଇଛି। ସେହିପରି ଗୁଣୁପୁର ଆଇଟିଡିଏ ପ୍ରକଳ୍ପ ଅଧିକାରୀ ଓଏଏସ୍ ଅଜୟ କୁମାର ପ୍ରଧାନଙ୍କ ବଦଳି ବାତିଲ କରି ତାଙ୍କୁ ସେଠାରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଅନ୍ୟଏକ ନିର୍ଦ୍ଦେଶକ୍ରମେ ବୌଦ୍ଧ ବିଡିଓ ଓଏଏସ୍ ଯୁଧିଷ୍ଠିର ମେହେରଙ୍କୁ ସରାଙ୍ଗସ୍ଥିତ ଇନ୍ଦିରାଗାନ୍ଧି ବୈଷୟିକ ପ୍ରତିଷ୍ଠାନର ରେଜିଷ୍ଟ୍ରାର ଭାବେ ବଦଳି ହୋଇଛି। ଓଡ଼ିଶା ରିଏଲଇଷ୍ଟେଟ୍ ନିୟନ୍ତ୍ରକ ପ୍ରାଧିକରଣ(ରେରା)ର ସଚିବ ତଥା ବରିଷ୍ଠ ଓଏଏସ୍ ଶ୍ରାବଣୀ ପଟ୍ଟନାୟକଙ୍କୁ ରାଜ୍ୟ ଏମଏସଏମଇ ବିଭାଗର ଅତିରିକ୍ତ ସଚିବ ଏବଂ ସେଠାରେ ଥିବା ବରିଷ୍ଠ ଓଏଏସ୍ ମାନସୀ ମାନ୍ଧତାଙ୍କୁ ରେରା ସଚିବ ଭାବେ ବଦଳି କରାଯାଇଛି। ସୂଚନାଯୋଗ୍ୟ, ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଥିବା ଦେବପ୍ରସାଦ ଦାଶ ଏବେ ରାଜ୍ୟ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ସଚିବ ଅଛନ୍ତି। ତାଙ୍କୁ ମାତ୍ର ଏକମାସ ମଧ୍ୟରେ ନିର୍ଦ୍ଦେଶକ ପଦରୁ ସରକାର କାହିଁକି ହଟାଇଦେଲେ ତାକୁ ନେଇ ପାୱାର କରିଡରରେ ନାନାଦି ଚର୍ଚ୍ଚା ଚାଲିଛି।

## ଶ୍ରୀକ୍ଷେତ୍ରରେ ମଠ ମନ୍ଦିରର ହେବ ପୁନଃର୍ବାସ

# ପୁଣି ତିଆରି କରିବେ ମୋହନ ସରକାର

**ପୁରୀ:** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବେଳେ ଭଙ୍ଗା ଯାଇଥିବା ମଠ ମନ୍ଦିର ଗୁଡ଼ିକୁ ପୁନଃର୍ବାସ କରିବେ ମୋହନ ସରକାର। ମୋଟ ୧୯ଟି ମଠକୁ ପୁନଃର୍ବାସ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଗୋଟିଏ ଜାଗାରେ ମଠ ଗୁଡ଼ିକର ବିଜେସ୍ଥଳୀ ସ୍ଥାପିତ କରାଯିବ। ଏଥିପାଇଁ ପୁରୀର ଲୋକନାଥ ରୋଡ ସ୍ଥିତ ଗଦାଧର ହାଇସ୍କୁଲ ନିକଟବର୍ତ୍ତୀ ଏକ ସ୍ଥାନ ଚିହ୍ନଟ ହୋଇଛି। ଗୋଟିଏ ଜାଗାରେ ମଠ ଗୁଡ଼ିକର ବିଜେସ୍ଥଳୀ ରହିଲେ ଭକ୍ତମାନଙ୍କୁ ଦର୍ଶନ ଏବଂ ସେବା ପୂଜା ପାଇଁ ସୁବିଧା ହେବ। ଏହାକୁ ନେଇ ଦେବୋତ୍ତର କମିସନଙ୍କ ସହ ଦୁଇ ଥର ବୈଠକ ମଧ୍ୟ ହୋଇଥିବା କହିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଗତ ୨୦୨୪ରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପିତ ହୋଇଥିଲା। ଏହି ପ୍ରକଳ୍ପ ପାଇଁ ଶ୍ରୀମନ୍ଦିର ଆଖପାଖରେ ଥିବା ଅନେକ ମଠମନ୍ଦିରକୁ ଭାଙ୍ଗି ଦେଇଥିଲେ ତତ୍କାଳୀନ ସରକାର। ସମୁଦାୟ ୧୫.୬୪ ଏକର ଜମିରେ ଏହି ପ୍ରକଳ୍ପ ନିର୍ମାଣ ହୋଇଛି। ୮୦୦ କୋଟି ଟଙ୍କା ବ୍ୟୟରେ ଏହି ପ୍ରକଳ୍ପ ଲୋକାର୍ପିତ ହୋଇଥିଲା। କିନ୍ତୁ ଏଥିପାଇଁ ଅନେକ ପୁରାତନ ମଠ ଓ ମନ୍ଦିର ଗୁଡ଼ିକୁ ମାଟିରେ ମିଶାଇ ଦିଆଯାଇଥିଲା। ଏହା ଭିତରେ ଥିଲା ପୁରାତନ ଏମାର ମଠ, ମଙ୍ଗୁ ମଠ, ବଡ଼ଛତା ମଠ, ସାନଛତା ମଠ, ଉତ୍ତରପାର୍ଶ୍ୱ ମଠ, ରାଧାବଲ୍ଲଭ ମଠ, ନଙ୍ଗୁଳି ମଠ ସହ ଅନେକ ମଠଗୁଡ଼ିକୁ ଭାଙ୍ଗିଦିଆଯାଇଥିଲା। ଏବେ ସେହି ସବୁ ମଠ ମନ୍ଦିର ଗୁଡ଼ିକୁ ପୁନଃର୍ବାସ କରିବାକୁ ନିଷ୍ପତ୍ତି ନେଇଛନ୍ତି ମୋହନ ସରକାର। ଏଥିପାଇଁ ବିଧିବଦ୍ଧ ଭାବରେ ଜାଗା ଚିହ୍ନଟ ହୋଇ ସାରିଛି। ଭକ୍ତମାନଙ୍କ ପୂଜାବିଧି ସୁବିଧାକୁ ଦୃଷ୍ଟିରେ ରଖି ମଠ ଓ ମନ୍ଦିର ନିର୍ମାଣ କରାଯିବ। ସରକାରଙ୍କ ଏଭଳି ନିଷ୍ପତ୍ତିକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନିର୍ମାଣ ପାଇଁ ଶ୍ରୀକ୍ଷେତ୍ରରେ ଥିବା ବିଭିନ୍ନ ପୁରାତନ ମଠ ଓ ମନ୍ଦିରଗୁଡ଼ିକୁ ଭଙ୍ଗା ଯାଇଥିଲା। ଯାହାକୁ ନେଇ ସେତେବେଳେ ବିଭିନ୍ନ ମହଲରେ ଅସନ୍ତୋଷ ସାମ୍ନାକୁ ଆସିଥିଲା। ହେଲେ ଏବେ ମୋହନ ସରକାରଙ୍କ ମଠ ମନ୍ଦିର ପୁନଃର୍ବାସ ନିଷ୍ପତ୍ତି ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।


# ସରକାର କିଣିବେ ଆଦିବାସୀଙ୍କ ଜମି : ମନ୍ତ୍ରୀ



**ଭୁବନେଶ୍ୱର :** ପ୍ରତିପତ୍ତି ବା ଧନୀ ଲୋକ ଆଉ ଚାପ ପକାଇ ଅନୁସୂଚିତ ଜନଜାତି ଓ ଜାତି ଲୋକଙ୍କ ଜମି ହଡ଼ପ କରିପାରିବେନି। ଏଣିକି ସରକାର କିଣିବେ ଆଦିବାସୀଙ୍କ ଜମି। ଅନୁସୂଚିତ ଜନଜାତି ଓ ଜାତି ବର୍ଗର ଲୋକଙ୍କ ଜମି କିଣିବେ ରାଜ୍ୟ ସରକାର। ଏଥିପାଇଁ ଖୁବଶୀଘ୍ର ସରକାର କର୍ପସ ଫଣ୍ଡ ଗଠନ କରିବାକୁ ଚିନ୍ତା କରୁଛନ୍ତି। ଏଥିପାଇଁ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ସରକାରୀ କମିଟି ଗଠନ କରାଯାଇଛି। କମିଟିରେ ଏସ୍‌ଟି ଏସ୍‌ଟି ବିଭାଗରର ପ୍ରମୁଖ ସଚିବ, ଏସ୍‌ସି ଏସ୍‌ଟି ବିଭାଗର ନିର୍ଦ୍ଦେଶକ, ବିଶେଷଜ୍ଞ, କିଛି ଅଭିଜ୍ଞ ଅଧିକାରୀ ରହିବେ। ସେମାନେ ଏ ବାବଦରେ ନିରୀକ୍ଷଣ କରି ରିପୋର୍ଟ ଦେବେ। ଏହାସହ ଅନୁସୂଚିତ ଜନଜାତି ଓ ଜାତି ମାନଙ୍କର ସଙ୍ଗଠନ, ବିଭିନ୍ନ ରାଜନୈତିକ ଦଳ, ଏସ୍‌ସି ଏବଂ ଏସ୍‌ଟି ବିଭାଗର ଗୃହ କମିଟି, ବିଧାୟକ ମାନଙ୍କର ପରାମର୍ଶ ମଧ୍ୟ ନିଆଯିବଃ ସମସ୍ତଙ୍କ ପରାମର୍ଶ ନେଇ କମିଟି ରିପୋର୍ଟ ଦେଲା ପରେ ନିଷ୍ପତି ନିଆଯିବ ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ। ଝିଅ ବାହାଘର, ସ୍ୱାସ୍ଥ୍ୟ ଚିକିତ୍ସା ଓ ପିଲାଙ୍କ ଉଚ୍ଚ ଶିକ୍ଷା ପାଇଁ ଜମି ବିକ୍ରି କରିବାକୁ ଚାହୁଁଥିଲେ ସରକାର କିଣିବେ। ସରକାର ଉକ୍ତ ଜମିକୁ ୨ ରୁ ୩ ବର୍ଷ ପର୍ଯ୍ୟନ୍ତ ସୁରକ୍ଷିତ କରି ରଖିବେ। ପରେ ଜମି ମାଲିକ ଚାହିଁଲେ ପୁଣି ସରକାରଙ୍କ ଠାରୁ ସେହି ଜମି କିଣିପାରିବେ। କିନ୍ତୁ ଯଦି ଜମି ମାଲିକ ଆଉ ଜମି ଫେରାଇ ନେବାକୁ ଚାହିଁବେ ନାହିଁ। ତେବେ ଅନୁସୂଚିତ ଜନଜାତି ଲୋକଙ୍କ ପାଖରୁ କିଣା ଯାଇଥିବା ଜମି ସେହି ବର୍ଗର ଲୋକଙ୍କୁ ହିଁ ନିଲାମ କରାଯିବ। ଅନୁସୂଚିତ ଜାତି ବର୍ଗର ଲୋକଙ୍କ ଜମି ସେହି ବର୍ଗର ଲୋକଙ୍କୁ ନିଲାମ କରାଯିବ।


PLOT FOR SALE

MOUZA:BHOLA



N.H. Bye Pass (Old Trunk Road), Near ASBM College, Chandaka, Bhubaneswar, Odisha

Contact : 8658607286


## କୋଟିଆ ପାଇଁ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ପଦକ୍ଷେପ

# ଟାସ୍କ ଫୋର୍ସ କମିଟି ଗଠନ

**କୋଟିଆ :** କୋଟିଆ ପାଇଁ ଫୋକସରେ ରାଜ୍ୟ ସରକାର। କୋଟିଆର ବିକାଶ ପାଇଁ ଗଠନ ହେଲା ସ୍ୱତନ୍ତ୍ର ଟାସ୍କ ଫୋର୍ସ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୁଜାରୀଙ୍କ ଅଧକ୍ଷତାରେ ଗଠନ ହୋଇଛି କମିଟି। ୧୬ ଜଣକୁ ନେଇ ଗଠିତ କମିଟିରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଜସ୍ୱ ବିଭାଗ, ଅତିରିକ୍ତ ମୁଖ୍ୟ ଶାସନସଚିବ ଗୃହ ବିଭାଗ, ପ୍ରମୁଖ ଶାସନସଚିବ ଅନୁସୂଚିତ ଜାତି ଓ ଜନଜାତି, ଗ୍ରାମ୍ୟ ଉନ୍ନୟନ ବିଭାଗ ସଚିବ, ଶ୍ରମ ଓ କର୍ମ ନିଯୁକ୍ତି ବିଭାଗ ସଚିବ, ଖାଦ୍ୟ ଓ ଯୋଗାଣ ବିଭାଗ ସଚିବ,





ଓଡ଼ିଆ ଭାଷା ଓ ସାହିତ୍ୟ ସଂସ୍କୃତି ବିଭାଗ ସଚିବ, ଆଇନ ବିଭାଗ ସଚିବ, ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗର ସଚିବ, ପଞ୍ଚାୟତିରାଜ ପାନୀୟ ଜଳ ବିଭାଗ ସଚିବ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ, ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର,ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ସହ କୋରାପୁଟ ଜିଲ୍ଲାପାଳ ଓ ଏସପି ରହିଛନ୍ତି। କମିଟି ଆସନ୍ତା ଦିନରେ କୋଟିଆରେ ଚାଲୁଥିବା ଉନ୍ନୟନମୂଳକ କାର୍ଯ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ ଗମନାଗମନର ସ୍ଥିତି ଅନୁଧ୍ୟାନ କରିବେ। କୋଟିଆରେ ଓଡ଼ିଆ ଅସ୍ମିତାକୁ ନେଇ କାର୍ଯ୍ୟ କରିବ କମିଟି। ଓଡ଼ିଶା ମାଟିରେ ପିଲା ପାଠ ପଢ଼ିବେ ଓଡ଼ିଆ ଯାହାକୁ ନେଇ କମିଟି କାମ କରିବ। କୋଟିଆର ବିକାଶକୁ ନେଇ ରାଜ୍ୟ ସରକାର ନେଇଛନ୍ତି ସ୍ୱତନ୍ତ୍ର ପଦକ୍ଷେପ।




PLOT FOR SALE

MOUZA : JUJHAGADA
(Back side of Nandankanan Zoo)
BHUBANESWAR
*Contact : 865807286 / 8917571455*



MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30th Approch Road
*Contact : 8658607286 / 8917571455*


# ଭାରତ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି ଓଡ଼ିଶା : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** କଟକ-ଭୁବନେଶ୍ୱରର ୨୨ ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କ ନିମନ୍ତେ ଅପରାଧ ନିୟନ୍ତ୍ରଣ, ଆଇନ ଶୃଙ୍ଖଳା ରକ୍ଷା ଏବଂ ଟ୍ରାଫିକ୍ ସମସ୍ୟା ଦୂର କରିବା ଇତ୍ୟାଦିରେ ଆମ କମିଶନରେଟ ପୋଲିସ ଦକ୍ଷତାର ସହ କାର୍ଯ୍ୟ କରୁଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର କଟକ କମିଶନରେଟ ପୋଲିସର ୧୭ତମ ସ୍ଥାପନା ଉତ୍ସବ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି। ଏହି ଉପଲକ୍ଷେ ଭୁବନେଶ୍ୱର ୭ମ ବାଟାଲିଅନ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ଦେଶରେ ଥିବା ସମସ୍ତ କମିଶନରେଟ ପୋଲିସ ମଧ୍ୟରେ ଭୁବନେଶ୍ୱର-କଟକ କମିଶନରେଟ ଏକ ଦକ୍ଷ, ଉନ୍ନତ, ଦାୟିତ୍ୱବାନ୍ ଓ ସମ୍ବେଦନଶୀଳ ପୋଲିସ ଭାବରେ ଜନସାଧାରଣଙ୍କୁ ସେବା ଯୋଗାଇ ଦେଇ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଗତ ୧୧ ମାସ କମିଶନରେଟ ପୋଲିସ ପାଇଁ ଘଟଣା ବହୁଳ ଥିଲା। ଏହି ସମୟ ମଧ୍ୟରେ ଭୁବନେଶ୍ୱରରେ ଅନେକ ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସୁରକ୍ଷା ଦୃଷ୍ଟିରୁ ସମ୍ପୂର୍ଣ୍ଣ ତୃଟିଶୂନ୍ୟ ଭାବେ ଏସବୁ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ହୋଇଛି। ଏ ସମସ୍ତ କାର୍ଯ୍ୟକ୍ରମକୁ ସୂଚାରୁରୂପେ ଏବଂ ଶୃଙ୍ଖଳାର ସହିତ ପାଳନ କରିବା ନିମନ୍ତେ ପୋଲିସବାହିନୀ ଅକ୍ଲାନ୍ତ ପରିଶ୍ରମ କରି ଓଡ଼ିଶାକୁ ଏକ ସୁଦକ୍ଷ ଓ ଆଦର୍ଶ ଆୟୋଜକର ମାନ୍ୟତା ଦେଇଛନ୍ତି। ସେ ପୁଣି କହିଥିଲେ ଯେ, ଆଜି ଭାରତ ମାନଚିତ୍ରରେ ଆମ ରାଜ୍ୟ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ବିକଶିତ ଭାରତ ଗଠନରେ ଓଡ଼ିଶାର ଅଗ୍ରଣୀ ଭୂମିକା ରହିବ ଏବଂ ଏଥିପାଇଁ ପୋଲିସର ଗୁରୁତ୍ୱପୂର୍ଣ୍ଣ ଭୂମିକା ମଧ୍ୟ ରହିବ। ଭୁବନେଶ୍ୱରରେ ପ୍ରଥମ ଥର ପାଇଁ ଆୟୋଜିତ ହୋଇଥିବା ଡିଜିପି-ଆଇଜିପି ସମ୍ମିଳନୀରେ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ କାଉଣ୍ଟର ଟେରୋରିଜିମ, କୋଷ୍ଟାଲ ସିକ୍ୟୁରିଟ୍, ସାଇବର କ୍ରାଇମ୍ ଓ ଅର୍ବାନ ପୋଲିସିଂରେ ଉନ୍ନତି ଆଣିବା ନିମନ୍ତେ ଗୁରୁତ୍ୱ ଦେଇଛନ୍ତି। ଏହା ଆମ କମିଶନରେଟ ପୋଲିସ ପାଇଁ ଏକ ବଡ଼



ଆହ୍ୱାନ। ଆମ ସରକାରଙ୍କ ପୂର୍ଣ୍ଣ ସହଯୋଗରେ ଓଡ଼ିଶା ପୋଲିସ ସେ ଆହ୍ୱାନକୁ ସଫଳତାର ସହ ସମ୍ମୁଖୀନ ହେବ। ମୁଖ୍ୟମନ୍ତ୍ରୀ କହିଥିଲେ ଆମ ସରକାର, ଲୋକଙ୍କ ସରକାର। ପୋଲିସ ନିଜକୁ ଲୋକମାନଙ୍କ ବନ୍ଧୁ ଭାବେ ଭାବିବା ଉଚିତ। ଲୋକଙ୍କ ସୁବିଧା ଅସୁବିଧାରେ ରହି ସେମାନଙ୍କ ପାଇଁ ଆସୁଥିବା ସମସ୍ତ ଚ୍ୟାଲେଞ୍ଜକୁ ସାମ୍ନା କରି ଲୋକଙ୍କ ଧନ, ଜୀବନର ସୁରକ୍ଷାକୁ ସୁନିଶ୍ଚିତ କରିବା ଦରକାର। ଆପଣମାନେ ଜନସାଧାରଣଙ୍କ ସମସ୍ତ ଅଭିଯୋଗ ଓ ଅସୁବିଧାକୁ ସମ୍ବେଦନଶୀଳ ଭାବେ ବିବେଚନା କରି ନ୍ୟାୟ ପ୍ରଦାନ କରିବା ଅତ୍ୟନ୍ତ ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସମାଜର ସବୁ ସ୍ତରର, ସବୁ ବର୍ଗର ଲୋକଙ୍କୁ ଓ ସବୁ ଶ୍ରେଣୀର ଲୋକ ଯେପରି ପୋଲିସ ପାଖରୁ ଉପଯୁକ୍ତ ନ୍ୟାୟ ପାଇବେ ସେ ଦିଗରେ ପରାମର୍ଶ ଦେଇଥିଲେ। ସାଇବର ଅପରାଧକୁ ମୁକାବିଲା କରିବା ପାଇଁ ଯାନ୍ତ୍ରିକ ଗ୍ୟାଜେଟ୍, ଉପକରଣ ଇତ୍ୟାଦି ଯୋଗାଇ ଦେବା ପାଇଁ ସରକାର ବ୍ୟବସ୍ଥା କରିଛନ୍ତି। ସବୁ ଜିଲ୍ଲାରେ ସାଇବର ପୋଲିସ ଷ୍ଟେସନ ସ୍ଥାପନା ହୋଇଛି। ଆଗାମୀ ଦିନରେ ଏ ଗୁଡ଼ିକୁ ଆହୁରି ସଶକ୍ତ ଓ ସୁଦକ୍ଷ କରାଯିବ। ବସ୍ତି ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ଓ ଉତ୍ତମ ପରିବେଶ ସୃଷ୍ଟି ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ସେ ଆହୁରି କହିଥିଲେ ଆମ ସରକାର ପୋଲିସ ବାହିନୀର ମାନବ ସମ୍ବଳ, ଭିତ୍ତିଭୂମି ଇତ୍ୟାଦିର ଉନ୍ନତି ପାଇଁ ପଦକ୍ଷେପ ନେଉଛନ୍ତି। ପୋଲିସ ଅଧୁନିକୀକରଣ ନିମନ୍ତେ ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ଭିଜନ 'ସ୍ମାର୍ଟ ପୋଲିସିଂ' ଉପରେ ଗୁରୁତ୍ୱ ଦେଇ ସ୍ମାର୍ଟ ପୋଲିସର ଗଠନର ଉଦ୍ଦେଶ୍ୟକୁ ପୂରଣ କରିବା ନିମନ୍ତେ ଆମ ସରକାର ବଦ୍ଧପରିକର। ପୋଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ କହିଥିଲେ ଯେ, କମିଶନରେଟ ପୋଲିସର ଏହି ୧୭ ବର୍ଷ ଯାତ୍ରା ଭିତରେ ଅନେକ ଆହ୍ୱାନର ସଫଳତାର ସହ ମୁକାବିଲା କରି ଆଜି ଦେଶର ଅନ୍ୟତମ ଶ୍ରେଷ୍ଠ କମିଶନରେଟ ଭାବେ ଏହା ପ୍ରତିଷ୍ଠିତ ହୋଇଛି। ଅପରାଧ ନିରାକରଣ, ଅପରାଧର ଅନୁସନ୍ଧାନ ଏବଂ ଦୋଷୀକୁ ନ୍ୟାୟିକ ଦଣ୍ଡ ଦେବା ବ୍ୟବସ୍ଥାରେ କମିଶନରେଟ ପୋଲିସ ପ୍ରଂଶସା ଯୋଗ୍ୟ ସଫଳତା ପାଇଛି। ମୁଖ୍ୟମନ୍ତ୍ରୀଙ୍କ ଦୂରଦର୍ଶିତା ତଥା ଜନସାଧାରଣଙ୍କୁ ଉଚିତ ଏବଂ ଉନ୍ନତ ସେବା ଯୋଗାଇବାର ଆହ୍ୱାନକୁ ପାଳନ କରି ଆଜି ପୋଲିସ ନିଜର କାର୍ଯ୍ୟଦକ୍ଷତା ମାଧ୍ୟମରେ ଜନସାଧାରଣଙ୍କ ନିକଟତର ହୋଇଛି। ନିକଟରେ ଏକ ଅନ୍ଧୁଣୀ ମା'କୋଳକୁ ଅପହରଣ ହୋଇଥିବା ତା'ର ଶିଶୁକୁ ଉଦ୍ଧାର କରି ହସ୍ତାନ୍ତର କରାଯାଇଥିଲାଫ ଏହି ଘଟଣା ପରେ ଜନସାଧାରଣ ଆଗରେ ପୋଲିସର ଭାବମୂର୍ତ୍ତି ଆହୁରି ଉଜ୍ଜ୍ୱଳ ହୋଇପାରିଛି। ଏକ ସୁରକ୍ଷିତ ସମାଜ ଏବଂ ପ୍ରେରଣାଦାୟୀ ପୋଲିସ ବ୍ୟବସ୍ଥା ପାଇଁ କମିଶନରେଟ ପୋଲିସର ପ୍ରତ୍ୟେକ କର୍ମଚାରୀ ନିଃସ୍ୱାର୍ଥପର ଭାବେ ଜନସାଧାରଣଙ୍କ ପାଇଁ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ।


Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ

Editor : **Tarak Mohanty**
ସମ୍ପାଦକ : ତାରକ ମହାନ୍ତି